



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 309 | ଭାଗ ୩୨ | ସଂଖ୍ୟା ୩୦୯ | Bhubaneswar | Sunday 2 February 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




# ମଧ୍ୟବିତ୍ତଙ୍କୁ ‘ମୋଦିବୁଷ୍ଟର’

- ବଜେଟ ପରିମାଣ ୫୦ ଲକ୍ଷ ୬୫ ହଜାର ୩୪୫ କୋଟି
- ୧୨ ଲକ୍ଷ ବାର୍ଷିକ ଆୟ ଉପରେ ଆୟକର ଶୂନ
- ବିକାଶର ୪ଟି ଇଞ୍ଜିନ କୃଷି, ଏମ୍ଏସ୍ଏମ୍ଇ, ନିବେଶ ଓ ରପ୍ତାନୀ
- ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଫାଇଦା ପାଇବେ ୧.୭ କୋଟି କୃଷକ
- କେସିସି ଜରିଆରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ
- ଏମ୍ଏସ୍ଏମ୍ଇ ପାଇଁ ୧୦ କୋଟି ପର୍ଯ୍ୟନ୍ତ ଋଣ
- ୫ ବର୍ଷରେ ସରକାରୀ ବିଦ୍ୟାଳୟରେ ୫୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍
- ଏଆଇ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ପାଇଁ ୫୦୦ କୋଟି ବ୍ୟୟ ଅଟକଳ
- ୧୨୦ ନୂତନ ଗନ୍ତବ୍ୟସ୍ଥଳକୁ ଉଡ଼ାନ ଯୋଜନା
- ଘରୋଇ ଗବେଷଣା ପାଇଁ ୨୦ ହଜାର କୋଟି
- ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ୧୦୦ ପ୍ରତିଶତ
- ୩୬ ଜୀବନ ରକ୍ଷାକାରୀ ଔଷଧ ଉପରେ ବିସିଡି ଛାଡ଼

**ନୂଆଦିଲ୍ଲୀ,୧।୨:** କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି। ନିର୍ମଳାଙ୍କ ଏହି ବଜେଟ୍‌ର ମୋଟ ପରିମାଣ ୫୦ ଲକ୍ଷ ୬୫ ହଜାର ୩୪୫ କୋଟି ହୋଇଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ। ମୋଦି ସରକାରର ତୃତୀୟ ପାଳିରେ ବିକାଶର ୪ ଇଞ୍ଜିନ୍ କୃଷି, ଏମ୍ଏସ୍ଏମ୍ଇ, ନିବେଶ ଓ ରପ୍ତାନୀ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ମଧ୍ୟବିତ୍ତ ଓ ଆୟକରଦାତାଙ୍କୁ ସବୁଠାରୁ ବଡ଼ ଉପହାର ଦିଆଯାଇଛି। ଏଣିକି ବାର୍ଷିକ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଆୟକରକୁ ଶୂନ କରିଦିଆଯାଇଛି। ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥ ମନ୍ତ୍ରୀ ତେଲୁଗୁ କବି ତଥା ନାଟ୍ୟକାର ଗୁରଜାଦା ଅପ୍ପା ରାଓଙ୍କ ପ୍ରସିଦ୍ଧ ଉକ୍ତି ‘ଗୋଟିଏ ଦେଶ କେବଳ ଏହାର ମାଟି ନୁହେଁ, ଗୋଟିଏ ଦେଶ ଏହାର ନାଗରିକଙ୍କୁ ନେଇ ଆଧାରିତ’ ଉଚ୍ଚାରଣ କରିଥିଲେ। ଅର୍ଥମନ୍ତ୍ରୀ ସମସ୍ତ ଅଞ୍ଚଳର ସନ୍ତୁଳିତ ବିକାଶକୁ ଉତ୍ସାହିତ କରୁଥିବା ‘ସବକା ବିକାଶ’ ଲକ୍ଷ୍ୟ ସହିତ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ।

ବଜେଟ୍‌ରେ ଶୂନ୍ୟ ଦାରିଦ୍ର୍ୟ, ଶତପ୍ରତିଶତ ଉତ୍ତମ ମାନର ବିଦ୍ୟାଳୟ ଶିକ୍ଷା, ଉଚ୍ଚମାନ, ସୁଲଭ ଓ ବ୍ୟାପକ ସ୍ୱାସ୍ଥ୍ୟସେବା, ଅର୍ଥପୂର୍ଣ୍ଣ ନିଯୁକ୍ତି ସହ ଶତପ୍ରତିଶତ କୁଶଳୀ ଶ୍ରମିକ, ଆର୍ଥିକ କାର୍ଯ୍ୟକଳାପରେ ୭୦ ପ୍ରତିଶତ ମହିଳା ନୀତି ଉପରେ ଫୋକସ୍ କରାଯାଇଥିବା ବେଳେ କୃଷକମାନେ ଆମ ଦେଶକୁ ‘ବିଶ୍ୱର ଖାଦ୍ୟ ପାତ୍ର’ରେ ପରିଣତ କରୁଛନ୍ତି ବୋଲି ନିର୍ମଳା କହିଛନ୍ତି।

ବିକାଶର ପ୍ରଥମ ଇଞ୍ଜିନ କୃଷିରେ ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଗ୍ରହଣ, ଅମଳ ପରବର୍ତ୍ତୀ ସଂରକ୍ଷଣ ବୃଦ୍ଧି, ଜଳସେଚନ ସୁବିଧାରେ ଉନ୍ନତି ଏବଂ ଦୀର୍ଘକାଳୀନ ତଥା ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସୁଗମ କରିବା ପାଇଁ ୧୦୦ଟି ଜିଲ୍ଲାର ରାଜ୍ୟଙ୍କ ସହ ଭାଗିଦାରୀରେ ‘ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା’ ଘୋଷଣା କରାଯାଇଛି। ଦକ୍ଷତା, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ମାଧ୍ୟମରେ କୃଷି କ୍ଷେତ୍ରରେ କମ୍ ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ରାଜ୍ୟଗୁଡ଼ିକ ସହ ଭାଗିଦାରୀରେ ଏକ ବ୍ୟାପକ ବହୁକ୍ଷେତ୍ରୀୟ ‘ଗ୍ରାମୀଣ ସମୃଦ୍ଧି ଓ ନମନୀୟତା’ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯାହା ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା ସହ ଗ୍ରାମାଞ୍ଚଳର ମହିଳା, ଯୁବ କୃଷକ, ଯୁବକ, ନାମମାତ୍ର, କ୍ଷୁଦ୍ର ଚାଷୀ ଓ ଭୂମିହୀନ ପରିବାର ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ବଜେଟ୍ ଅଭିଭାଷଣରେ ନିର୍ମଳା କହିଛନ୍ତି ଯେ ସରକାର ହରଡ଼, ବିରି ଏବଂ ମସୁର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ୬ ବର୍ଷର ‘ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ଅଭିଯାନ’ ଆରମ୍ଭ କରିବେ। କେନ୍ଦ୍ରୀୟ ସଂସ୍ଥା (ନାଫେଡ୍ ଓ ଏନ୍‌ସିସିଏଫ୍) ଆଗାମୀ ୪ ବର୍ଷରେ କୃଷକଙ୍କଠାରୁ ଯୋଗାଣ ଅନୁସାରେ ଉପରୋକ୍ତ ୩ଟି ଡାଲି କିଣିବାକୁ ପ୍ରସ୍ତୁତ ରହିବେ। ଏହାଛଡ଼ା ପନିପରିବା ଓ ଫଳ ପାଇଁ ବ୍ୟାପକ କାର୍ଯ୍ୟକ୍ରମ, ଅଧିକ ଉତ୍ପାଦନକ୍ଷମ ବିହନ ଉପରେ ଜାତୀୟ ମିଶନ ଏବଂ କପା ଉତ୍ପାଦନ ପାଇଁ ଏକ ପାଞ୍ଚ ବର୍ଷର ମିଶନ ସହିତ କୃଷି ଓ ଆନୁସଙ୍ଗିକ କାର୍ଯ୍ୟକଳାପକୁ ପ୍ରମୁଖ ଉପାୟରେ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସଂଶୋଧିତ ସୁଧ ରିହାତି ଯୋଜନା ଅଧୀନରେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ମିଳୁଥିବା ଋଣ ସୀମାକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିପରି ଏମଏସଏମଇକୁ ବିକାଶର ଦ୍ୱିତୀୟ ଇଞ୍ଜିନ୍ ଭାବେ ବର୍ଣ୍ଣନା କରି ନିର୍ମଳା କହିଛନ୍ତି ଯେ ଦେଶରୁ ରପ୍ତାନୀ ହେଉଥିବା ସାମଗ୍ରୀର ୪୫ ପ୍ରତିଶତ ଏହି କ୍ଷେତ୍ରରୁ ଆସୁଛି। ତେଣୁ ସମସ୍ତ ଏମ୍ଏସ୍ଏମ୍ଇର ବର୍ଗୀକରଣ ପାଇଁ ନିବେଶ ଓ କାରବାର ସୀମାକୁ ଯଥାକ୍ରମେ ୨.୫ ଏବଂ ୨ ଗୁଣକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ, ଗ୍ୟାରେଣ୍ଟି କଭର ସହ ଋଣ ଉପଲବ୍ଧତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ୫ ଲକ୍ଷ ମହିଳା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପ୍ରଥମ ଥର ଉଦ୍ୟୋଗୀଙ୍କ ପାଇଁ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି, ଯାହା ଆଗାମୀ ୫ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ମିଆଦି ଋଣ ଯୋଗାଇଦେବ।

‘ମେଡ୍ ଇନ୍ ଇଣ୍ଡିଆ’ ବ୍ରାଣ୍ଡର ପ୍ରତିନିଧିତ୍ୱ କରୁଥିବା ଖେଳଣା ନିର୍ମାଣରେ ଦେଶକୁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରାଯିବ। ତା’ଛଡ଼ା ‘ମେକ୍ ଇନ୍ ଇଣ୍ଡିଆ’କୁ ଆଗକୁ ବଢ଼ାଇବା ପାଇଁ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ଉତ୍ପାଦନ ମିଶନ ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ସେହିପରି ତୃତୀୟ ଇଞ୍ଜିନ ଭାବେ ନିବେଶ ଉପରେ ଗୁରୁତ୍ୱ ଦେଇ ଅର୍ଥମନ୍ତ୍ରୀ ଆଗାମୀ ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ ୫୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି। ଭାରତନେଟ ପ୍ରକଳ୍ପ ଅଧୀନରେ ଗ୍ରାମାଞ୍ଚଳର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ପାଇଁ ଡିଜିଟାଲ ରୂପରେ ଭାରତୀୟ ଭାଷା ପୁସ୍ତକ ଉପଲବ୍ଧ କରାଇବା ପାଇଁ ଭାରତୀୟ ଭାଷା ପୁସ୍ତକ ଯୋଜନା କାର୍ଯ୍ୟକାରୀ କରାଯିବ। ‘ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ’ ଉତ୍ପାଦନ ପାଇଁ ଆବଶ୍ୟକ କୌଶଳ ସହ ଯୁବପିଢ଼ିକୁ ସଶକ୍ତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଓ ଭାଗିଦାରୀ ସହ ଦକ୍ଷତା ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଆହୁରି ଶିକ୍ଷା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ୫୦୦ କୋଟି ଟଙ୍କା ବ୍ୟୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଆହୁରି ସରକାର ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅସଂଗଠିତ ଶ୍ରମିକଙ୍କ ପରିଚୟ ➪ପୃଷ୍ଠା-୬






### କେଉଁ ବିଭାଗକୁ କେତେ ଟଙ୍କା

ପ୍ରତିରକ୍ଷା - ୪,୯୧,୭୩୨ କୋଟି
ଗ୍ରାମୀଣ ବିକାଶ - ୨,୬୬,୮୧୭ କୋଟି
ଗୃହ ମନ୍ତ୍ରାଳୟ - ୨,୩୩,୨୧୧ କୋଟି
କୃଷି - ୧,୭୧,୪୩୭ କୋଟି
ଶିକ୍ଷା - ୧,୨୮,୬୫୦ କୋଟି
ସ୍ୱାସ୍ଥ୍ୟ - ୯୮,୩୧୧ କୋଟି
ନଗର ଉନ୍ନୟନ - ୯୬,୭୭୭ କୋଟି
ସୂଚନା ଓ ପ୍ରଯୁକ୍ତିବିଦ୍ୟା - ୯୫,୨୯୮ କୋଟି
ଶକ୍ତି - ୮୧,୧୭୪ କୋଟି
ବାଣିଜ୍ୟ ଓ ଉଦ୍ୟୋଗ - ୬୫,୫୫୩ କୋଟି
ସମାଜ କଲ୍ୟାଣ - ୬୦,୦୫୨ କୋଟି
ବୈଜ୍ଞାନିକ ବିଭାଗ - ୫୫,୬୭୯ କୋଟି

| ବାର୍ଷିକ ଆୟ | ଟିକସ ହାର |
|---|---|
| ୦ରୁ ୪ ଲକ୍ଷ | ଶୂନ୍ୟ |
| ୪ରୁ ୮ ଲକ୍ଷ | ୫ ପ୍ରତିଶତ |
| ୮ରୁ ୧୨ ଲକ୍ଷ | ୧୦ ପ୍ରତିଶତ |
| ୧୨ରୁ ୧୬ ଲକ୍ଷ | ୧୫ ପ୍ରତିଶତ |
| ୧୬ରୁ ୨୦ ଲକ୍ଷ | ୨୦ ପ୍ରତିଶତ |
| ୨୦ରୁ ୨୪ ଲକ୍ଷ | ୨୫ ପ୍ରତିଶତ |
| ୨୪ ଲକ୍ଷରୁ ଉର୍ଦ୍ଧ୍ୱ | ୩୦ ପ୍ରତିଶତ |

### ଶସ୍ତା

ମେଡିକାଲ ଉପକରଣ, ମୋବାଇଲ, ଇ-ଭେହିକିଲ୍ କାର୍ ବ୍ୟାଟେରୀ, ଏଲଇଡି ଟିଭି, ଲିଥିୟମ ଆୟନ ବ୍ୟାଟେରୀ, କପଡ଼ା, ଜୋତା, ପର୍ସ, ଲେଦର ଜ୍ୟାକେଟ୍, ବୈଦ୍ୟୁତିକ ଉପକରଣ, କ୍ୟାନ୍ସର ଔଷଧ, ଫ୍ରୋଜନ୍ ଫିସ୍ ପେଷ୍ଟ, କୋବାଲ୍ଟ ପାଉଡର୍, ସାଟେଲାଇଟ୍ ଯନ୍ତ୍ରାଂଶ।

### ମହଙ୍ଗା

ଇଣ୍ଟରାକ୍ଟିଭ୍ ଫ୍ଲାଟ୍-ପ୍ୟାନେଲ୍ ଡିସପ୍ଲେ, ବୁଣା କପଡ଼ା, ବିଳାସପୂର୍ଣ୍ଣ ସାମଗ୍ରୀ, ମଦ୍ୟପାନ, ତମାଖୁ ଓ ପ୍ଲାଷ୍ଟିକ୍ ଉତ୍ପାଦ।

## ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ଓ ସ୍ୱପ୍ନର ବଜେଟ୍: ମୋଦି



**ନୂଆଦିଲ୍ଲୀ:** ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ୨୦୨୫-୨୬ ଉପସ୍ଥାପନ କରିଛନ୍ତି। ବଜେଟ୍‌କୁ ପ୍ରଶଂସା କରିବା ସହ ସଂସଦରେ ଅଭିଭାଷଣ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ଓ ସ୍ୱପ୍ନର ବଜେଟ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଭାରତର ବିକାଶଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ। ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାର ବଜେଟ୍ ଉପସ୍ଥାପିତ ହୋଇଛି। ଏହା ପ୍ରତିଟି ଭାରତୀୟଙ୍କ ସ୍ୱପ୍ନକୁ ପୂରଣ କରିବ। ବଜେଟ୍‌ରେ ଦେଶର ଅନେକ କ୍ଷେତ୍ର ଯୁବପିଢ଼ି ପାଇଁ ଖୋଲି ଦିଆଯାଇଛି। ସାଧାରଣ ନାଗରିକ ବିକଶିତ ଭାରତର ମିଶନକୁ ଉତ୍ସ ଯୋଗାଇବ। ଏହି ବଜେଟ ସାଧାରଣ ନାଗରିକଙ୍କ ସଞ୍ଚୟ ବଢ଼ାଇବ, ନିବେଶକୁ ପ୍ରୋତ୍ସାହିତ କରିବ ଓ ଅଭିବୃଦ୍ଧି ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଅର୍ଥମନ୍ତ୍ରୀ ଓ ତାଙ୍କ ଟିମକୁ ଏହି ସାଧାରଣ ଜନତା କୈନ୍ଦ୍ରିକ ବଜେଟ ପାଇଁ ଧନ୍ୟବାଦ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସାଧାରଣତଃ ବଜେଟର ଫୋକସ ସରକାରଙ୍କ ରାଜସ୍ୱ ➪ପୃଷ୍ଠା-୬

## ୭୪ ମିନିଟ୍‌ର ଭାଷଣରେ ୫୧ ଥର ‘ଟ୍ୟାକ୍ସ’ ଉଚ୍ଚାରଣ

**ନୂଆଦିଲ୍ଲୀ,୧।୨ (ସଂଚାର ବ୍ୟୁରୋ):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ଅବସରରେ ଦେଇଥିବା ଭାଷଣ ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ଦୀର୍ଘ ଏକ ଘଣ୍ଟା ୧୪ ମିନିଟ୍ ଅର୍ଥାତ୍ ୭୪ ମିନିଟ୍ ଧରି ନିଜର ଅଭିଭାଷଣ ରଖିଥିବା ଅର୍ଥମନ୍ତ୍ରୀ ଏହି ସମୟ ମଧ୍ୟରେ ସର୍ବାଧିକ ଥର ‘ଟ୍ୟାକ୍ସ’ ଶବ୍ଦ ଉଚ୍ଚାରଣ କରିଛନ୍ତି। ସେହିପରି ନିର୍ମଳା ୨୬ ଥର ଲେଖାଏଁ ଟିଡିଏସ୍ ଓ ଟିସିଏସ୍ ଶବ୍ଦ ଉଚ୍ଚାରଣ କରିଥିବା ବେଳେ ୨୨ ଥର ଲେଖାଏଁ କଷ୍ଟମ୍ସ ଓ ଟ୍ୟାକ୍ସପେୟର୍ ଶବ୍ଦ ଉଚ୍ଚାରଣ କରିଛନ୍ତି। ସେହିପରି ତାଙ୍କ ଅଭିଭାଷଣରେ ୨୦ ଥର ଲେଖାଏଁ ମେଡିକାଲ୍, ରିଫର୍ମ ଓ ଚାଷୀ ଶବ୍ଦ ରହିଥିଲା। ଆହୁରି କେନ୍ଦ୍ର ଅର୍ଥ ମନ୍ତ୍ରୀ ତାଙ୍କର ସୁଦୀର୍ଘ ଅଭିଭାଷଣରେ ୧୮ ଥର ସ୍କିମ୍ ଶବ୍ଦ ଉପଯୋଗ କରିଥିବା ବେଳେ ୧୭ ଥର ଏକ୍ସପୋର୍ଟ ଓ ୧୫ ଥର ଏମ୍ଏସ୍ଏମ୍ଇ ଶବ୍ଦ ଉଚ୍ଚାରଣ କରିଛନ୍ତି। ଆହୁରି ମଧ୍ୟ ନିର୍ମଳା ୮ ଥର ପୂର୍ବୋତ୍ତର ଶବ୍ଦର ବ୍ୟବହାର କରି ମୋଦି ସରକାର ପୂର୍ବୋତ୍ତର ଭାରତକୁ ଅଧିକ ପ୍ରାଧାନ୍ୟ ଦେଉଥିବା ସ୍ପଷ୍ଟ କରିଛନ୍ତି।

## ଅର୍ଥନୀତିକୁ ସମୃଦ୍ଧ କରିବ ନିର୍ମଳାଙ୍କ ବଜେଟ୍



**ଭୁବନେଶ୍ୱର:** ଶନିବାର ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ କେନ୍ଦ୍ର ଅର୍ଥମନ୍ତ୍ରୀ ଆଜି ଉପସ୍ଥାପନ କରିଥିବା ବଜେଟ୍ ଐତିହାସିକ। ଏଥର ବଜେଟର ଆକାର ରେକର୍ଡ ୫.୬୫ ଲକ୍ଷ କୋଟି ଟଙ୍କା, ଯାହା ଦେଶର ପ୍ରଗତି ଓ ବିକାଶକୁ ଏକ ନୂତନ ଦିଶା ଦେବ। ସାମଗ୍ରିକ ଭାବେ ଚଳିତ ବଜେଟ ସମାଜର ପ୍ରତି ବର୍ଗ ପାଇଁ ଉଦ୍ଦିଷ୍ଟ। ଚାଷୀ, ଦିନମଜୁରିଆ, ମଧ୍ୟମ ବର୍ଗ, ଚାକିରିଆ, ମହିଳା, ଯୁବ, ଛାତ୍ର ସମସ୍ତଙ୍କ ପାଇଁ ଏହି ବଜେଟରେ କିଛି ନା କିଛି ଭଲ ଖବର ରହିଛି। ମଧ୍ୟବିତ୍ତ ପରିବାରଙ୍କ ଆଶାଆକାଂକ୍ଷାକୁ କେନ୍ଦ୍ର ସରକାର ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଆୟକର ସୀମାରେ ➪ପୃଷ୍ଠା-୬

## ଯୁବପିଢ଼ିଙ୍କ ଆବଶ୍ୟକତା ପୂରଣ କରିବ: ଧର୍ମେନ୍ଦ୍ର



**ଭୁବନେଶ୍ୱର:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଉପସ୍ଥାପନ କରିଥିବା କେନ୍ଦ୍ରୀୟ ବଜେଟ୍ ଦେଶର ସବୁ ବର୍ଗର ଆବଶ୍ୟକତାକୁ ପୂରଣ କରିବ। ବିଶେଷକରି ଶିକ୍ଷା ପାଇଁ କେନ୍ଦ୍ର ସରକାର ୧.୨୮ ଲକ୍ଷ କୋଟି ଟଙ୍କା ବରାଦ କରିଥିବାରୁ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି। ନିର୍ମଳାଙ୍କ ବଜେଟ୍ ବିକଶିତ ଭାରତର ସଂକଳ୍ପ ପାଇଁ ଏକ ଐତିହାସିକ, ଭବିଷ୍ୟତବାଦୀ ଓ ସନ୍ତୁଳିତ ବଜେଟ୍ ବୋଲି କହିବା ସହ ଗୋଟିଏ ଶିଶୁ ଜନ୍ମ ହେବା ପରଠାରୁ ଆରମ୍ଭ କରି ଉଚ୍ଚସ୍ତରୀୟ ଗବେଷଣା ଓ ଦକ୍ଷତା ବୃଦ୍ଧି ପର୍ଯ୍ୟନ୍ତ ତଥା ମାନବ ପୁଞ୍ଜିର ସର୍ବାଙ୍ଗୀନ ବିକାଶକୁ ଏହି ବଜେଟ୍ ପୂରଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ବଜେଟ୍ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଦେଶର ଗରିବ, ମହିଳା, କୃଷକ, ଯୁବକ, ମଧ୍ୟବିତ୍ତ ଏବଂ ବଞ୍ଚିତ ବର୍ଗଙ୍କ ହିତରେ ଏକ ଉତ୍ସର୍ଗୀକୃତ ବଜେଟ୍ ଉପସ୍ଥାପନ କରାଯାଇଛି। ଏହି ବଜେଟ୍ ବିକଶିତ ଭାରତର ସଂକଳ୍ପକୁ ନୂଆ ଉଚ୍ଚତାରେ ପହଞ୍ଚାଇବ। ଏହି ବଜେଟ୍ ‘ସବକା ସାଥ୍, ସବକା ବିକାଶ’ର ସଂକଳ୍ପକୁ ସାକାର କରିବ। ବଜେଟ୍‌ରୁ ➪ପୃଷ୍ଠା-୬

## ଦରବୃଦ୍ଧି ଓ ନିଯୁକ୍ତିକୁ ଅଣଦେଖା କରିଛନ୍ତି କେନ୍ଦ୍ର ସରକାର: ନବୀନ



**ଭୁବନେଶ୍ୱର:** ଆଜି ଉପସ୍ଥାପିତ କେନ୍ଦ୍ରୀୟ ବଜେଟ୍‌ରେ ସାମ୍ପ୍ରତିକ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅହେତୁକ ଭାବେ ବଢ଼ିଥିଲେ, ଏଥିରୁ ଗରିବ ଜନସାଧାରଣଙ୍କୁ ମୁକ୍ତି ଦେବା ସକାଶେ କିଛି ବି ବ୍ୟବସ୍ଥା ହୋଇନଥିବା କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସକାଶେ କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍‌ରେ ସାମାନ୍ୟତମ ଉଦ୍ୟମ କରିନାହାନ୍ତି। ସେହିପରି ନିଯୁକ୍ତି ସଂକ୍ରାନ୍ତରେ ବି ବଜେଟ୍‌ରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ସୋସିଆଲ୍ ମିଡିଆ ‘ଏକ୍ସ’ରେ ନବୀନ ଉଲ୍ଲେଖ କରିଛନ୍ତି ଯେ ନିଯୁକ୍ତି ସୁଯୋଗ ଅଭାବରୁ ଯୁବପିଢ଼ି ହତାଶା ମଧ୍ୟ ଦେଇ ଗତି କରୁଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ୁଥିବାରୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ହିନସ୍ତା ହେଉଛନ୍ତି। ସେହିପରି ଓଡ଼ିଶା ନିୟମିତ ଭାବେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିଆସୁଥିଲେ ମଧ୍ୟ ପୁଣିଥରେ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ଦେଇନାହାନ୍ତି ବୋଲି ନବୀନ କହିଛନ୍ତି।



### କାନ ଡେରିଥା

ରାଷ୍ଟ୍ରପତିଙ୍କୁ ସନ୍ମାନ ଦେବା
କଂଗ୍ରେସ ଯେ ଶିଖିନାହିଁ
ମା ପୁଅ ଦୁହେଁ କୁହନ୍ତି ପ୍ରବଳ
କାମରେ କିଛି ବି ନାହିଁ
ପାରିବ କି କିଏ ସହି?
ବିଜେପି କରୁଛି ହଟଗୋଳ
ଏବେ
ସମ୍ଭାଳ କଂଗ୍ରେସ ଭାଇ।

*ଦେବାଶିଷ*

# ଗଣମାଧ୍ୟମ ପ୍ରତି ନିର୍ଦ୍ଦେଶକଙ୍କର ଏ କି ବ୍ୟବହାର?

- ତୁରନ୍ତ ହାଜର ପାଇଁ ଦେଉଛନ୍ତି ବାର୍ତ୍ତା
- ୫-ଟି ଷ୍ଟାଇଲ୍‌ରେ ଏବେ ବି ଶାସନ



Saroj Samal Ipr Dir
Dear media personnel
Please report at Biju Patnaik Airport immediately. Hon'ble CM will speak to media on the budget. In next ten minutes only.
3:34 pm

**ଭୁବନେଶ୍ୱର,୧।୨ (ସଂଚାର ବ୍ୟୁରୋ):** ରାଜଧାନୀର ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ନିଜ ଦପ୍ତରର ଚତୁର୍ଥ ଶ୍ରେଣୀ ଓ ଠିକା କର୍ମଚାରୀଙ୍କ ଭଳି ବ୍ୟବହାର କରୁଛନ୍ତି। ବିଭାଗ ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସାମ୍ବାଦିକଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିବାବେଳେ ନିର୍ଦ୍ଦେଶକଙ୍କର ଏଭଳି ଆଚରଣ ଏବେ ରାଜଧାନୀ ସାମ୍ବାଦିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତକାର ନେବା ପାଇଁ ବିମାନବନ୍ଦରରେ ପହଞ୍ଚିବାକୁ ଖୋଦ୍ ନିର୍ଦ୍ଦେଶକ ସାମ୍ବାଦିକମାନଙ୍କୁ ବାର୍ତ୍ତା ପଠାଇଛନ୍ତି। ହେଲେ ବାର୍ତ୍ତାଟି ଯେଉଁ ଢଙ୍ଗରେ ଲେଖାଯାଇଛି, ତାହା ଠିକ୍ ନିର୍ଦ୍ଦେଶକ ମହାଶୟ ତାଙ୍କ ଦପ୍ତରର ଚତୁର୍ଥଶ୍ରେଣୀ କିମ୍ବା ଠିକା କର୍ମଚାରୀଙ୍କୁ ବ୍ୟବହାର କଲାଭଳି’ ବାର୍ତ୍ତାରେ ଲେଖା ଅଛି, ତୁରନ୍ତ ଆସି ବିମାନବନ୍ଦରରେ ରିପୋର୍ଟ କର’ ହେଲେ ସାମ୍ବାଦିକମାନେ କାହାକୁ ରିପୋର୍ଟ କରିବେ, ତାହା ଜାଣିପାରୁନାହାନ୍ତି’ ନିର୍ଦ୍ଦେଶକ ତ ଦୂରର କଥା ପୂର୍ବରୁ ବିଭାଗର କୌଣସି ସୂଚନା ଅଧିକାରୀ ମଧ୍ୟ ଏଭଳି ତାଗିଦାଭରା ଆଦେଶ ଦେଇଥିବାର ନଜିର ନାହିଁ

ତେବେ ସାମ୍ବାଦିକ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ନିର୍ଦ୍ଦେଶକ ମହାଶୟ ଏବେ ବି ୫-ଟି ଷ୍ଟାଇଲରେ ଶାସନ ଚଳାଇଛନ୍ତି। ତାଙ୍କ ମୁଣ୍ଡରୁ ଏବେବି ପୂର୍ବ ସରକାରର ଭୂତ ଓହ୍ଲାଇନାହିଁ। କାରଣ ପୂର୍ବ ସରକାରର ସିଏ ଗେହ୍ଲାପୁଅ ଥିଲେ। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ାର ଜିଲ୍ଲାପାଳ ପଦବୀରେ ବସାଯାଇଥିବାବେଳେ ଭାରତର ନିର୍ବାଚନ କମିଶନ ସେଠାରୁ ତଡ଼ିବାରୁ ତାଙ୍କୁ ଆଣି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ପଦବୀରେ ବସାଯାଇଥିଲା। ନିର୍ବାଚନ ସମୟରେ ବିଜେଡି ସରକାର ସପକ୍ଷରେ କିଭଳି ଗଣମାଧ୍ୟମକୁ ବ୍ୟବହାର କରାଯାଇଥିଲା ଓ ମନଇଚ୍ଛା ବିଜ୍ଞାପନ ଦିଆଯାଇଥିଲା, ତାକୁ ବି ସମସ୍ତେ ଦେଖିଛନ୍ତି। ଯିଏ ସରକାର ବିରୁଦ୍ଧରେ ପଦୁଟିଏ କହିଲା ବା ଲେଖିଲା, ତା’ ବିଜ୍ଞାପନ ବନ୍ଦକରି ଦିଆଯାଉଥିଲା।

ନିର୍ଦ୍ଦେଶକଙ୍କର ୫-ଟି ଶାସନ ଯୋଗୁଁ ସାମ୍ବାଦିକମାନଙ୍କର ସଚିବାଳୟ ପ୍ରବେଶ ବନ୍ଦ ହୋଇଗଲାଣି। କାରଣ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସଚିବାଳୟ ଯିବା ପାଇଁ ଆଉ ଗୋଟିଏ ସଚିବାଳୟ ପାସ୍ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ମିଳିଥିବା ଅଧିସ୍ୱୀକୃତି ପାସ୍ ବଡ଼ ନା ନିର୍ଦ୍ଦେଶକଙ୍କ ଦସ୍ତଖତରେ ମିଳୁଥିବା ସଚିବାଳୟ ପାସ୍ ବଡ଼, ତାହା ସାମ୍ବାଦିକମାନେ ଜାଣିପାରୁନାହାନ୍ତି। ନିର୍ଦ୍ଦେଶକ କିଭଳି ଏଭଳି ନିର୍ଦ୍ଦେଶନାମା ଜାରି କରି ଇତିହାସ ➪ପୃଷ୍ଠା-୬

## ଏନକାଉଣ୍ଟରରେ ୮ ନକ୍ସଲ ନିହତ



**ମାଲକାନଗିରି,୧।୨(ସଂଚାର ବ୍ୟୁରୋ):** ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷାକର୍ମୀଙ୍କୁ ଆଉ ଏକ ବଡ଼ ସଫଳତା ମିଳିଛି। ତୋଡକା ଜଙ୍ଗଲରେ ସୁରକ୍ଷା କର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହେବା ଫଳରେ ଏଥିରେ ୮ ଜଣ ନକ୍ସଲ ନିହତ ହୋଇଛନ୍ତି। ଏନେଇ ଶନିବାର ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗୁଳିବିନିମୟ ଜାରି ରହିଛି। ଏସଟିଏଫ୍, ଡିଆରଜି ଏବଂ ସିଆରପିଏଫ୍ ଯବାନଙ୍କ ମିଳିତ ଅପରେସନ ସମୟରେ ଏହି ବଡ଼ ସଫଳତା ମିଳିଛି। ବିଜାପୁରର ଗାଙ୍ଗାଲୁର ଥାନାଞ୍ଚଳରେ ଆଜି ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ନକ୍ସଲବିରୋଧୀ ଅପରେସନ୍ ଆରମ୍ଭ ➪ପୃଷ୍ଠା-୬

## ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ମରଣିକା ଉନ୍ମୋଚିତ



**କେନ୍ଦ୍ରାପଡ଼ା,୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଜଳ ଯୋଗାଣ ଶ୍ରମିକ କର୍ମଚାରୀମାନଙ୍କର ପ୍ରିୟ ନେତା ତଥା ରାଜ୍ୟ ସଭାପତି ଏବଂ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସରକାରୀ ଚାକିରିରୁ ଗତ ଜାନୁୟାରୀ ୩୧ ତାରିଖ ଦିନ ଅବସର ନେବା ପରିପ୍ରେକ୍ଷୀ ରେ ଆଜି ସ୍ଥାନୀୟ କେନ୍ଦ୍ରାପଡ଼ା ଜିଲ୍ଲା ପାନୀୟଜଳ ଯୋଗାଣ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ବର୍ଣ୍ଣୟ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପୂର୍ବତନ ବିଧାୟକ, ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ଇଂଜିନିୟର ବସନ୍ତ କୁମାର ସେନାପତି, ଜନସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଇଂଜିନିୟର ରତିନ୍ଦ୍ର କୁମାର ମଲ୍ଲିକ, ଅଧକ୍ଷଯନ୍ତ୍ରୀ ଇଂ ଅଜୟ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ବେହେରା, ଯାନ୍ତ୍ରିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି,କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ ରାଜ୍ୟ ସମ୍ପାଦକ ସୂଜିତି କୁମାର ନାୟକ, କେନ୍ଦ୍ରାପଡ଼ା ଯାନ୍ତ୍ରିକ ସଂଘର ସଂପାଦକ ସୁଶାନ୍ତ କୁମାର ନାୟକ,ଶ୍ରୀ ମହାନ୍ତିଙ୍କର ଶୃଙ୍ଖଳିତ ଚାକିରିକାଳରେ ଏବଂ କର୍ମଚାରୀମାନଙ୍କ ନେତୃତ୍ୱ ନେବାରେ ଏକ ନିଷ୍ଠାପର କର୍ମ ଦକ୍ଷତାର ପ୍ରଶଂସା କରିଥିଲେ। କେନ୍ଦ୍ରାପଡ଼ାର ସମସ୍ତ କର୍ମଚାରୀ ଶ୍ରୀ ମହାନ୍ତିଙ୍କୁ କର୍ମଚାରୀ ସେବା ସାଧକ ଭାବରେ ସମସ୍ତ ଅତିଥିମାନେ ପରିଚିତ କରାଇବା ସହିତ ସ୍ୱତନ୍ତ୍ର ସ୍ମରଣିକା "କର୍ମଚାରୀ ସେବା ସାଧକ" ବିଧାୟକ ଗଣେଶ୍ୱର ବେହେରା ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ କରକମଳରେ ଉନ୍ମଚନ ହୋଇଯାଇଛି । ଶ୍ରୀ ମହାନ୍ତି ଅନ୍ତରର ସହ ସମସ୍ତଙ୍କୁ ଧନ୍ୟବାଦ୍ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। କେନ୍ଦ୍ରାପଡ଼ାର କର୍ମଚାରୀମାନଙ୍କ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ରାଜନଗର ପଞ୍ଚାୟତ ବିଜେପି ପକ୍ଷରୁ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

**ରାଜନଗର,୧।୨ (ସଂଚାର ବ୍ୟୁରୋ):** ମହାମହିମ ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତ୍ରୀ ତଥା ସାଂସଦ ସୋନିଆ ଗାନ୍ଧୀଙ୍କ ଅପମାନ ଜନକ ଶବ୍ଦ



ପ୍ରୟୋଗ ରାଜନଗର ଅଞ୍ଚଳରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି। କେବଳ ବିଜେପି ମହଲ ରେ ନୁହେଁ ବୁଦ୍ଧିଜୀବୀ ମହଲରେ ମଧ୍ୟ ରାଷ୍ଟ୍ରପତିଙ୍କ ପ୍ରତି ଅପମାନଜନକ ଶବ୍ଦ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି। ଆଜି ସକାଳେ ରାଜନଗର ପଂଚାୟତ ବିଜେପି ପକ୍ଷରୁ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ରାଜନଗର ପଂଚାୟତ ବିଜେପି ନେତା ଶୂନ୍ୟବାସୀ ରଣାଙ୍କ ନେତୃତ୍ୱରେ ବିଜେପି କର୍ମୀ ମାନେ ରାଜନଗର ଥାନା ନିକଟରେ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ପ୍ରଦୀପ ଦାସ, ପ୍ରଫୁଲ ସେଠୀ, ଅଜୟ ମଳିକ, ବେଙ୍ଗୁଲୀ ସେଠୀ, ବିକାଶ ମଳିକ ପ୍ରମୁଖ ସାମିଲ ହୋଇଥିଲେ।

## ଅଙ୍ଗନବାଡି କେନ୍ଦ୍ରରେ ଶିଶୁକୁ ମାଡ଼ ଘଟଣା

# ୪ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ମହାକାଳପଡ଼ା,୧।୨ (ସଂଚାର ବ୍ୟୁରୋ):** ଅଙ୍ଗନବାଡି କେନ୍ଦ୍ରର ଜଣେ ୫ ବର୍ଷୀୟ ଶିଶୁକୁ କେନ୍ଦ୍ରର ସହାୟିକା ମାଡ଼ ମାରିଥିବା ଅଭିଯୋଗରେ ଶିଶୁଙ୍କ ଅଭିଭାବକ ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହାକାଳପଡ଼ା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ପରେ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସିଡିପିଓଙ୍କୁ ଦିଆଯାଇଥିବା ଅଭିଯୋଗକୁ ୪ ଦିନ ଓ ଥାନାରେ ଦିଆଯାଇଥିବା ଅଭିଯୋଗକୁ ୩ ଦିନ ପୁରିଲାଣି ହେଲେ କୌଣସି ପଦକ୍ଷେପ ଏଯାଏଁ ଗ୍ରହଣ କରାଯାଇ ନାହିଁ। ଯେଉଁଥିପାଇଁ ଉଦବେଗ ପ୍ରକାଶ କରିଛନ୍ତି ଅଭିଭାବକ। କାହିଁକି ଓ କ'ଣ ପାଇଁ ଏ ଘଟଣାରେ ଏପର୍ଯ୍ୟନ୍ତ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ ତାହାକୁ ନେଇ ଏବେ ସନ୍ଦେହ ବଢ଼ିଛି।

ଅଭିଯୋଗ ମୁତାବକ ମହାକାଳପଡ଼ା ବ୍ଲକ ବଳିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁଳୁବସନ୍ତ ଗ୍ରାମର ରିଲି ବେହେରାଙ୍କ ୫ ବର୍ଷୀୟ ଶିଶୁକୁ ସେହି




କେନ୍ଦ୍ରର ଦିଦି ସୁଲୋଚନା ଜେନାଙ୍କ ଅନୁପସ୍ଥିତିରେ ସହାୟିକା ଦୀପାମୟୀ ପରିଡ଼ା କୌଣସି କାରଣରୁ ମାଡ଼ ମାରିଥିଲେ। ଯାହା ଫଳରେ ଶିଶୁର ହାତଟି ଫୁଲିଯାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଶିଶୁର ମାଆ ରିଲି ବେହେରା ୨୯ ଜାନୁଆରୀ ବୁଧବାର ଦିନ ଶିଶୁ ବିକାଶ ଅଧିକାରିଣୀ କବିତା ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଶିଶୁ ଉପରେ ହୋଇଥିବା ମାଡ଼ ଘଟଣାରେ ସହାୟିକାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ

### ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକଙ୍କ ଦାବି

ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଘଟଣାର ଗୋଟିଏ ଦିନ ପରେ ଅର୍ଥାତ ୩୦ ତାରିଖ ଗୁରୁବାର ଦିନ ମହାକାଳପଡ଼ା ଥାନାରେ ସମାନ ଘଟଣା ଦର୍ଶାଇ ଉପଯୁକ୍ତ ନ୍ୟାୟ ପ୍ରଦାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି ରିଲି ବେହେରା। ହେଲେ ସବୁଠାରୁ ବଡ଼ କଥା ହେଉଛି ଯେ ଘଟଣାକୁ ୪ ଦିନ ପୂରିଥିଲେ ମଧ୍ୟ ସିଡିପିଓ କାର୍ଯ୍ୟାଳୟଙ୍କ ତରଫରୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ସେହିପରି ମହାକାଳପଡ଼ା ଥାନାରେ ଦିଆଯାଇଥିବା ଏତଲାକୁ ୩ ଦିନ ପୁରିଲାଣି ହେଲେ ଏଯାଏଁ ଏତଲା ପଞ୍ଜିକୃତ ହେଲା ନାହିଁ ବୋଲି ପରିବାର ଲୋକେ କହିଛନ୍ତି।

ଏନେଇ ଆମେ ମହାକାଳପଡ଼ା ସିଡିପିଓ କବିତା ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଯାହା ପଦକ୍ଷେପ ଗ୍ରହଣ କରିବା କଥା କରାଯିବ ବୋଲି ସେ କହିଛନ୍ତି। ସେହିପରି ମହାକାଳପଡ଼ା ଥାନା ଅଧିକାରୀ ଧିରେଜ ଲେଙ୍କା କହିଛନ୍ତି ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇଥିଲା ହେଲେ ସେମାନେ ଆସି ନାହାଁନ୍ତି। ଯଦି ଉଭୟପକ୍ଷ ନଆସନ୍ତି ତେବେ ଏତଲା ପଞ୍ଜିକୃତ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

କେବେ ରିଲି ବେହେରାଙ୍କୁ ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଲା।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ରାଜନଗର,୧।୨ (ସଂଚାର ବ୍ୟୁରୋ):** ରାଜନଗର ଗ୍ରାମର ଧର୍ମପ୍ରାଣ ମହିଳା ପ୍ରେମଲତା ବାଗଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ କର୍ମଚାରୀ



ସଚ୍ଚିଦାନନ୍ଦ ବାଗ, ବଡ଼ପୁଅ ସୁପ୍ରିୟ ବାଗ, ସାନ ପୁଅ ଅଧ୍ୟାପକ ତଥା ସମାଜସେବୀ ସଞ୍ଜୟ କୁମାର ବାଗ, ଝିଅ ସୁପ୍ରଭା, ମିନର୍ଭା, ପ୍ରତିଭା, ବୋହୁ ରଶ୍ମିତା ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗନ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠି ପ୍ରମୁଖ ତାଙ୍କ ମୃତ୍ୟୁ ରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ରାସ୍ତା ମଝିରେ ହାତାହାତି

**କେନ୍ଦ୍ରାପଡ଼ା,୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭାସ୍କର ହଲ ସାମ୍ନା ମାଛ ଦୋକାନ ନିକଟରେ ବଳରାମ ସାହୁ ନାମକ ଯୁବକ ନିଜ ହୋଟେଲ ପାଇଁ ମାଛ କିଣିବାକୁ ଆସିଥିବା ବେଳେ ମୋଟର ସାଇକଲରେ ଆସି ଦୁଇ ଯୁବକ ହଠାତ୍ ବଳରାମ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ଆକ୍ରମଣ ଏତେ ସାଙ୍ଘାତିକ ଥିଲା ଯେ, ବଳରାମ ଦାସ ତଳେ ପଡିଯାଇଥିଲେ । ଦୁଇ ଯୁବକ ଆକ୍ରମଣ ଉପରେ ଆକ୍ରମଣ କରିଚାଲିଥିଲେ କିନ୍ତୁ ବଳରାମ ସାହୁ ତଳେ ପଡ଼ି ଚିତ୍କାର କରିଥିଲେ।

ସୂଚନା ମୁତାବକ ପୂର୍ବରୁ କୌଣସି ଶତ୍ରୁତାକୁ କେନ୍ଦ୍ରକରି ଏହିଭଳି ଘଟଣା ଘଟିଥିବାର ସ୍ଥାନୀୟ ବାସିନ୍ଦା କହିଛନ୍ତି। ଘଟଣାଟି କୋର୍ଟ ଠାରୁ ମାତ୍ର ୫୦ ମିଟର ଦୂରତା ଘଟିଥିଲାବେଳେ ଘଟଣାସ୍ଥଳରେ ଟାଉନ ଫାଣ୍ଡି ଅଧିକାରୀ ତୁରନ୍ତ ପହଁଞ୍ଚି ଘଟଣାକୁ ଆୟତ୍ତ କରିବା ସହ ତଳେ ପଡ଼ିଥିବା ବଳରାମ ସାହୁଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ । ଏହାପରେ ବଳରାମ ସାହୁ ଦୁଇ ଆକ୍ରମଣକାରୀଙ୍କ ନାଁରେ ଏତଲା କରିଥିଲେ । ଏତଲା ପାଇଲା ପରେ ଟାଉନ ପୋଲିସ ଏତଲା ଅନୁଯାଇ ତଦନ୍ତ କରି ଦୁଇ ଆକ୍ରମଣକାରୀ କେନ୍ଦ୍ରାପଡ଼ା ପୋଷ୍ଟ ଅଫିସ ଲେନର ମିର ରମଜାନ ବକ୍ସ ଏବଂ ମିର ପପୁ ବକ୍ସଙ୍କ ବିରୋଧ ରେ କେସ ନଂ- ୨୩/୨୫ରେ ଗିରଫ



କରି ଦଫା-୧୦୯,୧୨୬,୧୨୭,୨୯୬,୩୫୧(୩),୩(୫)ବି.ଏନ.ଏସ ଲଗାଇ କୋର୍ଟ ଚାଲାଣ କରିଥିଲା। ମାନ୍ୟବର କେନ୍ଦ୍ରାପଡ଼ା କୋର୍ଟ ଦୁଇ ଆକ୍ରମଣକାରୀଙ୍କ ବେଲ ଆବେଦନକୁ ଖାରଜ କରିଦେଇଛନ୍ତି ।




## ଚଟୁଆରୁ ୪୦ ବୋତଲ ମଦ ଜବତ, ଜଣେ ଗିରଫ

**କୁଜଙ୍ଗ,୧।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ପୋଲିସ ଗତକାଲି ଚଟୁଆ ଗ୍ରାମରେ ଅଚାନକ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ସେହିପରି ଏହି ଚୋରା ମଦ ବ୍ୟବସାୟରେ ସମ୍ପୃକ୍ତି ଥିବା ନେଇ ବେପାରୀକୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ମଦ ବେପାରୀ ଜଣଙ୍କ କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ଶରତ ଚନ୍ଦ୍ର ବାରିକ (୫୩) ବୋଲି ପୋଲିସ ଠାରୁ ପ୍ରକାଶ। ଆଜି ଅଭିଯୁକ୍ତ ମଦ ବେପାରୀ ଶରତକୁ ପୋଲିସ ବିଚାର ବିଭାଗୀୟ ଅଦାଲତରେ ହଜାର କରିଥିଲା। ମାତ୍ର ସେଠାରେ ତାର ଜାମିନ ଆବେଦନ ଖାରଜ ହୋଇ ଯିବାରୁ ଜେଲ୍ ଯିବାକୁ ପଡ଼ିଛି।

ସୂଚନା ଅନୁସାରେ, ଶରତ ବାରିକ ନିଜ ଘର ପଛ ପାର୍ଶ୍ୱରେ ମଦ ରଖି ଚଟୁଆ ଅଞ୍ଚଳରେ ମଦ ବିକ୍ରି କରୁଥିବା ସୂଚନା କୁଜଙ୍ଗ ପୋଲିସ ନିକଟରେ ପହଞ୍ଚି ଥିଲା। ଏହି ସୂଚନା ମିଳିବା ପରେ ସବ୍ ଇନ୍ସପେକ୍ଟର ରଶ୍ମି ରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଚାନକ ଚଢ଼ାଉ କରିଥିଲା। ଅଭିଯୁକ୍ତ ଶରତ ଚନ୍ଦ୍ର ବାରିକଙ୍କ ନିକଟରୁ ଆସ୍କା ୪୦ ବୋତଲ ମଦ ପୋଲିସକୁ ମିଳିଥିଲା। ଯେଉଁଥିରେ ମୋଟ ୬ ଲିଟର ମଦ ଥିଲା।

## ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୧।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୬୩ତମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଜୟହିନ୍ଦ ହାଇସ୍କୁଲର ଜୟଯାତ୍ରାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।




କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୋ ସ୍କୁଲ କମିଟି ଅଧକ୍ଷ ତଥା ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ବି ଇ ଓ ପାବନୀ କୁମାର ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଦ୍ଧ ବାରିକ, ପେଣ୍ଟପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ଓ ସ୍କୁଲ ପରିଚାଳନା କମିଟି ସଭାପତି ଅଲେଖ ମଲିକ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ପଣ୍ଡିତ ପ୍ରଭାତ ଆଚାର୍ଯ୍ୟ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାଶ ବିବରଣୀ ପାଠ କରିଥିଲେ । କ୍ରୀଡା ଶିକ୍ଷୟତ୍ରୀ କାମିନୀ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସିନିଅର ବାଳକ ଚମ୍ପିୟାନ ମନୋରଞ୍ଜନ ସୂତାର ଓ ବାଳିକା ଚମ୍ପିୟାନ ଅର୍ପିତା ସେଠୀ, ଜୁନିଅର ବାଳକ ଚମ୍ପିୟାନ ଆୟୁଷ ରାଉତ ଓ ବାଳିକା ଚମ୍ପିୟାନ ଇତିସ୍ମିତା ମଲିକଙ୍କୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିବା ସହିତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଶେଷରେ ସହକାରୀ ଶିକ୍ଷୟତ୍ରୀ ବିଶ୍ୱକଲ୍ୟାଣୀ ଓଝା ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବକୁ ସହକାରୀ ଶିକ୍ଷକ ଉମା ଶଙ୍କର ସାହୁ ନିଶିକାନ୍ତ ନାୟକ, ରବୀନ୍ଦ୍ର ନନ୍ଦୀ, ହରପ୍ରିୟା କର, ଶୁଭଲକ୍ଷ୍ମୀ ଜେନା ପରିଚାଳନା କରିଥିଲେ।

## ଜିଲ୍ଲା ଛାତ୍ର କଂଗ୍ରେସର ମୋହନ ଭାଗବତ ଓ ମୋହନ ମାଝୀଙ୍କ କୁଶ ପୁତ୍ତଳିକା ଦାହ

**ଜଗତସିଂହପୁର,୧।୨ (ସଂଚାର ବ୍ୟୁରୋ):** ଦୁଇ ଦିନ ତଳେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଓଡିଶା ଗସ୍ତ ବେଳେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ତାଙ୍କ ସହଯୋଗୀ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। କିନ୍ତୁ ପୋଲିସ ଅଗଣତାନ୍ତ୍ରିକ ଭାବରେ ମିଛ କେସ ରୁଜୁ କରି ଛାତ୍ର କଂଗ୍ରେସ ସଭାପତିଙ୍କୁ ଜେଲ ପଠାଇଛି । ଯାହାକୁ ବିରୋଧ କରି ବିଜେପି ସରକାର ବିରୁଦ୍ଧରେ ଜଗତସିଂହପୁର ଜିଲ୍ଲା ଛାତ୍ର କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇପ୍ରଭଞ୍ଜନ ମହାପାତ୍ର ଙ୍କ ନେତୃତ୍ୱରେ ଟାଉନ ହଲ୍ ନିକଟରୁ ଛାତ୍ର କଂଗ୍ରେସ କର୍ମୀ ମାନେ ଏକ ନାରାବାଜି କରି ଏକ ଶୋଭାଯାତ୍ରାରେ ବିଜୁ ପଟ୍ଟନାୟକ ଛକ ନିକଟକୁ ଆସି ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏଥିସହ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ତୁରନ୍ତ ଜେଲରୁ ବାହାର କରିବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଲବ ଚୌଧୁରୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମାନସ ରଥ, ନାରାୟଣ ନାୟକ, ହିମାଂଶୁ ବିଶ୍ୱାଳ, ମୁକ୍ତାର ଅଲ୍ଲୀ, ପ୍ଲାରେଶ ପାତ୍ର, ସୁଶାନ୍ତ କୁମାର ଦାସ, ମିଳନ ମହାରଣା, ସୌମ୍ୟଜିତ ଦାସ, ପ୍ରଦୀପ୍ତ ମିତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ୟୋତିରଞ୍ଜନ ମଲ୍ଲିକ, ଶୁଭାସିଶ ସ୍ୱାଇଁ, କିଶୋର ବାଘୀ, ରାକେଶ ସ୍ୱାଇଁ, ଅଜୟ ସ୍ୱାଇଁ, ପ୍ରତ୍ୟୁଷ ନାୟକ, ସୁଜିତ ଦାସ, ସୋରୂପ କାନୁନଗୋ, ରୁଦ୍ର ବେହେରା, ରାଜେନ୍ଦ୍ର ନାୟକ, ମନୋରଜଂନ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ ।






## ସୂଚନାଧିକାରକର୍ମୀ ରଞ୍ଜନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ମାର୍ଶାଘାଇ,୧।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଜଣାଶୁଣା ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କୁ ଅତି ନିର୍ମମ ଭାବେ ହତ୍ୟା କରି ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ବେରୁହାଁ ରାସ୍ତାରେ ପିଙ୍ଗି ଦେଇଥିବା ଗତ ୨୦୨୦ ମସିହା ଫେବୃଆରୀ ମାସ ଏକ ତାରିଖ ରେ ଦେଖିବାକୁ ମିଳିଥିଲା ଯାହା ରାଜ୍ୟ ସାରା ଚର୍ଚ୍ଚା ସୃଷ୍ଟି କରିଥିଲେ ମଧ୍ୟ ଶାସକ ବିଜେଡି ଦଳର ଚାପରେ ଚେପା ହୋଇ ମାର୍ଶାଘାଇ ପୋଲିସ ଏହାକୁ ଦୁର୍ଘଟଣା ଜନିତ ମୃତ୍ୟୁ ରୂପ ଦେଇ କେସ ବନ୍ଦ କରି ଦେଇଥିଲେ। ଘଟଣାର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କଲେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଯାହାକୁ ନେଇ ରଞ୍ଜନ ଦାସଙ୍କ ପିତା ସ୍ୱର୍ଗତ ଲକ୍ଷ୍ମୀଧର ଦାସ ଓ ସୂଚନା ଅଧିକାର ଅଭିଯାନ ର କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି ହାଇକୋର୍ଟ ଓଡିଶା ଙ୍କ ନିକଟରେ ସିବିଆଇ ତଦନ୍ତ ଦାବିରେ ମାମଲା କରିଥିଲେ। ମାନ୍ୟବର କୋର୍ଟ ୨୦୨୩ ମସିହାରେ ଏହି ଘଟଣା ରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରି ଛଅ ମାସ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହା ମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ କ୍ରାଇମ ବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ପ୍ରଦାନ କଲା ନାହିଁ କିନ୍ତୁ ତଦନ୍ତ ଆଳରେ ଲୋକ ଦେଖାଣିଆ କିଛି ବ୍ୟକ୍ତିଙ୍କୁ ଡାକି ଜେରା କରି ଚୁପ ଚାପ ରହିଗଲେ ବୋଲି କ୍ଷୋଭର ସହ କହିଛନ୍ତି ସୂଚନା ଅଧିକାର ଅଭିଯାନ ର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ। ଏହି ଶ୍ରଦ୍ଧାଞ୍ଜଳି ଦିବସରେ ପ୍ରଦୀପ ପ୍ରଧାନ, ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀକାନ୍ତ ପାକଳ, ପ୍ରତାପ ମହାନ୍ତି, କ୍ଷୀରୋଦ ଜେନା, ରମାକାନ୍ତ ମାହାଳି, ପବିତ୍ର ପାଣି, ସଞ୍ଜୟ ମହାପାତ୍ର, ପ୍ରକାଶ ଦାସ ସମେତ ୫୦ ଜଣରୁ ଉର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଦେବା ସହିତ ମୋହନ ସରକାରଙ୍କ ନିକଟରେ ପୁନର୍ବାର ସମସ୍ତ ତଥ୍ୟ ସହ ସିବିଆଇ ତଦନ୍ତ ନିମନ୍ତେ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି।

## ୨୭ତମ ମା' ଜାଗେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



**ମହାକାଳପଡ଼ା,୧।୨ (ସଂଚାର ବ୍ୟୁରୋ):** ମା' ଜାଗେଶ୍ୱରୀ ସଂସ୍କାର ଗ୍ରୁପ ଆନୁକୂଲ୍ୟରେ ୨୭ତମ ମା' ଜାଗେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନି ମ୍ୟାଚ୍‌କୁ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଦାସ ଫିତା କାଟି ଉଦଘାଟନ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଗୋଟି ଦଳ ଖେଳିବେ। ଆଜି ଉଦଘାଟନି ମ୍ୟାଚ୍ ରେ ଏରସମା ଓ ଯଦୁପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଏରସମା ପ୍ରଥମେ ବ୍ୟାଟିଂ କରି ୨୫୧ କରିଥିଲା। ଯଦୁପୁର କେବଳ ୮୧ ରନ୍‌ରେ ଅଲ୍ ଆଉଟ୍ ହୋଇ ପରାଜୟବରଣ କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଚଳଚଞ୍ଚଳ

**ଖୋର୍ଦ୍ଧା,୧।୨ (ସଂଚାର ବ୍ୟୁରୋ):** ଆସନ୍ତା ୫ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ପଂଚାୟତର ଏକ ବୈଠକରେ ଯୋଗଦେବେ । ଆଜି ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ସଭାବନା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଆଗମନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧୦୦୦ ଲୋକଙ୍କ ସମାଗମ ହେବାକୁ ସ୍ଥିର ହୋଇଥିବା ବେଳେ ସବୁ ବ୍ଲକର ବିଡିଓ, ମ୍ୟୁନିସିପାଲିଟିର ନିର୍ବାହି ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏଥିପାଇଁ ବସ୍ ସେବା ଯୋଗାଇ ଦେବାକୁ ଆର୍‌ଟିଓ ଭୁବନେଶ୍ୱର ଏବଂ ଖୋର୍ଦ୍ଧାଙ୍କୁ



ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହିପରି ପୂର୍ତ୍ତ ବିଭାଗ, ଟିପିସିଓଡିଏଲ, ବିଭିନ୍ନ ବିଭାଗୀୟ ଅଧିକାରୀ, ପ୍ରମୁଖଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଲୋକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏବଂ ସେମାନଙ୍କର ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯିବାକୁ ଏସବୁର ତଦାରଖ କରିବାପାଇଁ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ମାନଙ୍କୁ ଅନୁରୋଧ କରିଛନ୍ତି। ସୋସିଆଲ ମିଡ଼ିଆରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ/ ପ୍ରିଣ୍ଟ ଇଲେକ୍ଟ୍ରୋନିକ ମିଡ଼ିଆରେ ପ୍ରଚାର ପ୍ରସାର କରାଯିବାକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି, ଆମ୍ବୁଲାନ୍ସ ସେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ, ଅଗ୍ନିଶମ ନିରାପତ୍ତା ସେବା ଯୋଗାଇ ଦେବାକୁ ଏବଂ ଅନ୍ୟ ସମସ୍ତ ବିଭାଗ ସମସ୍ତ ତହସିଲଦାରଙ୍କୁ ପରାମର୍ଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ (ରାଜସ୍ୱ) ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା (ପ୍ରଶାସନ) ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ,ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ଖୋର୍ଦ୍ଧା କିଶୋର ଚନ୍ଦ୍ର ପଣ୍ଡା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ ପ୍ରମୁଖ ଯୋଗଦେଇଥିଲେ ।

## ବିଶିଷ୍ଟ ସର୍ବୋଦୟ ନେତା ବିଚିତ୍ରାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ପ୍ରତିଷ୍ଠା

**କେନ୍ଦ୍ରାପଡ଼ା,୧।୨ (ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଓ ସର୍ବୋଦୟ ନେତା ବିଚିତ୍ରାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ଓ ବିଚିତ୍ରାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ତାଙ୍କ ପତ୍ନୀ ବିଶିଷ୍ଟ ସର୍ବୋଦୟ ନେତ୍ରୀ ନିର୍ମଳା ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ କପାଳେଶ୍ୱରସ୍ଥିତ ' ନିତ୍ୟ ବୈକୁଣ୍ଠ'ରେ ହୋଇଯାଇଛି। ଏହି ଅବସରରେ 'ବିଚିତ୍ରାୟନ' ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ବେହରା, ପଦାର୍ଥ ବିଜ୍ଞାନୀ ଜ୍ଞାନଦେବ ମହାରଣା,ପ୍ରଫେସର ନନ୍ଦକିଶୋର ପରିଡା, କବି ବାସୁଦେବ ଦାସ, ନିରାକାର ଦାସ, ନବଜ୍ୟୋତି ରାୟ, ଅତୁଲ ବଳ, ହିରଣ୍ମୟୀ ମିଶ୍ର, ଜ୍ଞାନରଂଜନ ନାୟକ,ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ,ପ୍ରଫେସର ଅଜୟ ସାମଲ, କେନ୍ଦ୍ରାପଡ଼ା ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ସଭାପତି ଗୁରୁପ୍ରକାଶ ମହାନ୍ତି, ମୁଖ୍ୟ ନିର୍ବାହି ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଅବନ୍ତୀ ବେହେରା, ରଣଧୀର ଜେନା, ବିଜେପି ନେତା ଭୁବନମୋହନ ଜେନା, ଜ୍ଞାନଦେବ ବେଉରା ପ୍ରଭୃତି ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଏହି ଅବସରରେ ନଟରାଜ କଳାପରିଷଦର କଳାକାର ପଣ୍ଡା, ଚିନ୍ମୟୀ ଚାରୁଦର୍ଶନୀ ହୋତା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରଭୃତି ଭଜନ ପରିବେଷଣ କରିଥିଲେ । କବି ଅପର୍ଣ୍ଣା ମହାନ୍ତି ଓ ପ୍ରଫେସର ଧୀରେନ୍ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ସେସୁ କଲୋନୀ, ଚିନ୍ତାରେ ୫୦ ପରିବାର

**କଟକ,୧।୨(ସଂଚାର ବ୍ୟୁରୋ):** ଅସୁରକ୍ଷିତ ଅବସ୍ଥାରେ ରହିଛି କଟକର ସେସୁ କଲୋନୀ। ଭଙ୍ଗା ଦଦରା କୋଠାରେ ଜୀବନ ବିତାଉଛନ୍ତି ୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ କର୍ମଚାରୀ ଓ ସେମାନଙ୍କ ପରିବାର। କାହିଁକି ନା ଦୀର୍ଘ ବର୍ଷ ହେବ ମରାମତି ହେଉନାହିଁ ସରକାରୀ କ୍ୱାର୍ଟରସ। କଟକ ସହର ମଝି ଅର୍ଥାତ ବାଦାମବାଡ଼ି ସ୍ଥିତ ସେସୁ କଲୋନୀ ବାସୀଙ୍କ ଅବସ୍ଥା ଦେଖିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ । ତେବେ ମରାମତି ପ୍ରତି ଧ୍ୟାନ ଦେଉନଥିବା ସେସୁ କର୍ତ୍ତୃପକ୍ଷ ଏବେ ଅସୁରକ୍ଷିତ କ୍ୱାଟର୍ସ ଛାଡିବାକୁ କରିଛି ନୋଟିସ୍। ଯାହାକୁ ନେଇ କଲୋନୀ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏପଟେ କିନ୍ତୁ ଯଥାଶୀଘ୍ର କ୍ୱାଟର୍ସ ଖାଲି କରିବାକୁ ନୋଟିସ୍ କରିଛି ଟିପିସିଓଡିଏଲ୍। ପୂର୍ବରୁ ସାମନ୍ୟ ମରାମତି କରୁନଥିବା ଟିପିସିଓଡିଏଲ ଏବେ ଆରଆଣ୍ଡବି ପକ୍ଷରୁ ନୋଟିସ ପାଇବା ପରେ କ୍ୱାର୍ଟର୍ସ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି। ଏହାକୁ ନେଇ ଏବେ କଲୋନୀ ବାସିନ୍ଦାଙ୍କ ଚିନ୍ତା ବଢ଼ିଯାଇଛି। ପରିବାର ଲୋକଙ୍କୁ ନେଇ କେଉଁଠି ରହିବେ, କଣ କରିବେ ବୁଦ୍ଧିବାଟ ପାଉନାହାନ୍ତି। ୧୯୭୩ରେ ତିଆରି ହୋଇଥିଲା ସେସୁ କଲୋନୀ। ହେଲେ ଗତ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେବ କଲୋନୀ ମରାମତି ହୋଇନାହିଁ। କିନ୍ତୁ କ୍ୱାର୍ଟର୍ସ ଭଡ଼ା ଓ ରକ୍ଷଣାବେକ୍ଷଣ ବାବଦକୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା କଲୋନୀ ବାସିନ୍ଦା ପଇଠ କରୁଛନ୍ତି। କିନ୍ତୁ ସେ ଟଙ୍କା କେଉଁଠି ଖର୍ଚ୍ଚ ହେଉଛି, ତାହାର ହିସାବ କାହା ପାଖରେ ନାହିଁ। ଏପରି ସ୍ଥିତିରେ ଏନେଇ ସେସୁ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ନଚେତ୍ ୫୦ଟି ପରିବାର ଉଚ୍ଛନ୍ନ ହେବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।



## ଲାୟନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ଆଜି ରାଜ୍ୟର ସର୍ବପୁରାତନ ଏବଂ ସର୍ବବୃହତ ଲାୟନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଲାୟନ୍ସ କ୍ଲବ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଅଶୋକ ଅଗ୍ରୱାଲଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧୀ କ୍ଲବ ଆନୁକୂଲ୍ୟରେ ପରିଚାଳିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଗରିବ ଏବଂ ସମାଜର ନିମ୍ନ ବର୍ଗର ଲୋକଙ୍କୁ ମାଗଣାରେ ଚକ୍ଷୁ ସେବା ଯୋଗାଉଥିବାରୁ ମୁଖ୍ୟମନ୍ତ୍ରୀ କ୍ଲବ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଏହି ଚକ୍ଷୁ ଚିକିତ୍ସାଳୟର ଉତ୍ତୋରତ୍ତର ଉନ୍ନତି କରିଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ତରଫରୁ ଚକ୍ଷୁ ଚିକିତ୍ସାଳୟର ଉନ୍ନତି ଓ ଆଧୁନିକୀକରଣ ପାଇଁ ଆବଶ୍ୟକ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଲାୟନ୍ସ କ୍ଲବ ତରଫରୁ ଚକ୍ଷୁ ଚିକିତ୍ସାଳୟର ପରିଚାଳନା କମିଟି ଅଧ୍ୟକ୍ଷ ଧୀରେନ କୁମାର ଧଳ, କ୍ଲବ ସଭାପତି ଡାକ୍ତର ବିପିନ ବିହାରୀ ମିଶ୍ର, ଉପଦେଷ୍ଟା କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ଇଂ ଅଶ୍ୱିନୀ କୁମାର ସେନାପତି, ଆଂଚଳିକ ଅଧ୍ୟକ୍ଷ ତପନ କୁମାର ହରିଚନ୍ଦନ, ଏବଂ ବିଶିଷ୍ଟ ସଭ୍ୟ ରାମପ୍ରସାଦ ପାତ୍ର ଏହି ସାକ୍ଷାତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅନ୍ତଃସାରଶୂନ୍ୟ ବଜେଟ୍: ଜ୍ୟୋତିରଞ୍ଜନ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ବଜେଟ- ୨୦୨୫-୨୬ ସାଧାରଣ ଜନତାଙ୍କ ସ୍ୱାର୍ଥବିରୋଧୀ, କର୍ପୋରେଟ ସପକ୍ଷବାଦୀ ଓ ଅନ୍ତସାରଶୂନ୍ୟ ବୋଲି ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ଓଡିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ବଜେଟରେ ଦେଶର ଅର୍ଥନୀତି ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଦେଶରେ କ୍ରମବର୍ଦ୍ଧିଷ୍ଣୁ ବେକାରୀ, ଦରଦାମ ବୃଦ୍ଧି ପରି ସମସ୍ୟା ରହିଥିଲେ ହେଁ ବଜେଟ୍‌ରେ ଏହାକୁ ଅଣଦେଖା କରାଯାଇଛି। ଦେଶର ଅର୍ଥନୀତି ସଂକଟଜନକ ସ୍ଥିତି ଦେଇ ଗତି କରୁଛି। ବୈଦେଶିକ ଋଣ ବୃଦ୍ଧି ସହ ଭାରତୀୟ ଟଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇଚାଲିଛି। ଏଭଳି ଜଟିଳ ସ୍ଥିତିର ମୁକାବିଲା ସହ ଦେଶର ଆର୍ଥିକ ଅବସ୍ଥାର ସୁଧାର ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ପ୍ରତି ବଜେଟରେ ଅଗ୍ରାଧିକାର ଦିଆଯାଇନାହିଁ। ପେନ୍‌ସନ୍, ସାମାଜିକ ସୁରକ୍ଷା ଓ କୃଷକଙ୍କ ଦାବି କୃଷିଋଣ ଛାଡ଼ ଓ ଏମ୍‌ଏସ୍‌ପି ପ୍ରତି ବି ବଜେଟ ବିମୁଖ। ବୀମା କ୍ଷେତ୍ରରେ ୧୦୦ ପ୍ରତିଶତ ବିଦେଶୀ ବିନିଯୋଗ ଦ୍ୱାରା ଜୀବନ ବୀମା ଏବଂ ସାଧାରଣ ବୀମା କ୍ଷେତ୍ର ଆହୁରି ସଙ୍କଟଜନକ ସ୍ଥିତିରେ ପହଞ୍ଚିବାର ଆଶଙ୍କା ରହିଛି। ତେଣୁ ଏହା ଏକ ଅନ୍ତଃସାରଶୂନ୍ୟ ବଜେଟ, ଯେଉଁଥିରେ ଶବ୍ଦ ଅଧିକ ଓ ସାମାଜିକ ପ୍ରତିବଦ୍ଧତା କମ ରହିଛି ବୋଲି ଜ୍ୟୋତିରଞ୍ଜନ କହିଛନ୍ତି।

## 'ଅଭିବୃଦ୍ଧି ଓ 'ସର୍ବସମାବେଶୀ'ର ଗଣିତକୁ ନେଇ "ବିକାଶର ଖସଡ଼ା" ପ୍ରତିଫଳିତ ହୋଇଛି



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ପ୍ରତ୍ୟେକ କ୍ଷେତ୍ରରେ ଆମ ଦେଶକୁ ଏକ ବିକଶିତ ଏବଂ ଶ୍ରେଷ୍ଠ ଭାରତ ଭାବେ ଗଢି ତୋଳିବା ପାଇଁ ମୋଦି ସରକାରଙ୍କ ଦୂରଦୃଷ୍ଟିର ବ୍ଲୁ-ପ୍ରିଂଟ ହେଉଛି କେନ୍ଦ୍ର ବଜେଟ-୨୦୨୫। ୨୦୨୫- ୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣଙ୍କ ଦ୍ୱାରା ଆଜି ଆଗତ ହୋଇଥିବା କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ଭାବେ ମଧ୍ୟବିତ, ଅନ୍ନଦାତା, ମହିଳା ଓ ଯୁବକଙ୍କ ଉନ୍ନତ ଜୀବନ ଧାରଣ ସହିତ ବିକଶିତ ଭାରତ ଆକାଂକ୍ଷା।କୁ ଅତ୍ୟନ୍ତ ଚମତ୍କାର ଭାବେ ସନ୍ତୁଳିତ କରିଛି। ଏହା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଶେଷ୍ଠ ରୋଡମ୍ୟାପ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଆୟକର ରିହାତି ସ୍ତରକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଦ୍ୱାରା ମଧ୍ୟବିତ ବିଶେଷ ଭାବେ ଉପକୃତ ହେବେ। ଅନ୍ୟ ପକ୍ଷରେ ଏହା ଘରୋଇ ଉପଭୋକ୍ତା ବ୍ୟୟ ଏବଂ ନିବେଶ ବଢ଼ାଇ ଅର୍ଥନୈତିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ସେହିପରି ଏହି ବଜେଟରେ କୃଷକ, ଗରୀବ, ମଧ୍ୟବିତ ବର୍ଗ, ମହିଳା ଏବଂ ଶିଶୁଙ୍କ ଶିକ୍ଷା, ପୃଷ୍ଟିସାର ଏବଂ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଷ୍ଟାର୍ଟ ଅପ୍, ନବସୃଜନ ଏବଂ ନିବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି। ବିଶେଷ ଭାବେ 'ପର୍ଯ୍ୟଟନ'; 'ଦେଶର ୧୦୦ ଜିଲ୍ଲା ପାଇଁ ଧନ ଧାନ୍ୟ କୃଷି ଯୋଜନା'; 'କିଷାନ କ୍ରେଡିଟ ସୀମାକୁ ୩ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା'; 'ଜନଜାତି ଓ ଦଳିତ ମହିଳାଙ୍କ ସକାଶେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସ୍କିମ୍'; 'ମହିଳା ଓ ଶିଶୁଙ୍କ ନିମନ୍ତେ ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ ଯୋଜନା'; 'ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ବ୍ରୋଡବ୍ୟାଣ୍ଡ ସଂଯୋଗ ଓ ଭିତିଭୂମି ବିକାଶ ସକାଶେ ରାଜ୍ୟମାନଙ୍କୁ ଏକ ଲକ୍ଷ କୋଟି ଟଙ୍କାର ସୁଧମୁକ୍ତ ଋଣ' ଭଳି ଅନେକ ଯୋଜନାରୁ ଓଡ଼ିଶା ସର୍ବାଧିକ ଉପକୃତ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ସଂକ୍ଷେପରେ କହିବାକୁ ଗଲେ 'ଅଭିବୃଦ୍ଧି' ଓ 'ସର୍ବସମାବେଶୀ'ର ଗଣିତକୁ ନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶର ଖସଡ଼ା ଏହି ବଜେଟରେ ପ୍ରତିଫଳିତ ହୋଇଛି। ଏହି ଅନ୍ତର୍ଭୁକ୍ତ ଓ ଦୂରଦୃଷ୍ଟିସମ୍ପନ୍ନ ବଜେଟ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀଥାରମଣଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ବୁଡ଼ିଗଲା ଡଙ୍ଗା। ୨ ନାବାଳକ ନିଖୋଜ

**ଲମତାପୁଟ,୧।୨(ସଂଚାର ବ୍ୟୁରୋ):** ଡଙ୍ଗାରେ ରିଲ କରିବା ହେଲା କାଳ। ଜଳଭଣ୍ଡାରରେ ଡଙ୍ଗାବୁଡ଼ି ୨ ନାବାଳକ ନିଖୋଜ । କୋରାପୁଟ ଜିଲ୍ଲା ଜଳାପୁଟ ଜଳଭଣ୍ଡାରରେ ଅଘଟଣ । ଜଳାପୁଟ ଗାଁର ତିନିଜଣ ନାବାଳକ ରିଲ କରିବାକୁ ଜଳଭଣ୍ଡାର ନିକଟକୁ ଯାଉଥିଲେ । କୂଳରେ ରଖାଯାଇଥିବା ଏକ ଦେଶୀ ଡଙ୍ଗାକୁ ନେଇ ତିନିଜଣ ଜଳଭଣ୍ଡାର ଭିତରକୁ ଚାଲିଯାଇଥିଲେ । କୌଣସି କାରଣରୁ ଡଙ୍ଗା ବୁଡ଼ିଯାଇଥିଲା । ତିନିଜଣଙ୍କ ମଧ୍ୟରୁ ଜଣେ ନାବାଳକ ପହଁରି ପହଁରି ଆସି କୂଳରେ ଲାଗିବା ପରେ ଲୁଚି ଚାଲିଯାଇଥିଲା । ଅନ୍ୟ ଦୁଇଜଣ ନାବାଳକ ଜଳଭଣ୍ଡାରରେ ବୁଡ଼ି ନିଖୋଜ ରହିଛନ୍ତି । ସ୍ଥାନୀୟ ଲୋକେ ଦେଖୁଥିବା ବେଳେ ଡଙ୍ଗାଟି ବୁଡ଼ି ଯାଇଥିଲା ।

## ଭକ୍ତି ଓ ଶ୍ରଦ୍ଧାରେ ଈଶ୍ୱରସତ୍ତା ଅନୁଭବ ସମ୍ଭବ: ପ୍ରଫେସର ମହାପାତ୍ର

**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ ବ୍ୟାଙ୍କର ପୂର୍ବତନ ଅଧିକାରୀମାନଙ୍କୁ ନେଇ ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନର ମାସିକ ଆଲୋଚନାରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗ ଦେଇ ଭକ୍ତି ଶ୍ରଦ୍ଧା ଓ ପ୍ରେମ ଦ୍ୱାରା ମଣିଷ ଈଶ୍ୱରଙ୍କ ସତ୍ତା ଅନୁଭବ କରିବା ସହ ଦେବତ୍ୱ ପ୍ରାପ୍ତ କରିପାରିବ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରତି ଯୁଗରେ ଦେବତା ଥିଲେ, ଅଛନ୍ତି ଓ ରହିବେ। ମନୁଷ୍ୟର ବିଶ୍ୱାସକୁ ଈଶ୍ୱରଭକ୍ତି ଦୃଢ଼ କରିଥାଏ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଉପଦେଷ୍ଟା ରମାକାନ୍ତ ମିଶ୍ର ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।




ଏହି ଅବସରରେ ନିକଟରେ ପଦ୍ମଶ୍ରୀ ପାଇବା ସକାଶେ ମନୋନୀତ ହୋଇଥିବାରୁ ଏଥିପାଇଁ ପ୍ରଫେସର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁରଲୀଧର ପଲାଇ ଧନ୍ୟବାଦ ଦେଇଥିବା ବେଳେ ପ୍ରଥମେ ସସ୍ତ୍ରୀକ ଶ୍ରୀଜଗନ୍ନାଥ ସହସ୍ରନାମ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଜୟ କୁମାର ବରାଳ, ଦେବରାଜ ମିଶ୍ର, ଦୈତାରୀ ସେଠୀ, ପ୍ରବୋଧ କୁମାର ମହାନ୍ତି, ବିଜୟ କୁମାର ଦାଶ ପରିଚାଳନା କରିଥିଲେ।

**ମତ୍ସ୍ୟ-ପ୍ରାଣୀ ସମାବେଶ ପାଇଁ ସମୀକ୍ଷା ବୈଠକ**

## ରାଜସ୍ଥାନ ଷଣ୍ଢ 'ଭୀମ' ମୁଖ୍ୟ ଆକର୍ଷଣ




**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଓଡ଼ିଶା ପ୍ରାଣୀସମ୍ପଦ ବିକାଶ ସମିତିଠାରେ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମାବେଶର ସଫଳ ଆୟୋଜନ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥର ସମାବେଶରେ ରାଜସ୍ଥାନରୁ ଚାମ୍ପିଅନ ମଇଁଷି ଷଣ୍ଢ ଭୀମ ଆସିବ। ପୁଙ୍ଗନୁର୍ ଗାଈ ମଧ୍ୟ ପ୍ରଦର୍ଶିତ ହେବ। ତା'ସହ ଏହି ସମାବେଶରେ ସର୍ବଭାରତୀୟ ସ୍ତରରୁ ବିଭିନ୍ନ କମ୍ପାନୀ ଓ ଅନୁଷ୍ଠାନ ସେମାନଙ୍କ ଷ୍ଟଲ ଖୋଲିବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରଦର୍ଶନ ହେବ। ଫଳରେ ରାଜ୍ୟର ଗୋପାଳକ, ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀମାନେ ଏଥିରୁ ଶିକ୍ଷା ଲାଭ କରି ଏହାକୁ ନିଜ ବୃତ୍ତିରେ ପ୍ରୟୋଗ କରି ଲାଭବାନ ହୋଇପାରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସାଦିକ ଆଲାମ୍, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ସଚିବସ୍ତରୀୟ ବୈଠକରେ ନିଷ୍ପତ୍ତି

## ମାର୍ଚ୍ଚରେ ବିଧାନସଭା ଅଧିବେଶନ ଓ ରଥଯାତ୍ରା ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏତଇରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଗତ ଡିସେମ୍ବରରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ନିଷ୍ପତ୍ତି ମୁତାବକ କ'ଣସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ ସମୀକ୍ଷା ହୋଇଥିଲା। ସେହିପରି ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ଚତୁର୍ଥ ମୁଖ୍ୟ ଶାସନ ସଚିବସ୍ତରୀୟ ଜାତୀୟ ସମ୍ମିଳନୀରେ ଆୟୋଜିତ ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଗତ ମାସରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସଫଳତାର ସହିତ ଅନୁଷ୍ଠିତ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରାଯାଇଥିବା ନେଇ ମୁଖ୍ୟ ଶାସନ ସଚିବ ଅବଗତ କରାଇବା ସହ ଏହାର ଆୟୋଜନରେ ସହଯୋଗ କରିଥିବା ସମସ୍ତ ବିଭାଗ ତଥା ସହଯୋଗୀ ଅନୁଷ୍ଠାନମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ଶାସନ ପ୍ରକ୍ରିୟାରେ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟ ସମ୍ପାଦନ ସମୟରେ କୃତ୍ରିମ ବୁଦ୍ଧିମତା (ଏଆଇର ଆବଶ୍ୟକତା ଓ ପ୍ରୟୋଗ ବୃଦ୍ଧି ପାଇଥିବାରୁ ଏ ସମ୍ପର୍କରେ ଏକ ଗବେଷଣାଭିତ୍ତିକ ଇକୋ ସିଷ୍ଟମ ସୃଷ୍ଟି ଦିଗରେ ପଦକ୍ଷେପ ନେବା ସକାଶେ ଇଲୋକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପରାମର୍ଶ ଦିଆଯାଇଛି। ଆଗାମୀ ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି, ରଥଯାତ୍ରା-୨୦୨୫ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆସନ୍ତା ମାର୍ଚ୍ଚରେ ବୈଠକ ହେବାକୁ ନିଷ୍ପତ୍ତି ହୋଇଛି। ଏହାଛଡ଼ା ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଚିଠା ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତାବ ଉପସ୍ଥାପନା ସମ୍ପର୍କରେ ବି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଶେଷ ପଏଣ୍ଟ ପର୍ଯ୍ୟନ୍ତ ଟ୍ରାନ୍ସଫର୍ମରର କାର୍ଯ୍ୟ ଯାଞ୍ଚ ଓ ତଦାରଖ ପାଇଁ ଏକ କେନ୍ଦ୍ରୀୟ ବ୍ୟବସ୍ଥା ବିକଶିତ କରାଯାଇଛି। ଏହି ବ୍ୟବସ୍ଥା ମଧ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ଜଳସମ୍ପଦ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଓ ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେ ଲାଗୁ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଲୋକସେବା ଅଧିକାର ଅନିୟମ ଅନ୍ତର୍ଗତ ବିଜ୍ଞପ୍ତି ଅନୁସାରେ ଉପଲବ୍ଧ ସେବାଗୁଡିକ ଜନସାଧାରଣଙ୍କୁ ଯେପରି ଅନ୍‌ଲାଇନ୍‌ରେ ନିର୍ଦ୍ଧାରିତ ସମୟରେ ମିଳିପାରିବ, ତାହା ସୁନିଶ୍ଚିତ କରିବା ସକାଶେ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନର ସ୍ଥିତି ସମ୍ପର୍କରେ ବିବରଣୀ ପ୍ରଦାନ ସକାଶେ ମଧ୍ୟ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭସ (ସିଏମଜିଆଇ) ପକ୍ଷରୁ ସଚିବସ୍ତରୀୟ ବୈଠକରେ ହେଉଥିବା ନିଷ୍ପତ୍ତି କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ତଥା ତଦାରଖ ପାଇଁ ଏକ ପୋର୍ଟାଲ 'ମିଟିଂ ଡିସିସନ ମନିଟରିଂ ସିଷ୍ଟମ (ଏମଡିଏମଏସ)' ବ୍ୟବହାର ଉପରେ ଏକ ପ୍ରଦର୍ଶନ ଉପସ୍ଥାପିତ ହୋଇଥିଲା। ଏହାକୁ ବ୍ୟବହାର କଲେ ସଚିବମାନେସହଜରେ ନିଜ ନିଜ ବିଭାଗ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏଥିସହ କୃଷି ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ନିମନ୍ତେ ଆବଶ୍ୟକ ସଂସ୍କାର ପାଇଁ ସମବାୟ ବିଭାଗକୁ ଏଥିରେ ଥିବା ବ୍ୟବସ୍ଥାର ତର୍ଜମା କରି ଆବଶ୍ୟକ ପ୍ରସ୍ତାବ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

## ଆନ୍ତଃରାଜ୍ୟ ଲୁଟେରା ଗିରଫ, ସାଢ଼େ ୩ କୋଟି ଜବତ

**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ପୋଲିସକୁ ସଫଳତା । ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗ ଗିରଫ। ସେମାନଙ୍କ ନିକଟରୁ ନଗଦ ୩କୋଟି ୫୦ଲକ୍ଷ ଟଙ୍କା ଜବତ। ଗିରଫ ସମସ୍ତ ୮ ଅଭିଯୁକ୍ତ ଝାରଖଣ୍ଡ ରାଜ୍ୟର । ଗତ ୩୦ ତାରିଖରେ ଧର୍ମଗଡ଼ର ଏକ ଦେଶୀମଦ ଭାଟିରେ ଡକାୟତି କରିଥିଲେ ଏହି ଗ୍ୟାଙ୍ଗ । ବିଳମ୍ବିତ ରାତିରେ ବନ୍ଧୁକ ଏବଂ ମରଣାସ୍ତ୍ର ଦେଖାଇ ଟଙ୍କା ଲୁଟି ନେଇଯାଇଥିଲେ । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଡକାୟତଙ୍କୁ ଧରିବାକୁ କଳାହାଣ୍ଡି ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସ୍ଥାନୀୟ ଅଞ୍ଚଳରୁ ଗିରଫ କରିଥିଲା । ତଦନ୍ତ ପରେ ଅପରାଧରେ ବ୍ୟବହୃତ ଗାଡ଼ି ଝାଡ଼ଖଣ୍ଡରେ ଠାବ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି କଳାହାଣ୍ଡି ପୋଲିସ । ସେମାନଙ୍କ ନିକଟରୁ ବନ୍ଧୁକ, ଗୁଳି, ଡକାୟତିରେ ବ୍ୟବହୃତ ଗାଡ଼ି ଓ ମାରଣାସ୍ତ୍ର ଜବତ କରାଯାଇଛି । କଳାହାଣ୍ଡି ପୋଲିସର ଏପରି ସଫଳତା ପାଇଁ ଏସପି ଓ ତାଙ୍କ ଟିମଙ୍କୁ ପ୍ରଶଂସା କରି ଶୁଭେଚ୍ଛା ଜଣାଇଲେ ପୋଲିସ ଡିଜି ୱାଇ. ବି ଖୁରାନିଆ ।

## ଅବସର ଦିନ ଶିକ୍ଷକଙ୍କୁ ମିଳିଲା ପେନ୍‌ସନ୍



**ରାଇକିଆ,୧।୨(ସଂଚାର ବ୍ୟୁରୋ):** ପେନ୍‌ସନ୍ ପାଇଁ ପୂର୍ବ ଭଳି ଆଉ କୌଣସି କର୍ମଚାରୀ ହଇରାଣ ହେବେନି। ଏହାକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ ଅବସର ଦିନ ହିଁ ପେନ୍‌ସନ୍ ମିଳିବାର ବ୍ୟବସ୍ଥା ସରକାର କରିଛନ୍ତି। ରାଇକିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ପ୍ରୟାସରେ ରାଇକିଆ ବ୍ଲକରେ ପ୍ରଥମଥର ପାଇଁ ଶୁକ୍ରବାର ଅବସର ଗ୍ରହଣ କରିଥିବା ଚୂନପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ ନାୟକଙ୍କୁ ଅବସର ଦିନ ହିଁ ଫାଇନାଲ ପେନ୍‌ସନ୍ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାରଥୀ କହଁରଙ୍କ ଉପସ୍ଥିତିରେ ଅବସରକାଳୀନ ଶୁଭେଚ୍ଛା ଜଣାଇବା ସହ ପେନ୍‌ସନ୍ ପ୍ରଦାନ କରାଯାଇଥିଲା।

● ଏଓଇପିଏ ବୈଠକ

## ରାଜ୍ୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ




**କଟକ,୧।୨(ସଂଚାର ବ୍ୟୁରୋ):** ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ (ଏଓଇପିଏର ଏକ ବୈଠକ କଟକ ଜିଲ୍ଲା ୪୨ମୌଜା ଅନ୍ତର୍ଗତ ଦଧିବାମନପୁରସ୍ଥିତ ମା' ଭୁଆଶୁଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ମୁଖ୍ୟ ବକ୍ତା ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହି, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିକ୍ରମ ଛୋଟରାୟ, ଉର୍ବଶୀ ମିଶ୍ର, ଧୀରେନ୍ଦ୍ର ପ୍ରତାପ, ସୁକାନ୍ତ ସ୍ୱାଇଁ, ଅଲେଖ ଚନ୍ଦ୍ର ରାଉତ ଓ ଦଧିବାମନପୁର ଗ୍ରାମ ଅଧିକାରୀ କୃଷ୍ଣଚନ୍ଦ୍ର ଦାଶ ମଞ୍ଚାସୀନ ଥିଲେ। ସଭାର ନିଷ୍ପତ୍ତି କ୍ରମେ ୪୨ ମୌଜା ଇପିଏଫ ଆଞ୍ଚଳିକ କମିଟିର ୧୦ ଜଣ ପ୍ରତିନିଧିଙ୍କ ନାମ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଘୋଷଣା କରିଥିଲେ। ସେମାନେ ହେଲେ ବୁଲେଇ ବେହେରା, ଉମାକାନ୍ତ ରାଉତ, ଦେବେନ୍ଦ୍ର ନାଥ ନାୟକ, ଭଜକୃଷ୍ଣ ଲେଙ୍କା, ଶଶୀଭୂଷଣ ମିଶ୍ର, ଅଜୟ କୁମାର ନାୟକ, ବନବିହାରୀ ମୁଦୁଲି, ଉମେଶ ଚନ୍ଦ୍ର ସ୍ୱାଇଁ, ଅଲେଖ ନାୟକ ଓ କୃଷ୍ଣଚନ୍ଦ୍ର ସେଠୀ। ଇପିଏଫ୍ ପେନସନଭୋଗୀଙ୍କ ମାସିକ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବାରେ ଜିଲ୍ଲା ସଂଗଠନ ଓ ରାଜ୍ୟ ନେତୃମଣ୍ଡଳୀଙ୍କ ଦ୍ୱାରା ଜାରି ନିରନ୍ତର ଉଦ୍ୟମକୁ ସଭାରେ ପ୍ରଶଂସା କରାଯାଇଥିଲା। ନୂତନ ସଭ୍ୟ ସଂଖ୍ୟା ବଢାଇ ଜିଲ୍ଲା ମାଧ୍ୟମରେ ରାଜ୍ୟ ସଂଗଠନକୁ ସୁଦୃଢ କରିବାକୁ ସଭାରେ ନିଷ୍ପତ୍ତି ହୋଇଛି। ଶେଷରେ ସଂଯୋଜକ ଦେବେନ୍ଦ୍ରନାଥ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**ଡମଣା ଛକରେ ଦୁର୍ଘଟଣା**

## ଡିଭାଇଡରକୁ ଚଢିଗଲା କାର୍, ୨ ଗୁରୁତର



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ଡିଭାଇଡର ଉପରେ ଚଢ଼ିଗଲା କାର, ୨ ଗୁରୁତର । ଭୁବନେଶ୍ୱର ଅଶ୍ୱିନୀ ହସ୍ପିଟାଲ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ କାର୍ ଗତକାଲି ରାତିରେ ବିଦ୍ୟୁତ ଖୁଣ୍ଟିକୁ ଭାଙ୍ଗି ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ଏଥିରେ କାରରେ ଥିବା ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଗାଡିଟି କୋଲକାତା ଅଞ୍ଚଳର ବୋଲି ଜଣାପଡିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆହତଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

## ହାତୀପଲର ଉପଦ୍ରବ: ଘର ଭାଙ୍ଗିଲେ, ଉଜାଡ଼ିଲେ ଫସଲ

**ଭୁବନ,୧।୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଅଧୀନର ବିସ୍ତୀର୍ଣ୍ଣ ସ୍ଥାନରେ ଶୁକ୍ରବାର ରାତିରେ ୧୧ ଟିକିଆ ହାତୀପଲ ଆତଙ୍କ ଖେଳାଇଛନ୍ତି। ବିଳମ୍ବିତ ରାତିରେ ମଠକରଗୋଳା ଅଞ୍ଚଳରୁ ୧୧ଟିକିଆ ହାତୀପଲ ଓଡ଼ିଶା ପଞ୍ଚାୟତ ବେଲପାଳ ଗ୍ରାମରେ ତିନୋଟି ଘର ଭାଙ୍ଗି ଘରୁ ଭାତ ଓ ଧାନ ଖାଇଯାଛନ୍ତି। ଲୋକମାନେ ଘରେ ରୋଷେଇ କରି ଖାଇବା ପୂର୍ବରୁ ହାତୀପଲ ଘର ଭାଙ୍ଗି ଭାତ ଓ ଧାନ ଖାଇଲେ। ଲୋକମାନେ ହାତୀକୁ ଦେଖି ଭୟଭୀତ ହୋଇ ଘରଛାଡ଼ି ପିଲାଛୁଆଙ୍କୁ ନେଇ ଜୀନ ରକ୍ଷା ପାଇଁ ଘର ଛାଡ଼ି ପଳାଇ ଯାଇଥିଲେ। ସେହିପରି ଦୟଣାବିଲ ପଞ୍ଚାୟତର ମଠନୂଆଗାଁରେ ଚାଷୀମାନେ କରିଥିବା ବିଲକୁ ନଷ୍ଟ କରିବା ସହିତ ଅଲେଖ ଖିଲାରଙ୍କ ପରିବା ବଗିଚାରେ ପଶି କଖାରୁ,ମକା ଖାଇବା ସହିତ ବ୍ୟାପକ ପରିବା ଫସଲ ନଷ୍ଟ କରିଦେଇଛନ୍ତି। ଖବର ପାଇ ଭୁବନ ନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀକୁ ଘଉଡ଼ାଇବାରୁ ହାତୀପଲ କାମାକ୍ଷାନଗର ବନ୍ୟାଞ୍ଚଳ ବିରାଶାଳ ଜଙ୍ଗଲକୁ ପଳାଇ ଯାଇଥିଲେ। ଭୁବନ ରେଞ୍ଜର, ବନ କର୍ମଚାରୀମାନେ ପହଞ୍ଚି କ୍ଷୟକ୍ଷତି ଅଟକଳ କରି ଭାଙ୍ଗିଥିବା ଘର ଓ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଅଟକଳ କରି ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଶିଶୁ ମୃତ୍ୟୁହାର: ଏବେ ବି ଉଦବେଗଜନକ

**ଭୁବନେଶ୍ୱର,୧।୨(ତଥ୍ୟ):** ଓଡ଼ିଶାରେ ଶିଶୁ ମୃତ୍ୟୁହାର କମିଥିଲେ ମଧ୍ୟ ଏବେ ବି ଶିଶୁମାନଙ୍କ ଅବସ୍ଥା ଉଦବେଗଜନକ ସ୍ଥିତିରେ ରହିଛି। ଅବଶ୍ୟ ଉତ୍ତରପ୍ରଦେଶ, ଛତିଶଗଡ଼, ବିହାରଭଳି କେତେକ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ତୁଳନାତ୍ମକ ଭାବେ ଭଲ ଅଛି। ସଂସଦରେ ଉପସ୍ଥାପନ କରାଯାଇଥିବା ୨୦୨୪-୨୫ ବର୍ଷର ଆର୍ଥିକ ସର୍ଭେ ପରିସଂଖ୍ୟାନରୁ ଏହି ତଥ୍ୟ ପୁଣିଥରେ ବାରିହୋଇ ଯାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୧ କରାଯାଇଥିଲା ୧୯୯୨-୯୩ ମସିହାରେ। ସେତେବେଳେ ଓଡ଼ିଶାରେ ପ୍ରତି ୧୦୦୦ ରେ ୧୧୨ ଜଣ ନବଜାତକଙ୍କ ମୃତ୍ୟୁ ହେଉଥିବାବେଳେ ଏହି ସର୍ଭେର ପଞ୍ଚମ ସଂସ୍କରଣ ରିପୋର୍ଟରେ ଏହି ହାର ୩୬କୁ ହ୍ରାସ ପାଇଥିବା ଦର୍ଶାଯାଇଛି। ଏଠାରେ ଉଲ୍ଲେଖନୀୟ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ ରିପୋର୍ଟ ୨୦୧୯-୨୧ ର ଅନୁଧ୍ୟାନକୁ ଆଧାର କରି ପ୍ରସ୍ତୁତ ହୋଇଥିବାବେଳେ ଏଯାବତ୍ ଏହି ସର୍ଭେର ଷଷ୍ଠ ସଂସ୍କରଣ ଆରମ୍ଭ ହୋଇନାହିଁ। ଆର୍ଥିକ ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ଏନଏଫ୍ଏଚଏସ୍-୧ ବେଳକୁ ୫ବର୍ଷରୁ କମ୍ ବୟସର ଶିଶୁଙ୍କ ଭିତରୁ ପ୍ରତି ହଜାରେ ଜଣରେ ଓଡ଼ିଶାରେ ୧୩୧ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଏହି ରିପୋର୍ଟର ପଞ୍ଚମ ସଂସ୍କରଣରେ ଶିଶୁ ମୃତ୍ୟୁହାର ୪୧କୁ ହ୍ରାସ ପାଇଛି। ବୟସ ତୁଳନାରେ ଉଚ୍ଚତା ଏବେ ବି ଓଡ଼ିଶାର ୩୧ ପ୍ରତିଶତ ଶିଶୁଙ୍କର କମ୍ ରହୁଛି। ଓଡ଼ିଶା ପାଇଁ ଆଶ୍ୱାସନାର କଥା ହେଉଛି ଯେ ଏ କ୍ଷେତ୍ରରେ ଝାଡଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜୁରାଟ, ବିହାର ଓ ଆସାମ ଆଦି ରାଜ୍ୟର ସ୍ଥିତି ଓଡ଼ିଶା ଠାରୁ ଢେର ଖରାପ। ସେହିଭଳି ଆର୍ଥିକ ସର୍ଭେ ରିପୋର୍ଟରେ ପ୍ରକାଶିତ ତଥ୍ୟ ମୁତାବକ ଏନଏଫ୍ଏଚଏସ୍-୫ ଅନୁଯାୟୀ ଓଡ଼ିଶାରେ ୫ବର୍ଷରୁ କମ୍ ବୟସର ଶିଶୁଙ୍କ ଭିତରେ ଅନ୍ୟୁନ ୧୮ ପ୍ରତିଶତଙ୍କ ଓଜନ ଉଚ୍ଚତା ତୁଳନାରେ ଢେର କମ୍। ସେହିଭଳି ଏହି ବର୍ଗର ଶିଶୁମାନଙ୍କ ମଧ୍ୟରୁ ବୟସ ତୁଳନାରେ ୨୬ ପ୍ରତିଶତରୁ ଅଧିକ ଶିଶୁଙ୍କ ଓଜନ ଓଡ଼ିଶାରେ କମ୍ ରହୁଛି। ରାଜ୍ୟରେ ଶିଶୁ ଜନ୍ମ ହାର ମଧ୍ୟ କମିବାରେ ଲାଗିଛି। ଏନଏଫ୍ଏଚ୍ଏସ୍ ପ୍ରଥମ ସଂସ୍କରଣ ରିପୋର୍ଟରେ ଗର୍ଭଧାରଣ କରୁଥିବା ମହିଳା ହାରାହାରି ୨.୯ ଜଣ ଶିଶୁ ଜନ୍ମ କରୁଥିବାବେଳେ ପଞ୍ଚମ ସଂସ୍କରଣ ରିପୋର୍ଟରେ ଏହା ୧.୮କୁ ହ୍ରାସ ପାଇଛି। ଅର୍ଥାତ୍ ୩୦ବର୍ଷ ଭିତରେ ଓଡ଼ିଶାରେ ଶିଶୁ ଜନ୍ମହାର କମୁଛି। ଶିଶୁ ଓ ମହିଳାମାନଙ୍କ ବିକାଶକୁ ଆଖିଆଗରେ ରଖି ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଶାରେ ବହୁ ଯୋଜନା ଚାଲୁଛି। ଗର୍ଭବତୀମାନଙ୍କୁ ପୁଷ୍ଟିକର ଖାଦ୍ୟ ସହ ଅନ୍ୟାନ୍ୟ ଔଷଧପତ୍ର ମାଗଣାରେ ଯୋଗାଇ ଦିଆଯିବା ସହ ଡାକ୍ତରଖାନାରେ ସେମାନେ ଯେଭଳି ସନ୍ତାନ ପ୍ରସବ କରିବେ ସେ ଦିଗରେ ବି ଆଶାକର୍ମୀମାନଙ୍କ ମାଧ୍ୟମରେ ଧ୍ୟାନ ଦିଆଯାଉଛି। ଏହାଛଡା ଅଙ୍ଗନବାଡି କର୍ମୀମାନେ ବି ମା' ଓ ଶିଶୁ କଲ୍ୟାଣପାଇଁ କାର୍ଯ୍ୟ କରୁଛନ୍ତି। ବାଲବାଡି ମାଧ୍ୟମରେ ଛୋଟ ଛୋଟ ପିଲାମାନଙ୍କ ଲାଗି ପୌଷ୍ଟିକ ଖାଦ୍ୟ ବ୍ୟବସ୍ଥା କରାଯାଇଥିବାବେଳେ ମାଗଣାରେ ଟୀକାକରଣ ଉପରେ ବି ଗୁରୁତ୍ୱ ଦିଆଯାଉଛି। ଏହାଛଡା ବିଦ୍ୟାଳୟଗୁଡିକରେ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣା ମଧ୍ୟାହ୍ନଭୋଜନ ଦିଆଯିବା ସହିତ କିଶୋରୀମାନଙ୍କ ସ୍ୱାସ୍ଥ୍ୟକୁ ଆଖିଆଗରେ ରଖି ମଧ୍ୟ ଔଷଧ ଓ ପୌଷ୍ଟିକ ଖାଦ୍ୟ ଯୋଗାଣର ସରକାରୀ ବ୍ୟବସ୍ଥା ରହିଛି।

# ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ

ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନକୁ ଉଦବୋଧନ ଦେବା ଅବସରରେ ପ୍ରତିରକ୍ଷା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ସହିତ ଏହାତ୍ରପ୍ତାନୀ ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। କହିବା ବାହୁଲ୍ୟ ଯେ, ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୋ÷ଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୋ÷ଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ଋଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୋ÷ସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୋ÷ସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୋ÷ଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୋ÷ଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନକୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌ÷ମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

# ବାକ୍‌ଦେବୀ ଓ ବସନ୍ତ ପଞ୍ଚମୀ




ଡକ୍ଟର ସୁରେଶ କୁମାର ନାୟକ


"ମାତା ପୁତ୍ରୌ ତୁ ବାକ୍ ପ୍ରାଣୌ
ମାତା ବା ପିତରଃ ସୁତଃ।'

ପିଲାମାନେ ଜୀବନରେ ପରିବର୍ତ୍ତନ ଅତି ଆବଶ୍ୟକ। ଆଜି ଅର୍ଥାତ୍ ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କର ଆବାହନ ତଥା ପୂଜା-ବନ୍ଦନା କରାଯାଇଥାଏ। ବସନ୍ତର ଅୟମାରମ୍ଭରେ ଧରଣୀରାଣୀ ସକଳ ସୌନ୍ଦର୍ଯ୍ୟକୁ ଅଙ୍ଗୀଭୂତ କରି ସକଳ ପରିପୂର୍ଣ୍ଣତାରେ ଅଭିସିକ୍ତ ହୋଇ, ମଙ୍ଗଳମୟୀ ଆଦ୍ୟାଶକ୍ତିର ପଦପ୍ରାନ୍ତରେ ପୂଜା ଅର୍ଚ୍ଚନା ବାଢ଼େ ଏହି ପୁଣ୍ୟ ଦିବସରେ। ଏଣୁ ଏହି ପଞ୍ଚମୀ, ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ନାମରେ ମଧ ସୁବିଦିତ। ବସନ୍ତ ଋତି ପରିବର୍ତ୍ତନର ଆରମ୍ଭ। ଏହାର ଆଗମନରେ ପ୍ରକୃତି ମନମୋହକ ରୂପ ଧାରଣ କରେ। ଯାହା ମାନସିକ ଓ ଶାରୀରିକ ସ୍ତରରେ ଶାନ୍ତି ପ୍ରଦାନ କରେ। ଏହି ଋତୁରେ ବସନ୍ତ ପଞ୍ଚମୀ ପର୍ବ ପାଳନ କରାଯାଏ। ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ଜନ୍ମ ଏହି ବସନ୍ତ ପଞ୍ଚମୀରେ ହୋଇଥିଲା। ଏଣୁ ବିଦ୍ୟାରମ୍ଭ ପୂର୍ବରୁ ତାଙ୍କ ଆରାଧନା ଆବଶ୍ୟକ। ବାଣୀ, ବୁଦ୍ଧି, ବିଦ୍ୟା ଓ ଜ୍ଞାନର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ। ପୌରାଣିକ କଥାବସ୍ତୁ ଅନୁସାରେ, ମା ସରସ୍ୱତୀ ଭଗବାନ କୃଷ୍ଣଙ୍କ କଣ୍ଠରୁ ପ୍ରକଟ ହୋଇଥିଲେ। ସେତେବେଳେ ସେ ହାତରେ ବୀଣା, ପୁସ୍ତକ, ମୁଦ୍ରା, ମାଳି ଧରି ଶ୍ୱେତ ବସ୍ତ୍ରରେ ଧରାପୃଷ୍ଠକୁ ଆସିଥିଲେ। କୃଷ୍ଣ ଅବତାର ସମୟରେ ଦେବୀ ସରସ୍ୱତୀଙ୍କ ଉପରେ ପ୍ରୀତ ହୋଇ ପ୍ରତିବର୍ଷ ବସନ୍ତ ପଞ୍ଚମୀରେ ତାଙ୍କ ଆରାଧନା କରାଯିବ ବୋଲି ଭଗବାନ ବିଷ୍ଣୁ ବର ପ୍ରଦାନ କରିଥିଲେ। ଏହି ଦିନ ହଳଦିଆ ବସ୍ତ୍ର ପରିଧାନ କଲେ ଶୁଭଫଳ ମିଳିଥାଏ। କାରଣ ଏହି ରଙ୍ଗ ବୁଦ୍ଧିର ପରିଚାୟକ ଅଟେ। ସରସ୍ୱତୀଙ୍କୁ ଭଗବତୀ, ଶାରଦା, ବୀଣାବାଦନୀ ଏବଂ ବାଗ୍‌ଦେବୀଙ୍କ ନାମରେ ପୂଜା କରାଯାଏ। ସଙ୍ଗୀତର ଉତ୍ପତ୍ତି କରିଥିବାରୁ ତାଙ୍କୁ ସଙ୍ଗୀତର ଦେବୀ ଭାବେ ବିବେଚନା କରାଯାଏ। ଏହି ପର୍ବକୁ ସନାତନ ଧର୍ମରେ ଶ୍ରୀପଞ୍ଚୀ ନାମରେ ନାମିତ କରାଯାଇଛି। ଏହି ଦିନ ମା'ଲକ୍ଷ୍ମୀଙ୍କୁ ମଧ ଆରାଧନା କରାଯାଏ। ଏଇ ପବିତ୍ର ଦିନରେ ସେ ବିଷ୍ଣୁଙ୍କୁ ବରଣମାଳା ପିନ୍ଧାଇଥିଲେ। ଋତୁରାଜ ବସନ୍ତର ମହତ୍ୱ ଆୟୁର୍ବେଦର ଆଚାର୍ଯ୍ୟମାନେ ମଧ ସ୍ୱୀକାର କରିଥିଲେ। ଏହି ଋତୁରେ ଶରୀରରେ



ନୂତନ ରକ୍ତ ସଞ୍ଚାର ହୋଇଥାଏ। ମନୁଷ୍ୟ ତେଜସ୍ୱୀ ହୋଇଥାଏ। ଏହି ଋତୁରେ ବ୍ୟାୟାମ୍ ଅନ୍ୟଋତୁ ଅପେକ୍ଷା ଢ଼େର ଗୁଣା ଅଧିକ ଲାଭଦାୟକ। ଆଜି ମା'ସରସ୍ୱତୀଙ୍କ ସମ୍ପର୍କରେ ଆଲେଖ୍ୟ, ଭକ୍ତି ନୈବେଦ୍ୟ ଅର୍ପଣ କଲାବେଳେ ପୌରାଣିକ କଥାବସ୍ତୁକୁ ଏଠାରେ ଉଲ୍ଲେଖ କରୁଛି। ବିଶିଷ୍ଟ ଭରଦ୍ୱାଜ ଆଦି ଋଷିଗଣ ଋଗ୍ ବେଦର ନାନା ସ୍ଥାନରେ ସେହି ଦେବୀଙ୍କର ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନ ଯେ କାହିଁକି କରିଛନ୍ତି ତାହା ପ୍ରଣିଧାନଯୋଗ୍ୟ। ବୋଧହୁଏ ଏହି ଦିବ୍ୟଦ୍ରଷ୍ଟା ସାଧକ ଋଷିଗଣ ଅନୁଭବ କରିଛନ୍ତି ସେ ଜ୍ଞାନ ରୂପକ ନଦୀର ସ୍ରୋତରେ ବହିଯାଇ ସେମାନେ ଭୂମାନନ୍ଦ ଲାଭ କରିଅଛନ୍ତି। ଏଣୁ ଦେବୀ ସରସ୍ୱତୀ ଦିବ୍ୟଜ୍ଞାନ ସ୍ରୋତରେ ସେମାନଙ୍କ ଗତିକୁ ବଢ଼ାଇବାରେ ଏକମାତ୍ର ସହାୟକ। ଦେବୀ ସରସ୍ୱତୀ ସ୍ରୋତସ୍ୱତୀ ହୋଇ ପ୍ରଜ୍ଞା ରୂପକ ପୂଣ୍ୟ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବନ୍ଧୁର ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇ ପୁନଶ୍ଚ ଦେବୀଙ୍କୁ "ସୁଶମା ସରସ୍ୱତୀ' ରୂପେ ଅର୍ଥାତ୍ ସୁନିୟନ୍ତ୍ରଣକାରିଣୀ ରୂପେ ପରିକଳ୍ପନା କରାଯାଇଅଛି। ସ୍ଥୂଳ ଅନୁଭୂତିରୁ ସୂକ୍ଷ୍ମ ଅନୁଭୂତି ପର୍ଯ୍ୟନ୍ତ ଜଡ଼ ଚେତନାରୁ ସୂକ୍ଷ୍ମାତିସୂକ୍ଷ୍ମ ଆଧାତ୍ମଚେତନା ପର୍ଯ୍ୟନ୍ତ ଯିବା ପାଇଁ ଯେଉଁ ମାର୍ଗ ନିର୍ଦ୍ଦେଶିତ ହୋଇଛି ତାହାର ସୁନିୟନ୍ତ୍ରଣକାରିଣୀ ସ୍ୱୟଂ ଦେବୀ ସରସ୍ୱତୀ। ଆଧାତ୍ମ ଚେତନାର ବଶବର୍ତ୍ତୀ ହୋଇ ଋଷିମାନେ ତାଙ୍କୁ ମହାସତ୍ୟା, ମହାପ୍ରବାହ, ବୁଦ୍ଧି ଧାରିଣୀ, ଭାରତୀ, ବାକ୍‌ଦେବୀ ରୂପରେ ବିଶେଷଣରେ ଭୂଷିତା କରିଥାନ୍ତି। ବୃହଦ୍ ଦେବତା ଗ୍ରନ୍ଥରେ ଅଛି - ମାତା ପୁତ୍ରୌ ତୁ ବାକ୍ ପ୍ରାଣୌ, ମାତା ବା ପିତରଃ ସୁତଃ। ସରସ୍ୱନ୍ତମିତି ପ୍ରାଣୋ ବାଚଂ, ପ୍ରାଦୁଃ ସରସ୍ୱତୀମ୍। ବାକ୍ ଓ ପ୍ରାଣର ମାତା ଓ ପୁତ୍ର ସମ୍ବନ୍ଧ। ବାକ୍ ମାତା ଓ ପ୍ରାଣ ପୁତ୍ର। ପ୍ରସାରଣଶୀଳ ପ୍ରାଣ (ନିଶ୍ୱାସ)ର ନାମ ସରସ୍ୱତ ଓ ଭାଷାର ନାମ ସରସ୍ୱତୀ। ସରସ୍ୱତୀଙ୍କ ପୂଜା ଦିବସରେ ସରସ୍ୱତୀଙ୍କ କୃପା ସମସ୍ତଙ୍କ ଉପରେ ଜ୍ଞାନ ପ୍ରଦାନ ସହ ଆଧାତ୍ମିକ ଜୀବନ ପାଇଁ ମାର୍ଗ ଦେଖାଉ ଏହା ହିଁ କାମନା।


**ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**


# ଶାଶୂ ବୋହୂର ସଂସାର




ରଶ୍ମିରଞ୍ଜନ ରାଉତ


ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ପରିବାରର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ସେହି ପରିବାରରେ ନାରୀଟିଏ କେତେବେଳେ ମାଆ ତ କେତେବେଳେ ପତ୍ନୀ ରୂପରେ ତାକୁ ଅଭୟ ପ୍ରଦାନ କରିଚାଲେ। ଯେମିତି ମାଆଟେ ସନ୍ତାନକୁ ଜନ୍ମଦେଇ ଆପଣା ଶିକ୍ଷାଦୀକ୍ଷାରେ ଗଢେ, ସେମିତି ପତ୍ନୀ ମଧ ତା ସଂସାର ରଥର ସାରଥୀ ହୋଇ ତା ବାକିତକ ଜୀବନର ପଥ ପ୍ରଦର୍ଶକ ପାଲଟେ। ଉଭୟ ତା ଜୀବନ ପାଇଁ ପରିପୂରକ, ଉଭୟ ତା ପାଇଁ ଦେବୀଠୁ ବଳି। ଯାହାକୁ ନେଇ ଆଗକୁ ବଢେ ଶାଶୁ ବୋହୂର ସଂସାର।

ଆପଣ କହିପାରନ୍ତି ମୋ ଭଳି ଅବିବାହିତର ଶାଶୁ ବୋହୂର ସଂସାରକୁ ନେଇ ତର୍ଜମା ଦୂରୁହ ବ୍ୟାପାର ନୁହେଁ କି? ପାଠକଙ୍କୁ ସୂଚିତ କରିଦେବାକୁ ଚାହେଁ କି ମୁଁ ଅଙ୍ଗେ ନିଭେଇଥିବା ଶାଶୁ ବୋହୂ ମଧରେ ମଧୁର ଓ ତିକ୍ତ ସମ୍ପର୍କର ଚିତ୍ରପଟକୁ ଏଇଠି ଉତ୍ଥାପନ କରୁଛି। ଆମ ପଡ଼ିଶା ପ୍ରଧାନ ଘର ପାଞ୍ଚ ବୋହୂ। ସବୁ ବୋହୂଙ୍କ ମଧରୁ ବୁଢ଼ିର ମଝିଆଁ ବୋହୂକୁ ଭାରି ଆଦର। ବୁଢ଼ିର ବେଳେବେଳେ ବିଛଣାରେ ଝାଡ଼ା ପରିଶ୍ରା ହେଇଯାଏ ବୋଲି କେହି ପାଖ ପଶନ୍ତିନି। ହେଲେ ସେଇ ମଝିଆଁ ବୋହୂଟି ତାର ଭଲ ଖରାପ ନବାରି ସେବା ଶୁଶ୍ରୂଷା କରେ। ତାକୁ ଗାଧୋଇ ଦିଏ, ଖୁଏଇ ଦିଏ, ଲୁଗା ସଫା କରିଦିଏ। 'ବୋହୂ ନୁହେଁ ତ ତାର ଝିଅ ସେ' ବୁଢ଼ି ଅନେକ ଥର ବି ତା ମୁହଁରେ କହିଛି ଏକଥା। ତା ନିଜ ଝିଅ ବି ତା ପାଇଁ ଏତିକି କରିନଥାଆନ୍ତା ଯେମିତି ତା ବୋହୂ କରୁଛି। ବର୍ଷେ ତଳେ ବୁଢ଼ି ଚାଲିଯିବାର କେଇଘଣ୍ଟା ପୂର୍ବରୁ ପ୍ରାୟ ହଠାତ୍ ବୁଢ଼ିର ପାଟି ପଡ଼ିଗଲା। କଥାବାର୍ତ୍ତା ଠିକ୍‌ରେ କରିପାରିଲାନି। ବିଛଣାରେ ପଡ଼ିରହି ଠାର ମାରିଲା। ଅନ୍ୟ ପୁଅବୋହୂ ନାତି ନାତୁଣୀମାନେ ତା ପାଖେ ରୁଣ୍ଡ ହେଇଗଲେ। ହେଲେ ବୁଢ଼ି ସମସ୍ତଙ୍କ ଭିତରୁ ଠାରମାରି ଖୋଜୁଥିଲା ମଝିଆଁ ବୋହୂକୁ। ସେଦିନ ବିଲରେ ମୁଲିଆ ପଡ଼ିଥିବା ହେତୁ କୌଣସି କାମରେ ମଝିଆ ବୋହୂ ବିଲକୁ ଚାଲିଯାଇଥିଲା। ଖବର ପାଇ ତରତର ହେଇ ବିଲରୁ ଫେରି ବୁଢ଼ି ପାଖରେ ପହଞ୍ଚି ଯାଇଛି ତ ବୋହୂର ମୁହଁକୁ ଦେଖି ପ୍ରାଣ ଛାଡ଼ିଦେଲା ବୁଢ଼ି। ସତରେ, ଭଲପାଇବା ପାଖରେ ସବୁକିଛି ହାର ମାନିଯାଏ। ଯମକୁ ବି ଜୀବନ ନେବା ପାଇଁ ଅପେକ୍ଷା କରିବାକୁ ପଡ଼େ। ଏଥିରୁ ପ୍ରମାଣିତ ହେଲା।

ଆମ ସଂସ୍କୃତିରେ କାଳ କାଳରୁ ଲୋକମୁଖରେ ରହିଆସିଛି- ଘରକୁ ସୁନ୍ଦର ଘରଣୀ। ଅର୍ଥାତ୍ ଘରଣୀଟେ ଥିଲେ ଘରର ସଂପଦ ଓ ସୌଭାଗ୍ୟ ବୃଦ୍ଧିପାଏ। ଆଉ ବିନା ଘରଣୀରେ ସାରା ଘରଟା ଖାଁଖାଁ ଲାଗେ, ଘରର ଶିରି ତୁଟିଗଲା ପରି ଦିଶେ। ବୋହୂଟିଏ ଆସିଲେ ଘରକୁ ଲକ୍ଷ୍ମୀଙ୍କର ଆଗମନ ହେଲା ବୋଲି ଶାଶୂଘର ଲୋକେ ମାନନ୍ତି। ପାଦର ଅଳତା ନଲିଭୁଣୁ ସେ ରୋଷେଇ ଘରର ଚଟୁ ଧରେ ମା' ଅନ୍ନପୂର୍ଣ୍ଣା ସାଜି। ବୋହୂର ହାତରନ୍ଧା ଓ ପରଷାରେ ମୁଗ୍ଧ ହୁଏ ପୁରା ପରିବାର। ଦିନ କେଇଟାରେ ପରିବାରକୁ ସେ ନିଜର କରିଦିଏ। ସ୍ନେହ, ପ୍ରେମ, ବନ୍ଧନରେ ବାନ୍ଧିନିଏ। ପ୍ରଥମେ ପ୍ରଥମେ ଶାଶୂର କାଇଦା କଟକଣାକୁ ଟିକେ ମାନିଚଳିବାକୁ ଅକଳ ମନେକରେ। ହେଲେ, କିଛିଦିନ ଗଲାପରେ ସବୁକିଛି ସ୍ୱାଭାବିକ ହୋଇଯାଏ। ଦିନେ ସେଇ ଘରେ ସିଏ ବି ଶାଶୂ ହୁଏ। ଆଉ ତା ସଣ୍ଣା ତକ ତା ବୋହୂକୁ ଶିଖାଏ। ସତରେ, ଶାଶୂ ସାଙ୍ଗକୁ ଉତ୍ତମ ବୋହୂଟେ ଯୋଡ଼ିଗଲେ ସେ ଘର ବୈକୁଣ୍ଠପୁର ପାଲଟିଯାଏ। ହେଲେ, ଆଜି କାଲିର ଅନେକ ବୋହୂ 'ଯେଝା ହାତରେ ଚଉଦ ପା'। ମୁହଁରେ ବାଡ଼ବତା ରହୁନି। ଶାଶୁ ଶ୍ୱଶୁରଙ୍କୁ ଯେତେ ଯେତେ କୁଭାଷା। ପରିଣତ ବୟସରେ ନାଚାର ହେଇପଡୁଛନ୍ତି ସେମାନେ। କାଳେ ପୁଅକୁ କହିଲେ ପୁଅ ମନଦୁଃଖ କରିବ, ଅଯଥାରେ ଘରେ ବିଶୃଙ୍ଖଳା ଦେଖାଦେବ ତେଣୁକରି ଚୁପ୍ ରହୁଛନ୍ତି। ମନେମନେ ଭାଙ୍ଗିପଡୁଛନ୍ତି। ତା ଛଡ଼ା କଥାରେ ଅଛି– ପାଖରେ ଶୁଏ, କାନରେ କହେ, ତା'କଥା କି ଅନ୍ୟଥା ହୁଏ। ସ୍ତ୍ରୀର କଟୁ ବ୍ୟବହାର ବିଷୟରେ ଜାଣିବା ସତ୍ତ୍ୱେ ବି ପୁଅଟେକୁ ଚୁପ୍ ରହିବାକୁ ପଡୁଛି। ନିଜର ସ୍ୱାର୍ଥ ଓ ଜିଦ୍‌କୁ ରକ୍ଷା କରିବାକୁ ଯାଇ ସ୍ୱାମୀଟିକୁ ନିଜ ଅଙ୍ଗୁଳିରେ ନଚାଇ ଅନେକ ପତ୍ନୀ ଯଦିଓ କ୍ଷଣିକ ସୁଖ ଅନୁଭବ କରନ୍ତି। ହେଲେ ସେମାନେ ବୁଝିପାରନ୍ତିନି 'ନିକିତି ତଉଲ ସାନ ବଡ଼କୁ ଭାରି ହୁଏ ଯହିଁ ରହେ ତଳକୁ'। ଯେତେ ନେଉଥିବ ସେତେ ହାଲୁକା ହେଉଥିବ ଓ ଯେତେ ଦେଉଥିବ ସେତେ ଭାରି। ଏସବୁ ଦେଖିଶିଖି ପରବର୍ତ୍ତୀ ସମୟରେ ତାଙ୍କରି ପିଲାମାନେ ହିଁ ହେବେ ବିପଥଗାମୀ।

ଏସବୁ ଭିତରେ ଏବେ ବି ଅଧିକାଂଶ ପରିବାରରେ ଶାଶୂ ବୋହୂଙ୍କ ରହିଛି ମଧୁର ସମ୍ପର୍କ। କାହିଁକି ନହେବ ଯେ ବୋହୂ କିଏ ନା ଝିଅ କିଏ? ଏବେକାର ଶାଶୂମାନେ ଚାହାନ୍ତି ତାଙ୍କ ସମୟରେ ସେମାନେ ଯୋଉ ସାମାଜିକ ସମସ୍ୟାମାନ ସାମ୍ନା କରୁଥିଲେ ତାଙ୍କ ବୋହୂମାନେ ତାର ସାମ୍ନା ନକରନ୍ତୁ। ବୋହୂମାନେ ତାଙ୍କର ସ୍ୱାଧୀନଚେତା ହୁଅନ୍ତୁ। ଘରେ ବୋହୂଟେ ଝିଅ ପରି ଚଳୁ। ଅନୁରୂପ ବୋହୂମାନେ ବି ଚାହାନ୍ତି ଶାଶୂ କିଏ ମାଆ କିଏ। ଏଇ ସଂସାର ହିଁ ତ ତାଙ୍କରି ସୃଷ୍ଟି। ଆମେ ସମସ୍ତେ ତ ଏଇଠି ଅଢେଇ ଦିନର ଅତିଥି। ଏମିତି ମିଳିମିଶି ଚଳିଗଲେ ଦିନ କୁଆଡ଼େ ବିତିଯିବ ଜଣାପଡ଼ିବନି। କାଆଲି ପରି ଲାଗିବ। ତେଣୁକରି ତାଙ୍କ ସେବା କରି ପରମ ଆନନ୍ଦ ଲଭୁଛନ୍ତି। ମଧୁମୟ ଆମ ପାରିବାରିକ ସଂସ୍କୃତି ସାରା ବିଶ୍ୱରେ ଦୁର୍ମୂଲ୍ୟ। ସେଇଥି ପାଇଁ ତ ଶାଶୂ-ବୋହୂଙ୍କ ମଧ ଭକ୍ତି ଓ ଭଲପାଇବାର ସ୍ମୃତି ସ୍ୱରୂପ ମଧପ୍ରଦେଶର ଗ୍ୱାଲିୟରରେ ରହିଛି ଶାଶୂ-ବୋହୂ ମନ୍ଦିର। ପିରାମିଡ୍ ଆକାରର ଶାଶୂ-ବୋହୂ ଦୁଇଟିଯାକ ମନ୍ଦିରର ଗଠନଶୈଳୀ ଓ କାରୁକାର୍ଯ୍ୟ ସମାନ। କୁହାଯାଏ ୧୦୯୨ ଖ୍ରୀଷ୍ଟାବ୍ଦରେ ଇଚ୍ଛାବାହା ବଂଶର ରାଜା ମହିପାଳଙ୍କ ଦ୍ୱାରା ଏହାର ନିର୍ମାଣ କରାଯାଇଥିଲା। ରାଣୀଙ୍କ ଇଚ୍ଛାନୁସାରେ, ରାଜା ଏଠାରେ 'ସହସ୍ର ବାହୁ' ନାମକ ଏକ ବିଷ୍ଣୁମନ୍ଦିର ନିର୍ମାଣ କରିଥିଲେ। କିଛିବର୍ଷ ପରେ ରାଣୀଙ୍କ ପୁତ୍ରଙ୍କର ବିବାହ ହେଲା। ପୁତ୍ରବଧୂ ଭଗବାନ ଶିବଙ୍କ ପରମଭକ୍ତ ଥିଲେ। ପୁତ୍ରବଧୂଙ୍କ ଖୁସିପାଇଁ ରାଣୀ ବିଷ୍ଣୁମନ୍ଦିର ନିକଟରେ ଶିବ ମନ୍ଦିରଟିଏ ତୋଳାଇଲେ। ଏହାଦେଖି ପୁତ୍ରବଧୂ ବେଶ୍ ଖୁସି ହୋଇଥିଲେ। ଶାଶୂ-ବୋହୂଙ୍କ ମଧରେ ଥିବା ସ୍ନେହ ଓ ଭଲପାଇବା ଦେଖି 'ସହସ୍ର ବାହୁ' ମନ୍ଦିରର ନାମ ପରିବର୍ତ୍ତନ ହୋଇ ପରବର୍ତ୍ତୀ କାଳରେ ମନ୍ଦିରଟି 'ଶାଶୂ-ବୋହୂ' ମନ୍ଦିର ଭାବେ ପ୍ରସିଦ୍ଧି ଲାଭକରିଛି।

ଶେଷରେ ଏତିକି କହିବି ସ୍ନେହ, ଶ୍ରଦ୍ଧା ଓ ଉତ୍ତମ ବୁଝାମଣା ପାରିବାରିକ ସମ୍ପର୍କକୁ ମଜଭୁତ କରେ। ଏସବୁ ଅଭ୍ୟର୍ଥନାଠାରୁ ମଧ ଆହୁରି ବଡ଼ ଶବ୍ଦଟି ହେଉଛି ତ୍ୟାଗ। ଜୀବନ ଜଞ୍ଜାଳ ମାନେ ତ ପାରିବାରିକ ଅବୁଝାମଣା, ମତଭେଦ ରହିବ। ମାତ୍ର, ସେସବୁକୁ ଭୁଲି ଶାଶୂକୁ କ୍ଷଣେ ନଦେଖିଲେ ବୋହୂ ଯଦି ରହିନପାରୁଛି ଓ ବୋହୂକୁ ଦଣ୍ଡେ ନଦେଖିଲେ ଶାଶୂ ଯଦି ଡାକ ପକାଉଛି ତେବେ ଏହାକୁ ହିଁ କୁହାଯାଇପାରେ ସୁଖୀ ଓ ସଫଳ ଶାଶୂ ବୋହୂର ସଂସାର।


**୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ**
**ମୋବାଇଲ୍: ୭୮୦୯୦୩୭୬୦୮**


# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଓ ତ୍ରିଶମ୍ଭୁଙ୍କ ମହାସ୍ନାନ




ଭାଗୀରଥୀ ସ୍ୱାଇଁ


ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କଠାରୁ ୩କିମି ଦୂରରେ ଅବସ୍ଥିତ ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ର। ପୁରାଣରେ ବର୍ଣ୍ଣିତ ଅଛି ଯେ ସାତଥର ଗଙ୍ଗା ନଦୀରେ ସ୍ନାନ କରି ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା ଓ ଆରାଧନା କଲେ ଯେତିକି ପୂର୍ଣ୍ଣୀ ପ୍ରାପ୍ତି ହୋଇଥାଏ ଥରେ ମାତ୍ର ପୁଣ୍ୟ ତୋ ତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ସେହି ସମାନ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଏହି ପୁଣ୍ୟ ତୋୟା ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପ୍ରସିଦ୍ଧ ମାଘସପ୍ତମୀ ବୁଡ ଆୟୋଜିତ ହୋଇଥାଏ। ପୁରୀ ଜିଲ୍ଲାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରେ ଏହା ହେଉଛି ଦ୍ୱିତୀୟ ସର୍ବ ବୃହତ୍ତମ ମେଳା ଭାବେ ଓଡିଶାର ପୁରପଲ୍ଲୀରେ ଖ୍ୟାତି ଲାଭ କରିଛି। ଉତ୍ତର ପ୍ରଦେଶ ଆଲ୍ଲାହାବାଦରେ ଆୟୋଜିତ ହେଉଥିବା କୁମ୍ଭ ମେଳାର ମାହାତ୍ମ୍ୟ ଭାରତୀୟ ଐତିହ୍ୟ ଓ ସଂସ୍କୃତିରେ ଯେତିକି ବିଖ୍ୟାତ ରହିଛି। ସେହିପରି ପୁରୀ ଜିଲ୍ଲା ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଅନୁଷ୍ଠିତ ହେଉଥିବା ମାଘସପ୍ତମୀ ମେଳାର ମାହାତ୍ମ୍ୟ ଓ ଆଧାତ୍ମିକତା ସେତିକି ରହିଛି ବୋଲି ଭାରତୀୟ ସଂସ୍କୃତିର ବେଦ ବେଦାନ୍ତ ଓ ପୁରାଣ ପରମ୍ପରାରୁ ଜଣାଯାଏ। ଚନ୍ଦ୍ରଭାଗା ଏକ ଆଧାତ୍ମିକ ଓ ଧାର୍ମିକ ପରମ୍ପରାର ପୁଣ୍ୟ ତୋୟା ନଦୀ ଭାବରେ ପୁରାଣ ପୃଷ୍ଠାରେ ବିମଣ୍ଡିତ। ମାତ୍ର କାଳକ୍ରମେ କାଳର କରାଳ ଗତିରେ ଏହା କ୍ରମଶଃ ପୋତି ହୋଇଯାଇଛି। ଏହି ତୀର୍ଥର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଚନ୍ଦ୍ରଭାଗା ନଦୀର କିଛି ଅଂଶକୁ ଶ୍ରଦ୍ଧାଳୁ ଠାରେ ସ୍ନାନ ନିମନ୍ତେ ଏକ ପୁଷ୍କରଣୀ ଭାବେ ସଂରକ୍ଷିତ କରି ରଖାଯାଇଛି। ଏହି ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମାଘସପ୍ତମୀ ବୁଡ ଅନୁଷ୍ଠିତ ହୋଇଥାଏ। କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେଉଛି। ପ୍ରାଚୀନ କାଳରେ ଏହି ପବିତ୍ର ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘ ସପ୍ତମୀ ଦିନ ଅଷ୍ଟମ ଶମ୍ଭୁ ମାନଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ମହାସ୍ନାନ ପରେ ଦୂର ଦୂରାନ୍ତରୁ ବୁଡ ପକାଇବା ପାଇଁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି। ମାତ୍ର କାଳକ୍ରମେ ଅଷ୍ଟ ଶମ୍ଭୁଙ୍କ ବଦଳରେ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ସମ୍ପାଦନ ମହାସ୍ନାନ କାର୍ଯ୍ୟ ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ସମ୍ପାଦନ କରାଯାଉଛି। ପବିତ୍ର ମାଘ ଷଷ୍ଠୀ ରାତିରେ ଓଡିଶା ତଥା ଓଡିଶା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ପାଇଁ ସମାଗମ ହୋଇଥାଏ। ଏହି ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ଓ ସୁଲଭ ବୁଡ ନିମନ୍ତେ ସ୍ଥାନୀୟ ଓ ପୁରୀ ଜିଲ୍ଲା ପ୍ରଶାସନ ବେଶ ଯତ୍ନବାନ ଓ ତତ୍ପରତା ଭାବେ ଦାୟିତ୍ୱ ତୁଲାଇଥାଏ। ଚଳିତ ବର୍ଷ ମାଘ ସପ୍ତମୀ ବୁଡ଼ ନିମନ୍ତେ ମାଧିପୁର ଗ୍ରାମର ମହାଦେବ ବାବା ତ୍ରିବେଣୀଶ୍ୱର, ସଚ୍ଚପୁର ଗ୍ରାମର ମହାଦେବ ବାବା ଇଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ବାବା ଦକ୍ଷିଣେଶ୍ୱର ପ୍ରମୁଖ ତ୍ରିଶମ୍ଭୁ ମାଘ ଷଷ୍ଠୀ ସୋମବାର ତାରିଖ ରାତ୍ର ୯ଘ ୪୫ ମିନିଟ ସମୟରେ ନିଜ ପୀଠରୁ ବାହାରି ବିମାନ ବିଜେ କରିବାର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଏହି ଦିନ ରାତ୍ର ୧୧ଘଟିକା ସମୟରେ ସୁସଜ୍ଜିତ ବିମାନରେ ନିଜ ନିଜର ପୀଠରୁ ତ୍ରିଶମ୍ଭୁଙ୍କ ଅର୍ଥାତ ବାବା ତ୍ରିବେଣୀଶ୍ୱର, ବାବା ଇଶାଣେଶ୍ୱର ଓ ବାବା ଦକ୍ଷିଣେଶ୍ୱର ମହାଦେବ ଉଜ୍ଜଳଆଲୋକ ମାଳା ଓ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ଆସି କୋଣାର୍କ ମେଡିକାଲ ଛକ ଠାରେ ସମବେତ ହେବା ପରେ ସେଠାରୁ କୋଣାର୍କ ଏନଏସି ପଡିଆ ସ୍ଥିତ ଭୋଗ ମଣ୍ଡପ ଅଭିମୁଖେ ଯାତ୍ରା କରିବାର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ସେଠାରେ ଧାର୍ମିକ ରୀତିନୀତି ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ଭୋଗ ଲାଗି ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ପରେ ପରେ କୋଣାର୍କ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ତ୍ରିଶମ୍ଭୁଙ୍କ ନିକଟରେ ଚାଚେରୀ ଭୋଗ ଲାଗି ସହ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ରାତ୍ର ୪ଘଟିକା ସମୟରେ ବାବା ତ୍ରିବେଣୀଶ୍ୱର, ଇଶାଣେଶ୍ୱର ଓ ଦକ୍ଷିଣେଶ୍ୱର ମହାଦେବଙ୍କୁ ଗୋପାଳ ସେବକ ମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନେଇ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଚନ୍ଦ୍ରଭାଗା



ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ତ୍ରିଶମ୍ଭୁଙ୍କ ଅବସ୍ଥାନ ପରେ ତିନି ଠାକୁରଙ୍କ ପୂଜକ ମାନେ ପୁଣ୍ୟ ତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୁଣ୍ୟ ଜଳ ଆଣିବା ପରେ ତ୍ରିଶମ୍ଭୁ ମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ବିଧି ୪ଟା ୩୭ ମିନିଟ ସମୟରେ ଅନୁଷ୍ଠିତ ହେବ। ଏହାପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ଶୃଙ୍ଖଳିତ ସ୍ନାନ କାର୍ଯ୍ୟ ପାଇଁ ବ୍ରାରିକେଟ ବ୍ୟବସ୍ଥା କରାଯାଇଛି। ମାଘସପ୍ତମୀ ବୁଡ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ତୀର୍ଥ ପୁଷ୍କରିଣୀ ଚତୁର୍ଦ୍ଦିଗ ସମେତ ବିଭିନ୍ନ ସ୍ଥାନରେ ୩୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ନେଇ ସୁବନ୍ଦୋବସ୍ତ କରାଯାଇଛି। ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ତୀର୍ଥ ପୁଷ୍କରିଣୀରେ ଓଡିଶା ତଥା ଓଡିଶା ବାହାରୁ ଆସିଥିବା ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଭକ୍ତମାନେ ମାଘ ଷଷ୍ଠୀ ରାତି ୪ଟା ୩୭ ମିନିଟ ସମୟରୁ ମାଘସପ୍ତମୀ ଭୋର ୬ଟା ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଘସପ୍ତମୀ ବୁଡ ପକାଇବାର ସାନ୍ନିଧ ଲାଭ କରିପାରିବେ। ଏହି ପ୍ରସିଦ୍ଧ ଦ୍ୱିତୀୟ ସର୍ବ ବୃହତ ମେଳା ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ ସଂପାଦନ କରାଯିବା ସହ ବ୍ଲିଚିଙ୍ଗ ପକାଯାଇ ପୁଷ୍କରିଣୀର ଜଳକୁ ବିଶୋଧନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରି ଅର୍କାଦିତ୍ୟ ଙ୍କ ପୂଜାର୍ଚ୍ଚନା କରିବା ପରେ ବ୍ୟଞ୍ଜନ ନିଜେ ସେବନ କରି ବଳିଥିବା ଅବଶିଷ୍ଟ ବ୍ୟଞ୍ଜନ ସହ ମାଟି ହାଣ୍ଡିକୁ ତୀର୍ଥ ପୁଷ୍କରିଣୀ ସନ୍ନିକଟ ହାଣ୍ଡି ଭଙ୍ଗା ପୁଷ୍କରିଣୀରେ ହାଣ୍ଡି ଭାଙ୍ଗି ଥାନ୍ତି। ଏହି ପରମ୍ପରା କାହିଁ କେଉଁ ଆବାହମାନ କାଳରୁ ରହି ଆସିଛି। ମାଘସପ୍ତମୀ ସ୍ନାନ ପରେ ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟୋଦୟ ଦେଖିବାକୁ ସମୁଦ୍ର କୂଳରେ ସମବେତ ହୋଇଥାନ୍ତି। ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟୋଦୟ ଦୃଶ୍ୟ ବେଶ ମନୋରମ। ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ କରିବା ପରେ ଚନ୍ଦ୍ରଭାଗା ତୀର୍ଥ ଠାରେ ସୂର୍ଯ୍ୟ ନାରାୟଣଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି। ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘସପ୍ତମୀ ତିଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନେ ବୁଡ ପକାଇ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରିଥାନ୍ତି। କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଅନୁଷ୍ଠିତ ହେଉଛି। ଭାରତୀୟ ସଂସ୍କୃତିର ମହାନ ପର୍ବ ଓ ଐତିହ୍ୟର ପ୍ରତୀକ ଭାବରେ ଭାରତର କୋଣ ଅନୁକୋଣରେ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ପ୍ରସିଦ୍ଧ ଲାଭ କରିଛି। ମାତ୍ର ସରକାରୀ ଉଦାସୀନତା ଯୋଗୁଁ ଏହି ଭାରତ ବିଖ୍ୟାତ ମାଘସପ୍ତମୀ ବୁଡ ଲୋକ ପ୍ରିୟତା ହେବା ବଦଳରେ ବିଲୁପ୍ତ ହେବାକୁ ବସିଛି। ଉତ୍ତର ପ୍ରଦେଶର କୁମ୍ଭ ମେଳା ଓ ଓଡିଶାର ବରଗଡ ଧନୁଯାତ୍ରା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଭଳି ଭାବେ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରାଯାଇଛି। ସେହିପରି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡର ଲୋକ ପ୍ରିୟତା ଓ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଶ୍ରଦ୍ଧାଳୁ ଭକ୍ତ ଓ ସେବାୟତ ସମାଜ। ମାଘସପ୍ତମୀ ଦିନ ସୂର୍ଯ୍ୟମନ୍ଦିରେ ପ୍ରବେଶ ଶୁଳ୍କ ଛାଡ଼ ରହିଥାଏ। ନିଶୁଳ୍କ ଥିବାରୁ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳେ।ଶ୍ରଦ୍ଧାଳୁ ଭକ୍ତମାନେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର କାରୁକାର୍ଯ୍ୟ ଓ କଳାକୃତି ବୁଲି ଦେଖିଥାନ୍ତି। ମନ୍ଦିର ପରିଦର୍ଶନ କରିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ପରିବାର ସଦସ୍ୟଙ୍କ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବାବାଙ୍କ ବର୍ଷ ଶ୍ରଦ୍ଧାଳୁ ଭକ୍ତମାନେ ତ୍ରିଶମ୍ଭୁଙ୍କୁ ଦର୍ଶନ ଓ ତୀର୍ଥରେ ବୁଡ ପକାଇବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷାରତ।


**ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ସଂଗଠକ, କୋଣାର୍କ, ପୁରୀ**
**ମୋବାଇଲ୍: ୯୩୪୮୪୧୮୭୪୩.**

## ଇତିହାସରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ଭବନରେ ବିବାହ କରିବେ ଦୁଇ ଯବାନ



**ନୂଆଦିଲ୍ଲୀ,୧।୨:** ରାଷ୍ଟ୍ରପତି ଭବନ ପାଲଟିବ ମଣ୍ଡପ । ବାଜିବ ଶେହନାଇ, ବିବାହ ବନ୍ଧନରେ ବାନ୍ଧି ହେବେ ଦୁଇ ସିଆରପିଏଫ୍ ଯବାନ। ଇତିହାସରେ ପ୍ରଥମଥର ପାଇଁ ଏମିତି ହେବାକୁ ଯାଉଛି । ରାଷ୍ଟ୍ରପତି ଭବନରେ ସିଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପୁନମ ଗୁପ୍ତାଙ୍କ ବିବାହ ଉତ୍ସବ ଆୟୋଜିତ ହେବ । ସୂଚନା ମୁତାବକ ପୁନମ୍ ଗୁପ୍ତା କିଛି ମାସ ହେବ ରାଷ୍ଟ୍ରପତି ଭବନରେ ପର୍ସନାଲ ସିକ୍ୟୁରିଟି ଅଫିସର ବା ପିଏସଓ ଭାବରେ କାର୍ଯ୍ୟରତ ଥିଲେ । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷାରେ ନିୟୋଜିତ ଅଛନ୍ତି। ଜମ୍ମୁ କାଶ୍ମୀରରେ ସିଆରପିଏଫ୍ ତରଫରୁ ନିୟୋଜିତ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଭିନାଶ କୁମାରଙ୍କ ସହ ପୁନମ୍ ବିବାହ କରିବାକୁ ଯାଉଛନ୍ତି। ୧୨ ଫେବୃଆରୀରେ ରାଷ୍ଟ୍ରପତି ଭବନରେ ଏହି ବିବାହ ସମ୍ପନ୍ନ ହେବ । ପୁନମଙ୍କ ଘର ମଧ୍ୟପ୍ରଦେଶ ଶିବପୁରୀରେ। ପୁନମଙ୍କ ଉତ୍ତମ ବ୍ୟବହାର, କର୍ତ୍ତବ୍ୟ ପରାୟଣତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବେଶ୍ ପ୍ରଭାବିତ କରିଛି । ଯେତେବେଳେ ତାଙ୍କୁ ପୁନମଙ୍କ ବାହାଘର ଠିକ ହୋଇଥିବା କଥା ଜାଣିପାରିଲେ। ସେତେବେଳେ ବିବାହକୁ ରାଷ୍ଟ୍ରପତି ଭବନର ମଦର ଟେରେସା କ୍ରାଉନ୍ ପରିସରରେ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତେବେ କିଛି ଜଣାଶୁଣା ଲୋକଙ୍କ ଉପସ୍ଥିତିରେ ୧୨ ତାରିଖରେ ବିବାହ ସଂପନ୍ନ ହେବ ।

## ଶୋଇଥିବା ବେଳେ ଲାଗିଲା ନିଆଁ : ବୃଦ୍ଧ ମା'-ବାପା ମୃତ, ପୁଅ ଅଟକ



**କେରଳର,୧।୨:** ଅଲପ୍ପୁଝା ଜିଲ୍ଲାରେ ଶନିବାର ଭୋର୍ ସମୟରେ ଏକ ଘରେ ନିଆଁ ଲାଗି ଜଣେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ରାଘବନ (୯୬) ଓ ତାଙ୍କ ପତ୍ନୀ ଭାରତୀ (୮୬) । ଏହି ଦମ୍ପତି ଚେନ୍ନିଥଲା ଗାଁର ବାସିନ୍ଦା ଥିଲେ । ତେବେ ଘରେ ନିଆଁ ଲଗାଇଥିବା ସନ୍ଦେହରେ ପୋଲିସ ମୃତ ଦମ୍ପତିଙ୍କ ପୁଅ ବିଜୟନଙ୍କୁ ଥାନାରେ ଅଟକ ରଖିଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସମ୍ପତ୍ତିକୁ ନେଇ ବିଜୟନଙ୍କର ମାଆ, ବାପାଙ୍କ ସହ ବିବାଦ ଚାଲିଥିଲା । ଭୋର୍ ପ୍ରାୟ ୩ଟା ୩୦ ବେଳେ ଘରେ ନିଆଁ ଲାଗିଥିବା ଜଣେ ଅଟୋରିକ୍ସା ଚାଳକ ଦେଖିବାକୁ ପାଇଥିଲେ। ଏହାପରେ ଗ୍ରାମବାସୀ ଏ ନେଇ ପୋଲିସ ଏବଂ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଧିକାରୀମାନେ ପହଞ୍ଚି କହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଘର ସମ୍ପୂର୍ଣ୍ଣ ଭାବରେ ଜଳିସାରିଥିଲା । ପୋଲିସ ଘର ଭିତରୁ ବୃଦ୍ଧ ଦମ୍ପତିଙ୍କ ଜଳନ୍ତା ମୃତଦେହକୁ ଜବତ କରିଛି । ଏହି ଘଟଣାରେ ମନ୍ନାର ପୋଲିସ ବିଜୟନଙ୍କୁ ସନ୍ଦେହରେ ଅଟକ ରଖିଛି। ତାଙ୍କୁ ଘଟଣାସ୍ଥଳ ପାଖ ଏକ ପ୍ଲଟରୁ ଧରି ପୋଲିସ ଥାନାକୁ ନେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି । ଏହି ଅଗ୍ନିକାଣ୍ଡରେ ଘରଟି ସମ୍ପୂର୍ଣ୍ଣ ରୂପେ ଜଳି ଯାଇଛି । ବର୍ତ୍ତମାନ ବିଜୟନଙ୍କୁ ପୋଲିସ ପଚରାଉଚରା କରୁଛି । ଏହି ମାମଲାରେ ସମସ୍ତ ଦିଗରୁ ତଦନ୍ତ କରାଯାଉଥିବା ପୋଲିସ କହିଛି ।

## ଚାଷୀଙ୍କୁ ଋଣରେ ବୁଡ଼େଇ ଦେବ ବଜେଟ୍ : ଟିକାୟତ



**ନୂଆଦିଲ୍ଲୀ,୧।୨:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବଜେଟ୍ ଉପସ୍ଥାପନ କରିବା ପରେ ଏ ନେଇ ପ୍ରତିକ୍ରିୟା ଆସିବା ଆରମ୍ଭ ହୋଇଗଲାଣି। ଏଥିରେ ଅର୍ଥମନ୍ତ୍ରୀ ଚାଷୀଙ୍କ ନିମନ୍ତେ କରିଥିବା ଘୋଷଣାରେ ଅଲଗା ଅଲଗା ଚାଷୀ ସଙ୍ଗଠନମାନେ ବଜେଟ ପ୍ରାବଧାନଗୁଡିକୁ ନେଇ ନିଜନିଜର ରାୟ ରଖିଛନ୍ତି ଓ କେନ୍ଦ୍ର ସରକାରଙ୍କ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି। କିଷାନ କ୍ରେଡିଟ କାର୍ଡ ଲିମିଟ ବଢାଇବା ନିମନ୍ତେ ଘୋଷଣାକୁ ନେଇ ରାକେଶ ଟିକାୟତ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ସେ କହିଛନ୍ତି ଯେ ବଜେଟରେ ଚାଷୀଙ୍କୁ ଋଣ ମୁକ୍ତ କରିବା ପାଇଁ ପ୍ରାବଧାନ ରହିବା କଥା। ହେଲେ କେନ୍ଦ୍ର ସରକାର ସେମାନଙ୍କୁ ଋଣରେ ଛନ୍ଦି ଦେବାର ବ୍ୟବସ୍ଥା କରିଛନ୍ତି। ଏନେଇ କୃଷକ ନେତା ସୋସିଆଲ ମିଡିଆରେ ଏକ ପୋଷ୍ଟ ମଧ କରିଛନ୍ତି। ଏଥିରେ ସେ କହିଛନ୍ତି ଯେ ଦେଶର କୃଷକଙ୍କୁ ଋଣ ଜାଲରେ ଛନ୍ଦି ସେମାନଙ୍କ ଜମି କର୍ପୋରେଟଙ୍କୁ ପ୍ରଦାନ କରିବାର ଷଡ଼ଯନ୍ତ୍ର କରାଯାଇଛି। ରାକେଶ ଟିକାୟତ ବଜେଟ୍ କୁ 'ଜନତା ବନାମ କର୍ପୋରେଟ' ବଜେଟ ବୋଲି କହିଛନ୍ତି। ରାକେଶ ଟିକାୟତ କହିଛନ୍ତି ଯେ ସରକାର ପୁରୁଣା ବଜେଟକୁ ନୂଆ କରି କର୍ପୋରେଟଙ୍କ ହାତକୁ ଦେଇଛନ୍ତି। ଏହା ଛଡା ଅନ୍ୟ କୃଷକ ନେତାମାନେ କହିଛନ୍ତି ଯେ ଚାଷୀ ଋଣରେ ବୁଡିବାକୁ ନୁହେଁ ଋଣରୁ ମୁକୁଳିବାକୁ ଚାହାନ୍ତି। ଏଣୁ ସେମାନେ ଋଣ ମୁକ୍ତି ଦାବି କରୁଛନ୍ତି। ହେଲେ ସରକାର ଏହାକୁ ନେଇ ବଜେଟରେ କୌଣସି ଘୋଷଣା କରି ନାହାନ୍ତି। ଏଣୁ ଚାଷୀ ବଜେଟକୁ ନେଇ ଯେଉଁ ଆଶା ବାନ୍ଧି ଥିଲେ ତାହା ପାଣି ହୋଇଯାଇଛି। କୃଷକ ନେତାଙ୍କ କହିବା କଥା ହେଉଛି ଯେଉଁ ଚାଷୀମାନେ ଋଣରେ ବୁଡ଼ି ରହିଛନ୍ତି ଏହି ବଜେଟରୁ ସେମାନଙ୍କୁ କିଛି ମିଳିବାର ନାହିଁ। ଏଣୁ କୃଷକ ନେତାମାନେ କହିଛନ୍ତି ଯେ ସରକାରଙ୍କ ବେଜଟରୁ ଚାଷୀଙ୍କୁ କୌଣସି ଲାଭ ମିଳିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ କୃଷି ମନ୍ତ୍ରାଳୟ ବଜେଟ ଗତବର୍ଷ ଯାହା ଥିଲା ଚଳିତବର୍ଷ ଏଥିରେ ୧୯,୫୮୬ କୋଟିଟଙ୍କା ବଢାଇ ଏହାକୁ ୧୭,୧,୪୩୭ କୋଟିର କରାଯାଇଛି।

# ଇଚ୍ଛାମୃତ୍ୟୁ ଲାଗୁ କରିବାରେ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ

## ନିକଟରେ ସୁପ୍ରିମ୍‌କୋର୍ଟ ଦେଇଥିଲେ ନିର୍ଦ୍ଦେଶ



**ବେଙ୍ଗାଲୁରୁ,୧।୨:** ରାଇଟ ଟୁ ଡାଏ ଆଣ୍ଡ ୱିଥ ଡିଗନିଟି ବା ସମ୍ମାନର ସହ ଇଚ୍ଛାମୃତ୍ୟୁ ଅଧିକାର ଲାଗୁ କରିବାରେ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ ହୋଇଛି। ନିକଟରେ ସୁପ୍ରିମ୍‌କୋର୍ଟ ଏହାକୁ ଅନୁମତି ଦେବା ପରେ ଆଜିଠାରୁ କର୍ଣ୍ଣାଟକ ସରକାର ଏହାକୁ ଲାଗୁ କରିଛନ୍ତି । ଅତ୍ୟଧିକ ଗମ୍ଭୀର ରୋଗରେ ପୀଡ଼ିତ ବା ଯେଉଁ ରୋଗର ଚିକିତ୍ସା ନାହିଁ, ସେଭଳି ସ୍ଥିତିରେ ବ୍ୟକ୍ତି ସମ୍ମାନର ସହ ଇଚ୍ଛାମୃତ୍ୟୁ ଅଧିକାର ଅନୁସାରେ ନିଜ ଜୀବନ ତ୍ୟାଗ କରିପାରିବେ। ନିକଟରେ ଏହି ପିଟିସନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ଏହି ଅଧିକାର ଲାଗୁ କରିବାକୁ ଆଦେଶ ଦେଇଥିଲେ। ଆଜି ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁରାଓ। ତେବେ ଏଥିପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଛି, ଯାହାର ଅନୁପାଳନ ପରେ ହିଁ କୌଣସି ବ୍ୟକ୍ତି ଇଚ୍ଛାମୃତ୍ୟୁକୁ ଆପଣାଇପାରିବେ। ଏଥିସକାଶେ ସର୍ବପ୍ରଥମେ ଟୁ-ଷ୍ଟେପ ମେଡିକାଲ ରିଭ୍ୟୁ ସିଷ୍ଟମ ଜରୁରୀ। ଏହା ମୁଖ୍ୟତଃ ଲାଇଫ ସପୋର୍ଟ ସିଷ୍ଟମରେ ଥିବା ରୋଗୀଙ୍କ ପାଇଁ ଲାଗୁ ହେବ। ୩ ଜଣ ସଦସ୍ୟଙ୍କୁ ନେଇ ଗଠିତ ଡାକ୍ତରୀ ଟିମ ରୋଗୀଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଥମେ ନିରୀକ୍ଷଣ କରିବେ। ଏହାପରେ ଏନେଇ କୋର୍ଟଙ୍କୁ ଏକ ରିପୋର୍ଟ ଦିଆଯିବ। ଉକ୍ତ ରିପୋର୍ଟର ଯାଞ୍ଚ୍ କରି କୋର୍ଟ ଆଦେଶ ଦେବାପରେ ଇଚ୍ଛାମୃତ୍ୟୁକୁ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିପାଇଁ ରୋଗୀଙ୍କ ପରିବାରର ଅନୁମତିକୁ ବାଧ୍ୟତାମୂଳକ କରାଯାଇଛି। ଅଧିନିୟମ ୧୯୯୪ ଅନୁସାରେ ଏହାକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାରେ ଏହାକୁ ଲାଗୁ କରାଯାଇଥିବା ଜଣାପଡ଼ିଛି।

## ବିଜେପିରେ ମିଶିଲେ ଆପ୍‌ର ୮ ବିଧାୟକ

**ନୂଆଦିଲ୍ଲୀ,୧।୨:** ଆମ୍ ଆଦମୀ ପାର୍ଟିରୁ ଇସ୍ତଫା ଦେଇଥିବା ସମସ୍ତ ୮ ବିଧାୟକ ବିଜେପିରେ ସାମିଲ ହୋଇଛନ୍ତି । ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବାଙ୍କ ଉପସ୍ଥିତିରେ ସେମାନେ ବିଜେପିର ହାତ ଧରିଛନ୍ତି । ଏହି ବିଧାୟକମାନେ ଶୁକ୍ରବାର ହିଁ ଦଳରୁ ଇସ୍ତଫା ଦେଇଥିଲେ। ତେବେ ନିର୍ବାଚନ ପୂର୍ବରୁ ଏତେ ସଂଖ୍ୟାରେ ଆପ୍ ନେତା ବିଜେପିରେ ମିଶିବା କେଜ୍ରିୱାଲଙ୍କ ପାଇଁ ସମସ୍ୟା ଆଣିପାରେ । ବିଜେପିରେ ମିଶିଥିବା ଆମ୍ ଅଦମୀ ପାର୍ଟିର ନେତାମାନେ ହେଲେ ତ୍ରିଲୋକପୁରୀ ବିଧାୟକ ରୋହିତ ମହରୌଲିଆ,



ଜନକପୁରୀ ବିଧାୟକ ରାଜେଶ ଋଷି, କସ୍ତୁରବା ନଗର ବିଧାୟକ ମଦନଲାଲ, ପାଲମ୍ ବିଧାୟକ ଭାବନା ଗୌଡ଼, ମହରୌଲି ବିଧାୟକ ନରେଶ ଯାଦବ, ଆଦର୍ଶ ନଗର ବିଧାୟକ ପବନ ଶର୍ମା, ମାଦିପୁରର ଗିରିଶ ସୋନି ଏବଂ ବିଜୱାସନ ବିଧାୟକ ବିଏସ୍ ଜୁନ୍ । ଏହି ବିଧାୟକମାନେ ନିଜ ଇସ୍ତଫା ପତ୍ରରେ କହିଥିଲେ, 'ଆମ୍ ଆଦମୀ ପାର୍ଟି ଯେଉଁ ସଚ୍ଚୋଟ ବିଚାରଧାରା ଉପରେ ଗଢ଼ି ଉଠିଥିଲା, ସେହି ବିଚାରଧାରାରୁ ଏବେ ସମ୍ପୂର୍ଣ୍ଣ ଦୂରେଇ ଯାଇଛି । ଆମ୍ ଆଦମୀ ପାର୍ଟିର ଏହି ଦୁର୍ଦ୍ଦଶା ଦେଖି ମନ ବହୁତ ଦୁଃଖିତ'। ମହରୌଲି ବିଧାୟକ ନରେଶ ଯାଦବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ନିଜ ଇସ୍ତଫା ଘୋଷଣା କରିଥିଲେ । ସେ ଲେଖିଥିଲେ, 'ମୁଁ ସଚ୍ଚୋଟତାର ରାଜନୀତି ପାଇଁ ଆମ୍ ଆଦମୀ ପାର୍ଟିରେ ଯୋଗଦେଇଥିଲି । କିନ୍ତୁ ଆଜି କେଉଁଠି ବି ସଚ୍ଚୋଟତା ନଜର ଆସୁନାହିଁ। ମୁଁ ମହରୌଲି ବିଧାନସଭା ଆସନରେ ଗତ ୧୦ ବର୍ଷରୁ କ୍ରମାଗତ ଭାବରେ ୧୦୦ ପ୍ରତିଶତରୁ ଅଧିକ ସଚ୍ଚୋଟତାର ସହ କାର୍ଯ୍ୟ କରିଛି। ମହରୌଲିର ଜନତା ଜାଣିଛନ୍ତି, ମୁଁ ସଚ୍ଚୋଟତାର ରାଜନୀତି, ଭଲ ବ୍ୟବହାର ରାଜନୀତି ଏବଂ କାମର ରାଜନୀତି କରିଛି । କିନ୍ତୁ ଆମ୍ ଆଦମୀ ପାର୍ଟି ଏବେ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିରେ ଲିପ୍ତ ରହିଛି' । କସ୍ତୁରବା ନଗର ବିଧାୟକ ମଦନଲାଲ ନିଜ ଇସ୍ତଫାପତ୍ରରେ ଲେଖିଥିଲେ, 'ଆମ୍ ଆଦମୀ ପାର୍ଟି ଉପରୁ ମୋର ସମ୍ପୂର୍ଣ୍ଣ ଭରସା ତୁଟି ଯାଇଛି। ଏଥିପାଇଁ ମୁଁ ଦଳରୁ ଇସ୍ତଫା ଦେଉଛି' ।

## ଆଜିଠୁ ଖୋଲିବ ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ



**ନୂଆଦିଲ୍ଲୀ,୧।୨:** ରାଷ୍ଟ୍ରପତି ଭବନ ପରିସର ଅମୃତ ଉଦ୍ୟାନ ରବିବାରଠାରୁ ସାଧାରଣ ଲୋକଙ୍କ ପାଇଁ ଖୋଲିବ । ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ଏହା ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ମଙ୍ଗଳବାରରୁ ରବିବାର ପର୍ଯ୍ୟନ୍ତ ସପ୍ତାହରେ ଛଅ ଦିନ ଲୋକମାନେ ଉଦ୍ୟାନ ପରିଦର୍ଶନ କରିପାରିବେ । ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅମୃତ ଉଦ୍ୟାନ ଖୋଲା ରହିବ ବୋଲି ରାଷ୍ଟ୍ରପତି ଭବନ ତରଫରୁ କୁହାଯାଇଛି । ରକ୍ଷଣାବେକ୍ଷଣ କାରଣରୁ ସୋମବାର ଉଦ୍ୟାନ ବନ୍ଦ ରହିବ । ପୂର୍ବରୁ ଏହି ଉଦ୍ୟାନ ମୋଗଲ ଗାର୍ଡେନ୍ ନାମରେ ଜଣାଯାଉଥିଲା। କିନ୍ତୁ ପରେ ଏହାର ନାମ ବଦଳାଯାଇ ଅମୃତ ଉଦ୍ୟାନ ରଖାଗଲା । ଉଦ୍ୟାନରେ ବୁକିଂ ଏବଂ ପ୍ରବେଶ ନିଃଶୁଳ୍କ ରହିଛି । ଏଥିପାଇଁ ରାଷ୍ଟ୍ରପତି ଭବନର ଅଫିସିଆଲ୍ ପୋର୍ଟାଲରୁ ପାସ୍ ନେବାକୁ ପଡ଼ିବ । ବୁକିଂ କରି ନ ଥିଲେ, ଲୋକଙ୍କୁ ଉଦ୍ୟାନରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ସମସ୍ତ ପରିଦର୍ଶକଙ୍କ ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ରାଷ୍ଟ୍ରପତି ଭବନର ଗେଟ୍ ନମ୍ବର ୩୫ରୁ ହେବ, ଯାହା ଉତ୍ତର ଆଭେନ୍ୟୁରୁ ରାଷ୍ଟ୍ରପତି ଭବନ ନିକଟରେ ରହିଛି । କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନରୁ ଗେଟ୍ ନମ୍ବର ୩୫ ପର୍ଯ୍ୟନ୍ତ ପ୍ରତ୍ୟେକ ୩୦ ମିନିଟରେ ସକାଳ ସାଢ଼େ ୯ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସଟଲ୍ ବସ୍ ସେବା ଉପଲବ୍ଧ ହେବ । ଚଳିତ ବର୍ଷ ପରିଦର୍ଶକମାନେ ଅମୃତ ଉଦ୍ୟାନରେ ଟ୍ୟୁଲିପ୍ ସହିତ ୧୪୦ ପ୍ରକାରର ଗୋଲାପ ଏବଂ ୮୦ରୁ ଅଧିକ ଫୁଲ ଦେଖିପାରିବେ ।

## ଆମେରିକାର ଫିଲାଡେଲଫିଆରେ ବିମାନ ଦୁର୍ଘଟଣା, ୬ ଯାତ୍ରୀ ମୃତ



**ୱାଶିଂଟନ୍,୧।୨:** ଆମେରିକାରେ ପୁଣି ବିମାନ ଦୁର୍ଘଟଣା । ୱାଶିଂଟନ୍ ପରେ ଫିଲାଡେଲଫିଆରେ ବିମାନ ଦୁର୍ଘଟଣା ହୋଇଛି । ଫିଲାଡେଲଫିଆ ଏୟାରପୋର୍ଟ ଠାରୁ ମାତ୍ର ୫ କିଲୋମିଟର ଦୂରରେ ଏକ ଛୋଟ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ଏକ ଜନବସତିରେ ଖସି ପଡ଼ିଥିବାରୁ ବଡ଼ କ୍ଷୟକ୍ଷତି ହୋଇଛି । ବିମାନ ଖସି ପଡ଼ିଥିବା ସ୍ଥାନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ଏକାଧିକ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁ ଲିଭାଇଛନ୍ତି। ସ୍ଥାନୀୟ ଲୋକଙ୍କୁ ସେହି ଅଞ୍ଚଳକୁ ନଯିବାକୁ ପରାମର୍ଶ ଦିଆଯାଇଛି । ରାସ୍ତାକୁ ବନ୍ଦ କରିଦିଆଯାଇଛି । ଦୁର୍ଘଟଣାରେ ପାଇଲଟଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି । ବିମାନରେ ପାଇଲଟଙ୍କୁ ମିଶାଇ ମୋଟ ୬ ଜଣ ଯାତ୍ରୀ ଥିଲେ । କ୍ଷୟକ୍ଷତି ଆକଳନ କରାଯାଉଛି । ବିମାନଟି ଟେକ୍ ଅଫ୍ କରିବାର ମାତ୍ର ୩୦ ସେକେଣ୍ଡ ପରେ ରାଡାରରୁ ଅଦୃଶ୍ୟ ହୋଇ ଯାଇଥିଲା ବିମାନ । ବିମାନ ଖସି ପଡ଼ିବା ବେଳେ ୧ ହଜାର ୬୫୦ ଫୁଟ ଉପରେ ଥିଲା । ଦୁର୍ଘଟଣା ପେନସିଲଭେନିଆ ସହରର ରୁଜଭେଲ୍ଟ ମଲ୍ ନିକଟରେ ହୋଇଛି । ବିମାନ ଖସିଥିବା ଅଞ୍ଚଳରେ ଅନେକ ଘର ଏବଂ ଦୋକାନ ରହିଛି । ବିମାନ ଖସିବା ପରେ ଅନେକ ଘର ଜଳିଯାଇଛି। ତେବେ ଦୁର୍ଘଟଣା କାହିଁକି ହେଲା ତା'ର ଯାଞ୍ଚ ଚାଲିଛି । ସୂଚନାଯୋଗ୍ୟ, ଆମେରିକାର ୱାଶିଂଟନ ଡିସିରେ ରିଗାନ ନ୍ୟାସନାଲ ଏୟାରପୋର୍ଟ ନିକଟରେ ଏକ ଯାତ୍ରୀବାହୀ ବିମାନ ଓ ଆର୍ମି ହେଲିକପ୍ଟର ମଧ୍ୟରେ ଭୀଷଣ ଧକ୍କା ହୋଇଥିଲା । ଆମେରିକା ଏୟାରଲାଇନ୍ସର ୫୩୪୨ ବିମାନ ୱିଚିଟା, କେନସସରୁ ଉଡାଣ ଭରି ୱାଶିଂଟନ ଡିସିକୁ ଆସୁଥିଲା । ରନୱେରେ ଲାଣ୍ଡିଂ କରିବା ସମୟରେ ଏକ ମିଲିଟାରୀ ହେଲିକପ୍ଟର ବ୍ଲାକ୍ ହକ୍ ଧକ୍କା ହୋଇଥିଲା । ଧକ୍କା ହେବା ପରେ ଭୟଙ୍କର ନିଆଁ ଲାଗିଯାଇଥିଲା ଆଉ ବିମାନଟି ନଦୀରେ ଖସିପଡିଥିଲା । ଏବେ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇ ୱାଶିଂଟନ ଫାୟାର ଚିଫ୍ କହିଛନ୍ତି ଯେ ଏହି ଦୁର୍ଘଟଣାରେ ସମସ୍ତ ୬୭ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।

## କେନାଲକୁ ଖସିପଡ଼ିଲା କାର୍, ବୁଡ଼ିଗଲେ ୧୧ ଯାତ୍ରୀ



**ନୂଆଦିଲ୍ଲ,୧।୨:** ହରିୟାଣାର ଫତେହାବାଦରେ ବଡ଼ ଧରଣର ଦୁର୍ଘଟଣା। କୁହୁଡି ହେଲା କାଳ, ଜାଣିପାରିଲାନି ଡ୍ରାଇଭର। ରାସ୍ତା ଭାବି ଚଲାଉଥିଲେ, ସିଧା ବୁଡିଗଲେ। ଏଭଳି ଘଟଣା ଘଟିଛି ରାତିଆ ଅଞ୍ଚଳର ସର୍ଦ୍ଧାରୱାଲା ଗାଁ ନିକଟରେ। ୧୪ ଜଣଙ୍କୁ ନେଉଥିବା କାର କେନାଲକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟ ୫ ଜଣଙ୍କ ସନ୍ଧାନ ଜାରି ରହିଛି। ଜଣେ ଶିଶୁ ଏବଂ ଜଣେ ବୃଦ୍ଧଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଘନ କୁହୁଡ଼ି ଏବଂ କେନାଲରେ ସୁରକ୍ଷା କାନ୍ଥ ନଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

## ପାକ୍ ସେନା ଉପରେ ବଲୁଚିସ୍ତାନରେ ବଡ଼ ଆକ୍ରମଣ



● ରାତି ସାରା ଗୁଳି ବିନିମୟ, ୧୭ ସୈନିକ ମୃତ

**ଇସଲାମାବାଦ,୧।୨:** ପାକିସ୍ତାନୀ ସେନା ଉପରେ ବଲୁଚିସ୍ତାନରେ ହୋଇଛି ବଡ଼ ଆକ୍ରମଣ। ପାକିସ୍ତାନର ବଲୁଚିସ୍ତାନରେ ବିଚ୍ଛିନ୍ନତାବାଦୀମାନେ ପାକିସ୍ତାନୀ ସେନା ଉପରେ ବଡ଼ ଆକ୍ରମଣ କରିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୧୭ ଜଣ ସୈନିକ ପ୍ରାଣ ହରାଇଛନ୍ତି । ପାକିସ୍ତାନୀ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ ବଲୁଚିସ୍ତାନର କଲାତ ଜିଲ୍ଲା ମଙ୍ଗୋଚର ଅଞ୍ଚଳରେ ସୀମାନ୍ତ କର୍ପସ୍ କ୍ୟାମ୍ପ୍ ଉପରେ ଏକ ସଶସ୍ତ୍ର ଗୋଷ୍ଠୀ ଆକ୍ରମଣ କରିଥିଲା । ଏହା ବ୍ୟତୀତ ଉଗ୍ରବାଦୀମାନେ କ୍ୱେଟା-କରାଚି ରାଜପଥକୁ କବଜା କରି ସେଠାରେ ପାକିସ୍ତାନୀ ସେନା ଗାଡ଼ିକୁ ଟାର୍ଗେଟ କରିଥିଲେ । ଗତ ରାତିରେ ହୋଇଥିବା ଏହି ଆକ୍ରମଣରେ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ଏବଂ ୩ ଜଣ ଆହତ ହୋଇଛନ୍ତି । କୁହାଯାଇଛି ଯେ ରାଜପଥରେ ଏକ ଗାଡ଼ି ଉପରେ ହୋଇଥିବା ଆକ୍ରମଣରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଛି । ଏହି ଗାଡ଼ି ପାକିସ୍ତାନୀ ସେନାର ବୋଲି ଜଣାପଡ଼ିଛି । ବାଲୁଚ ବିଚ୍ଛିନ୍ନତାବାଦୀମାନେ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ ଏବଂ ରାତିସାରା ଗୁଳି ବିନିମୟ ଜାରି ରହିଥିଲା । ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୪ ଜଣ ଉଗ୍ରବାଦୀଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ ଏବେ ଗୁଳି ବିନିମୟ ବନ୍ଦ ହୋଇଯାଇଛି । ଖାଲିକ୍ ଆବାଦରେ ବସ୍ ଉପରକୁ ଗୁଳି ଚଳାଯିବା ସହିତ କଲାତରେ ଆସିଷ୍ଟାଣ୍ଟ କମିଶନରଙ୍କ ବାସଭବନ ଉପରେ ମଧ୍ୟ ଆକ୍ରମଣ ହୋଇଛି । ଏହି ସମୟରେ ଖୈବର ପଖତୁନଖୱାରେ ପାଞ୍ଚଟି ପୃଥକ୍ ଅପରେସନରେ ୧୦ ଜଣ ଉଗ୍ରବାଦୀଙ୍କୁ ମରାଯାଇଥିବା ପାକିସ୍ତାନୀ ସେନା କହିଛି ।

## ମହାକୁମ୍ଭ ମେଳାକୁ ସଂଯୋଗ କରୁଥିବା ପ୍ରବେଶ ପଥରେ ରହିବେ ପାରାମିଲିଟାରୀ

**ପ୍ରୟାଗରାଜ,୧।୨:** ମହାକୁମ୍ଭ ଦଳାଚକଟା ଘଟଣାରେ ପୋଲିସ ପ୍ରଶାସନ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନେଇ ସତର୍କ ହୋଇଯାଇଛି । ଏଭଳି ଘଟଣାର ପୁନରାବୃତ୍ତି ନ ହେଉ ସେଥିପାଇଁ ମେଳାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ସ୍ତରରେ ପରିବର୍ତ୍ତନ କରାଯାଇଛି । ଯେଉଁଥି ପାଇଁ ଏବେ ପ୍ରବେଶ କରୁଥିବା ରାସ୍ତାରେ ସିଭିଲ ପୋଲିସ ସହିତ ପାରାମିଲିଟାରୀ ଫୋର୍ସ ଯବାନ ନିୟୋଜିତ ରହିବେ । ରିପୋର୍ଟ ମୁତାବକ, ଶ୍ରଦ୍ଧାଳୁ ଆସିବା ଏବଂ ସ୍ନାନ ପରେ ଯିବାକୁ ୱାନୱେ ବ୍ୟବସ୍ଥା କରାଯାଇଛି । ଭିଡି ଅଞ୍ଚଳରେ ବ୍ୟାରିକେଡିଂକୁ ମଜବୁତ କରାଯାଇଛି । ଗୋଟିଏ ସ୍ଥାନ ଭିଡ଼ ଏକାଠି ନ ହେଉ ସେଥିପାଇଁ ଡାଇଭର୍ସନ କରାଯାଇଛି । ମୌନୀ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ଦିନ ତୃତୀୟ ଅମୃତ ସ୍ନାନ କରାଯିବ । ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଆଗମନ ଆଶା କରାଯାଉଛି । ଏହାକୁ ନଜରରେ ରଖି ମେଳା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ମହାକୁମ୍ଭ ମେଳା ଆରମ୍ଭ ହେବାକୁ ନେଇ ସଙ୍ଗମ ସ୍ଥଳ ଯିବା ପାଇଁ କାଳୀ ମାର୍ଗ ପ୍ରସ୍ତୁତ କରାଯାଇଛି । ଶ୍ରଦ୍ଧାଳୁ ଏବେ ମାର୍ଗ ଦେଇ ପ୍ରବେଶ କରିବେ ଏବଂ ତ୍ରିବେଣୀ ମାର୍ଗ ଦେଇ



ମେଳାରୁ ବାହାରିବେ। ଦଳାଚକଟା ଦିନ ଶ୍ରଦ୍ଧାଳୁଙ୍କ ଭିଡ଼ କାଳୀ ମାର୍ଗ ଛାଡି ଅନ୍ୟ ରାସ୍ତାରେ ପ୍ରବେଶ କରିଥିଲେ। ଫଳରେ ଅମୃତ ସ୍ନାନ ପୂର୍ବରୁ ସବୁ ରାସ୍ତାରେ ଲୋକ ଯିବାକୁ ଲାଗିଥିଲେ। ଫଳରେ ସଙ୍ଗମ ନୋଜକୁ ଅଧିକ ଭିଡ଼ ଜମିଥିଲା, ଆଉ ବ୍ୟାରିକେଡ୍ ଭାଙ୍ଗିଥିଲା। ତେଣୁ ବସନ୍ତ ପଞ୍ଚମୀ ଅବସରରେ ହେବାକୁ ଥିବା ଭିଡ଼ ଯୋଗୁଁ ଶ୍ରଦ୍ଧାଳୁଙ୍କ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ପ୍ରବେଶ କରୁଥିବା ରାସ୍ତାରେ ପାରାମିଲିଟାରୀ ଫୋର୍ସ ଯବାନ ନିୟୋଜିତ କରାଯାଇଛି। ଏହାସହିତ କାଳୀ ଏବଂ ତ୍ରିବେଣୀ ମାର୍ଗ ଛଡା ସଙ୍ଗମ ଅଞ୍ଚଳରେ



ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଆଗକୁ କିଛି ଏଭଳି ସ୍ଥିତି ନ ଉପୁଜୁ, ସେଥିପାଇଁ ସ୍ନାନ ଘାଟରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ପ୍ରୟାଗରାଜ ମହାକୁମ୍ଭରେ ହୋଇଥିବା ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ୫୦ରୁ ଅଧିକ ଆହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କୌଣସି ପ୍ରକାର ବିଶେଷ ପାସ ଆଉ କୁମ୍ଭମେଳାରେ କାମ କରିବ ନାହିଁ । ସେହିପରି ମେଳା ପରିସରକୁ ନୋ-ଭେହିକିଲ ଜୋନ ଘୋଷଣା କରାଯାଇଛି । କୌଣସି ପ୍ରକାର ଗାଡି ମେଳା କ୍ଷେତ୍ର ମଧକୁ ପ୍ରବେଶ କରିପାରିବ ନାହିଁ । ପ୍ରୟାଗରାଜରେ ୱାନ ୱେ ମାର୍ଗ ବ୍ୟବସ୍ଥା ଲାଗୁ କରାଯାଇଛି । ୪ ଫେବୃଆରୀ ପର୍ଯ୍ୟନ୍ତ ସହରରେ ୪ ଚକିଆ ଯାନର ଏଣ୍ଟ୍ରି ସମ୍ପୂର୍ଣ୍ଣ ନିଷେଧ ।

୩୮ତମ ଜାତୀୟ କ୍ରୀଡ଼ା

# ରିମା ଓ ମହିଳା ରଗ୍‌ବି ଦଳ ଦେଲେ ସ୍ୱର୍ଣ୍ଣ





## ପ୍ରତ୍ୟାଶା, ସ୍ୱସ୍ତି, ରିୟାଙ୍କୁ କାଂସ୍ୟ

**ଭୁବନେଶ୍ୱର, ୧।୨:** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଓଡ଼ିଶା ଖେଳାଳି ୨ ସ୍ୱର୍ଣ୍ଣ ଓ ୪ କାଂସ୍ୟ ସହ ମୋଟ ୫ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୯ (୩ ସ୍ୱର୍ଣ୍ଣ, ୬ କାଂସ୍ୟ)ରେ ପହଞ୍ଚିଛି।

ଶୁକ୍ରବାର ସ୍ୱର୍ଣ୍ଣ ଦୁଇଟି ମହିଳା ଭାରୋତ୍ତୋଳନ ଓ ରଗ୍‌ବିରୁ ଆସିଛି। ୪୫ କେଜି ଭାରୋତ୍ତୋଳନରେ ରିମା ଭୋଇ ୮୪ କେଜି ସ୍ନାଚ୍ ଏବଂ ୧୦୫ କେଜି କ୍ଲିନ୍ ଓ ଜର୍କ ସହ ମୋଟ ୧୮୯ କେଜି ଉଠାଇ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। ଏହା ଓଡ଼ିଶାର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ। ହରିୟାଣାର ସ୍ନେହା ୧୮୭ କେଜି (୮୩ କେଜି ସ୍ନାଚ୍ ଏବଂ ୧୦୪ କେଜି କ୍ଲିନ୍ ଓ ଜର୍କ) ରୌପ୍ୟ ଏବଂ ଅରୁଣାଚଳପ୍ରଦେଶର ବଲୋ ୟାଲାମ ୧୮୫ କେଜି (୮୧ କେଜି ସ୍ନାଚ୍ ଏବଂ ୧୦୪ କେଜି କ୍ଲିନ୍ ଓ ଜର୍କ) କାଂସ୍ୟ ପାଇଥିଲେ। ୫୫ କେଜି ମହିଳାରେ ମୀନା ସାନ୍ତା (ଏ) ୧୮୧ କେଜି ଉଠାଇ ଚତୁର୍ଥ ଏବଂ ସ୍ନେହା ସୋରେନ (୧୮୦ କେଜି) ପଞ୍ଚମ ସ୍ଥାନରେ ରହିଥିଲେ। ମୀନା କେବଳ ଗୋଟିଏ କେଜି ପାଇଁ କାଂସ୍ୟରୁ ବଞ୍ଚିତ ହୋଇଥିଲେ। ଏହି ପ୍ରଦର୍ଶନ ଲାଗି ଖେଳାଳିମାନଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। ମହିଳା ରଗ୍‌ବି ଫାଇନାଲ୍‌ରେ ଓଡ଼ିଶା ୨୯-୫ରେ ବିହାରକୁ ହରାଇଥିଲା। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଓଡ଼ିଶା ୩୧-୫ରେ ମହାରାଷ୍ଟ୍ରକୁ ହରାଇଥିଲା। ବିଜେତା ଓଡ଼ିଶା ଦଳରେ ଓଡ଼ିଶା ଦଳରେ କବିତା ପଡ଼ିହାରୀ, ଆରତୀ ମୁର୍ମୁ, ପୁଷ୍ପାଞ୍ଜଳି ଭୋଇ, ପାର୍ବତୀ ହାଁସ୍‌ଦା, ଡୁମୁନି ମାଣ୍ଡି, ହୁପି ମାଝୀ, ନିର୍ମାଲ୍ୟ ରାଉତ, ସୁନିତା ହାଁସ୍‌ଦା, ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ କିସ୍‌କୁ, ମାମା ନାୟକ, ତିଳୋତମା ସାହୁ ଥିଲେ। ତେବେ ପୁରୁଷ ଦଳ ସେମିଫାଇନାଲ୍‌ରେ ମହାରାଷ୍ଟ୍ରଠୁ ୭-୧୨ରେ ହାରି ସ୍ୱର୍ଣ୍ଣ ଲଢ଼େଇରୁ ବାଦ୍ ପଡ଼ିଥିଲା। ହେଲେ କାଂସ୍ୟ ମୁକାବିଲାରେ ୨୬-୧୦ରେ ପଶ୍ଚିମବଙ୍ଗକୁ ହରାଇ ପଦକ ନିଶ୍ଚିତ କରିଥିଲା।

ସନ୍ତରଣରେ ପ୍ରତ୍ୟାଶା ରାୟ, ସାଇକ୍ଲିଂରେ ସ୍ୱସ୍ତି ସିଂହ ଏବଂ ଉଷୁରେ ରିୟା ଠାକୁର କାଂସ୍ୟ ପଦକ ଜିତିଛନ୍ତି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା (୨:୨୭.୭୫) ତୃତୀୟ ସ୍ଥାନରେ ରହିଥିଲା ବେଳେ ପଶ୍ଚିମବଙ୍ଗର ସୌବିତ୍ରୀ ମଣ୍ଡଳ (୨:୨୪.୪୧) ସ୍ୱର୍ଣ୍ଣ ଏବଂ ମହାରାଷ୍ଟ୍ରର ପ୍ରତିଷ୍ଠା ଡାଙ୍ଗି (୨:୨୬.୬୩) ରୌପ୍ୟ ପାଇଥିଲେ। ସାଇକ୍ଲିଂର ୬୦ କିଲୋମିଟର ରୋଡ୍ ମାସ୍ ଷ୍ଟାର୍ଟ ଇଭେଣ୍ଟ୍‌ରେ ସ୍ୱସ୍ତି (୧:୪୫:୧୦.୭୬୯) ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଆଗରେ ଗୁଜରାଟର ମୁସ୍କାନ ଗୁପ୍ତା (୧:୪୫:୧୦.୫୧୨) ଏବଂ ମହାରାଷ୍ଟ୍ରର ପୂଜା ବାବନ ଡାନୋଲେ (୧:୪୫:୧୦.୫୯୦) ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ କରାୟତ୍ତ କରିଥିଲେ।

ଓଡ଼ିଶା ମହିଳା ଖୋ ଖୋ ଦଳ ଏବଂ ଉଷୁ ଖେଳାଳି ମଞ୍ଜୁ ମୁଣ୍ଡା ଫାଇନାଲ୍‌ରେ ପହଞ୍ଚି ଓଡ଼ିଶା ଲାଗି ଆଉ ୨ ସ୍ୱର୍ଣ୍ଣ ପଦକ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଖୋ ଖୋ ସେମିଫାଇନାଲ୍‌ରେ ଓଡ଼ିଶା ୩୬-୨୩ରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଉଷୁ ମହିଳା ୪୯ କେଜି ବର୍ଗରେ ମଞ୍ଜୁ ଦିଲ୍ଲୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ। ମହିଳା ଫୁଟ୍‌ବଲ୍ ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୨-୦ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ମନିଷା ନାୟକ (୪୫+୨ ମିନିଟ୍) ଏବଂ ପ୍ରତିମା ଓରାମ (୯୦+୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଦଳ ଘୋଷିତ



**ନୂଆଦିଲ୍ଲୀ, ୧।୨:** ପାକିସ୍ତାନ ଶୁକ୍ରବାର ଆଗାମୀ ଚାମ୍ପିଅନ୍ସ ଟ୍ରଫି ପାଇଁ ନିଜର ଦଳ ଘୋଷଣା କରିଛି। ମହମ୍ମଦ ରିଜୱାନଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ସଲମାନ ଅଲ୍ଲୀ ଆଗାଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ୨୦୧୭ରେ ଚାମ୍ପିଅନ ଦଳର ତିନି ଜଣ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି। ପାକିସ୍ତାନର ପୂର୍ବତନ ଅଧିନାୟକ ବାବର ଆଜମ, ଫହିମ ଅସ୍ରଫ ଓ ଫଖର ଜମାନଙ୍କୁ ପୁଣି ଥରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଚୟନ କରାଯାଇଛି। ଚୟନକର୍ତ୍ତା ଦଳରେ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ୨୬ ବର୍ଷୀୟ ଅବରାର ଅହମ୍ମଦଙ୍କୁ ଦଳରେ ସାମିଲ କରିଛି। ଅଲରାଉଣ୍ଡର ଖୁଦଶିଲ ଶାହ, ଫହିମ ଅସ୍ରଫ, ଓପନିଂ ବ୍ୟାଟର ଫଖର ଜମାନଙ୍କ ଦିନିକିଆ ଦଳରେ ପ୍ରତ୍ୟାବର୍ତ୍ତନ ଘଟିଛି। ସାଇମ ଆୟୁବଙ୍କୁ ଆଘାତ ଲାଗିବା ପରେ ଫଖର ଜମାନଙ୍କୁ ଦଳରେ ସାମିଲ କରାଯାଇଥିଲା। ଫଖର ଜମାନ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନର ପ୍ରତିନିଧିତ୍ୱ କରିଥିବା ବେଳେ ଖୁସଦିଲ ଶାହ ଶେଷ ଥର ୨୦୨୨ରେ ଦଳ ପକ୍ଷରୁ ଖେଳିଥିଲେ। ଜାତୀୟ ଚୟନକର୍ତ୍ତା ମୁଖ୍ୟ ଅସଦ ଶଫିକ କହିଛନ୍ତି, ଦଳ ଚୟନ ସମୟରେ ଖେଳାଳିଙ୍କ ଫର୍ମକୁ ଅଗ୍ରାଧିକାର ଦିଆଯାଇଛି। ଦଳରେ ହାରିସ ରଉଫ, ମହମ୍ମଦ ହସନେନ, ନସୀମ ଶାହ ଓ ଶାହୀନ ଶାହ ଆଫ୍ରିଦିଙ୍କ ଭାବେ ଚାରି ଦ୍ରୁତ ବୋଲରଙ୍କୁ ଦଳରେ ଚୟନ କରାଯାଇଛି। ଦଳ ଫେବୃଆରୀ ୮ରୁ ୧୪ ପର୍ଯ୍ୟନ୍ତ କରାଚି ଓ ଲାହୋରରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ସହିତ ତ୍ରିକୋଣୀୟ ସିରିଜ୍ ବି ଖେଳିବ।

**ପାକିସ୍ତାନ ଟିମ୍:** ବାବର ଆଜମ, ଫଖର ଜମାନ, କାମରାନ ଗୁଲାମ, ସଉଦ ଶକିଲ, ତୈୟବ ତାହିର, ଫହୀମ ଅସ୍ରଫ, ଖୁଶଦିଲ ଶାହ, ସଲମାନ ଅଲ୍ଲୀ ଆଗା (ଉପ ଅଧିନାୟକ), ମହମ୍ମଦ ରିଜୱାନ (ଅଧିନାୟକ), ଉସ୍ମାନ ଖାନ, ଅବରାର ଅହମ୍ମଦ, ହାରିସ ରଉଫ, ମହମ୍ମଦ ହସନେନ, ନସୀମ ଶାହ, ଶାହୀନ ଶାହ ଆଫ୍ରିଦି।

# କ୍ୟାରିୟରର ଶେଷ ମୁକାବିଲା ପରେ ସନ୍ନ୍ୟାସ ଘୋଷଣା ଋଦ୍ଧିମାନ



**କୋଲ୍‌କାତା, ୧।୨:** ଇଡେନ୍ ଗାର୍ଡେନ୍ସ ମଇଦାନରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ପରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରି ଚମକାଇଛନ୍ତି ଆଉ ଜଣେ କ୍ରିକେଟର। ସେ ହେଲେ ଭାରତ ଉଇକେଟ୍‌କିପର ବ୍ୟାଟର ଶାହା। ୪୦ ବର୍ଷୀୟ ଶାହା ୨୦୧୦ ଫେବୃଆରୀରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ସେ ତାଙ୍କ କ୍ୟାରିୟରରେ ମୋଟ ୪୯ ମ୍ୟାଚ୍(୪୦ ଟେଷ୍ଟ ଓ ୯ ଅନ୍ତର୍ଜାତୀୟ ଦିନିକିଆ) ଖେଳିଛନ୍ତି। ଏହାଛଡ଼ା ଘରୋଇ କ୍ରିକେଟରେ ସେ ବେଙ୍ଗଲ ଓ ତ୍ରିପୁରା ତରଫରୁ ପ୍ରତିନିଧିତ୍ୱ କରି ୧୪୨ ପ୍ରଥମଶ୍ରେଣୀ ଓ ୧୧୬ ଲିଷ୍ଟ 'ଏ' ମ୍ୟାଚ୍ ଖେଳିସାରିଛନ୍ତି। ତେବେ ସେ ଆଇକନିକ ଇଡେନ୍‌ଗାର୍ଡେନ୍ସରେ ବେଙ୍ଗଲ ତରଫରୁ ଶନିବାର ରଣ୍‌ଜୀ ଟ୍ରଫି ଫାଇନାଲ ଗ୍ରୁପ୍ ଷ୍ଟେଜ୍ ମ୍ୟାଚ୍ ଖେଳିବା ପରେ ତାଙ୍କ ଅବସର ଘୋଷଣା କରିଛନ୍ତି। ଋଦ୍ଧିମାନ ନିଜର ଇନଷ୍ଟାଗ୍ରାମରେ ଲେଖିଛନ୍ତି, '୧୯୯୭ ମସିହାରେ ମୁଁ ପ୍ରଥମ ଥର ପାଇଁ କ୍ରିକେଟ ପଡ଼ିଆରେ ପାଦ ଦେବାର ୨୮ ବର୍ଷ ବିତିଗଲାଣି, ଏବଂ ଏହି ଯାତ୍ରା ଆଶ୍ଚର୍ଯ୍ୟଜନକ ରହିଥିଲା।' ମୋ ଦେଶ, ରାଜ୍ୟ, ଜିଲା, କ୍ଲବ, ବିଶ୍ୱବିଦ୍ୟାଳୟ, କଲେଜ ଏବଂ ସ୍କୁଲର ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠାରୁ ବଡ଼ ସମ୍ମାନ।' ଆଜି ମୁଁ ଯାହା ବି, ପ୍ରତ୍ୟେକ ସଫଳତା, ପ୍ରତ୍ୟେକ ଶିକ୍ଷା, ମୁଁ ଏହି ସବୁକିଛି ଏହି ଚମତ୍କାର ଖେଳକୁ ଶ୍ରେୟ ଦେଉଛି। କ୍ରିକେଟ ମୋତେ ଅତ୍ୟନ୍ତ ଖୁସିର ମୁହୂର୍ତ୍ତ, ଅବିସ୍ମରଣୀୟ ବିଜୟ ଏବଂ ଅମୂଲ୍ୟ ଅଭିଜ୍ଞତା ଦେଇଛି। ଏହା ମୋତେ ପରୀକ୍ଷା କରିଛି ଏବଂ ଏହାକୁ କିପରି ମୁକାବିଲା କରିବାକୁ ହୁଏ ତାହା ମଧ ଶିଖାଇଛି। 'ଉତ୍ଥାନ-ପତନ, ବିଜୟ-ପରାଜୟ ସହିତ ଏହି ଯାତ୍ରା ମୋତେ ମୁଁ ଯାହା ତାହା କରିଛି।' ସବୁକିଛିର ଅନ୍ତ ହେବାକୁ ପଡିବ, ତେଣୁ ମୁଁ ସମସ୍ତ ପ୍ରକାରର କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଋଦ୍ଧିମାନ ଭାରତ ପାଇଁ ତାଙ୍କର ଶେଷ ମ୍ୟାଚ୍ ୨୦୨୧ ମସିହାରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିଥିଲେ। ୨୦୧୪ରେ ଏମ୍ ଏସ୍ ଧୋନିଙ୍କ ଅବସର ପରେ ଏବଂ ରିଷଭ ପନ୍ତଙ୍କ ଆଗମନ ପୂର୍ବରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ଥିଲେ। ଅଭିଜ୍ଞ ଖେଳାଳି ତାଙ୍କର ଶେଷ ରଣଜୀ ମ୍ୟାଚ୍‌ରେ ଖାତା ନ ଖୋଲି ଆଉଟ ହୋଇଥିଲେ। କିନ୍ତୁ ତାଙ୍କ ଦଳ ବେଙ୍ଗଲ ପଞ୍ଜାବକୁ ଏକ ଇନିଂସ ଏବଂ ୧୩ ରନ୍‌ରେ ପରାସ୍ତ କରି ଏହି ମ୍ୟାଚ୍‌କୁ ତାଙ୍କ ପାଇଁ ସ୍ମରଣୀୟ କରିଦେଇଥିଲା। ମ୍ୟାଚ ପରେ ତାଙ୍କ ସାଥୀ ଖେଳାଳିମାନେ ତାଙ୍କୁ କାନ୍ଧରେ ଉଠାଇ ନେଇଥିବା ଦେଖାଯାଇଥିଲା।

# ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଆଫଗାନିସ୍ତାନର ଶାପୁରଙ୍କ ସନ୍ନ୍ୟାସ



ନୂଆଦିଲ୍ଲୀ,୩୧।୧: ଚାମ୍ପିଅନ୍ସ ଟ୍ରଫିର ଠିକ୍ ପୂର୍ବରୁ ଅବସର ଘୋଷଣା କରି ଚମକାଇଲେ ଜଣେ ଲୋକପ୍ରିୟ କ୍ରିକେଟର। ଫଳରେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରରେ ବ୍ରେକ ଲାଗିଛି। ସେ ହେଲେ ଆଫଗାନିସ୍ତାନ କ୍ରିକେଟର ଶାପୁର ଜାଦ୍ରାନ। ୩୭ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରୁ ନିଜକୁ ଦୂରେଇ ନେଇଛନ୍ତି। ଶାପୁର ଜଣେ ଦ୍ରୁତ ବୋଲର ଥିଲେ। ଏବେ ତାଙ୍କ ବୋଲିଂର ଯାଦୁ କ୍ରିକେଟ ମଇଦାନରେ ଦେଖିବାକୁ ମିଳିବ ନାହିଁ। ସେ ଫେସବୁକ୍‌ରେ ଏକ ଲମ୍ବା ପୋଷ୍ଟ ଲେଖି ତାଙ୍କର ଅବସର ଘୋଷଣା କରିଛନ୍ତି।

ଜାଦ୍ରାନ ଜାନୁଆରୀ ୩୦ରେ ଏକ ଫେସବୁକ ପୋଷ୍ଟ ମାଧ୍ୟମରେ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, 'ସନ୍ନ୍ୟାସ। ଆଜି ଏପରି ଦିନ ଯାହାକୁ ମୁଁ କେବେ ସାମ୍ନା କରିବାକୁ ଚାହୁଁ ନ ଥିଲି, କିନ୍ତୁ ଏହା ଶେଷରେ ପ୍ରତ୍ୟେକ ଖେଳାଳିଙ୍କ ଜୀବନରେ ଆସେ। କ୍ରିକେଟ ପ୍ରତି ୨୨ ବର୍ଷର ସେବା, ତ୍ୟାଗ ଏବଂ ପ୍ରେମ ପରେ, ମୁଁ ଆନୁଷ୍ଠାନିକ ଭାବରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରୁଛି। ଏହା ମୋ ଜୀବନର ସବୁଠାରୁ କଠିନ ନିଷ୍ପତ୍ତି ମଧ୍ୟରୁ ଗୋଟିଏ କାରଣ କ୍ରିକେଟ ମୋ ପାଇଁ କେବଳ ଏକ ଖେଳ ନୁହେଁ, ଏହା ମୋର ଆଗ୍ରହ, ମୋର ପରିଚୟ ଏବଂ ମୋର ଉଦ୍ଦେଶ୍ୟ ରହି ଆସିଛି।

ଜାଦ୍ରାନ ଆହୁରି ଲେଖିଛନ୍ତି, 'ପିଲାଦିନରୁ ମୁଁ ଆଫଗାନିସ୍ତାନ ପକ୍ଷରୁ ଖେଳିବାର ସ୍ୱପ୍ନ ଦେଖୁଥିଲି। ଏବେ ପଛକୁ ଫେରି ଚାହିଁଲେ ମୁଁ ଅନ୍ତର୍ଜାତୀୟସ୍ତରରେ ଆମ ଦେଶର ପତାକାର ସମ୍ମାନ ବଢ଼ାଇବାରେ ଭୂମିକା ଗ୍ରହଣ କରିଥିବାରୁ ଗର୍ବିତ।' ଆଫଗାନ କ୍ରିକେଟର ସବୁଠାରୁ ଚ୍ୟାଲେଞ୍ଜିଂ ସମୟରେ ମୋର ଯାତ୍ରା ଆରମ୍ଭ ହୋଇଥିଲା। ମୁଁ ଅସୁବିଧାର ସମ୍ମୁଖୀନ ହେଲି। ମୁଁ ସୀମିତ ସମ୍ବଳ ସହିତ ଖେଳିଲି ଏବଂ ଅନେକ ବାଧା ଅତିକ୍ରମ କଲି, କିନ୍ତୁ ମୁଁ କେବେ ବିଶ୍ୱାସ ହରାଇ ନ ଥିଲି। କ୍ରିକେଟ ପ୍ରଶଂସକ, ମୋର ସାଥୀ ଖେଳାଳି, ପ୍ରଶିକ୍ଷକ ଏବଂ ବିଶେଷକରି ମୋ ପରିବାରର ସମର୍ଥନ ମୋତେ ପ୍ରତ୍ୟେକ କଷ୍ଟକୁ ଦୂର କରିବାରେ ସାହାଯ୍ୟ କରିଥିଲା। ଏହି ଲମ୍ବା ଯାତ୍ରା ସମୟରେ ମୋ ସହିତ ଠିଆ ହୋଇଥିବା ସମସ୍ତଙ୍କୁ ମୁଁ ହୃଦୟର ସହିତ ଧନ୍ୟବାଦ ଜଣାଉଛି। ମୋ ପରିବାର, ବନ୍ଧୁ, ପ୍ରଶଂସକ ଏବଂ ଆଫଗାନିସ୍ତାନର ଲୋକଙ୍କ ପ୍ରେମ, ପ୍ରାର୍ଥନା ଏବଂ ଅତୁଟ ସମର୍ଥନ ମୋର ସବୁଠାରୁ ବଡ଼ ଶକ୍ତି ହୋଇଛି।ଜାଦ୍ରାନ ୨୦୦୯ରେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କର ଶେଷ ମ୍ୟାଚ୍ ୨୦୨୦ ମାର୍ଚ୍ଚରେ ଖେଳିଥିଲେ। ଜାଦ୍ରାନ ୨୦୧୫ ବିଶ୍ୱକପରେ ଆଫଗାନିସ୍ତାନ ଦଳର ଅଂଶ ଥିଲେ। ଏହି ସମୟ ମଧ୍ୟରେ, ଯେତେବେଳେ ଆଫଗାନିସ୍ତାନ ବିଶ୍ୱକପ ଇତିହାସରେ ସ୍କଟଲାଣ୍ଡ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଥିଲା, ସେତେବେଳେ ବିଜୟୀ ରନ ଜାଦ୍ରାନଙ୍କ ବ୍ୟାଟରୁ ଆସିଥିଲା।

## ଭାରତ ସହ ବନ୍ଧୁ ଭଳି ବ୍ୟବହାର କରିବନି: ମୋଇନ୍

**ଇସଲାମାବାଦ୍, ୧।୨:** ଫେବୃଆରି ୨୩ରେ ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମୟରେ, ପାକିସ୍ତାନର ପୂର୍ବତନ ଅଧିନାୟକ ମୋଇନ୍ ଖାନ ଆଗାମୀ ମ୍ୟାଚ୍‌ରେ ପଡ଼ିଆରେ ଭାରତୀୟ ଖେଳାଳିଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ନ କରିବାକୁ ପାକିସ୍ତାନୀ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ମୋଇନ୍ ଏକ ପଡକାଷ୍ଟରେ ଅଭିନେତା ଉଷ୍ଣା ଶାହଙ୍କୁ କହିଛନ୍ତି ଯେ, "ଯେତେବେଳେ ମୁଁ ପାକିସ୍ତାନ ଏବଂ ଭାରତ ମଧରେ ମ୍ୟାଚ୍ ଦେଖେ, ମୁଁ ବୁଝିପାରେନା ଯେ, କାହିଁକି ଭାରତୀୟ ଖେଳାଳିମାନେ କ୍ରିଜକୁ ଆସିବା ମାତ୍ରେ ଆମର ଖେଳାଳିମାନେ ସେମାନଙ୍କ ବ୍ୟାଟ୍ ଯାଞ୍ଚ କରନ୍ତି, ସେମାନଙ୍କ ପିଠି ଥାପୁଡାନ୍ତି ଓ ସେମାନଙ୍କ ସହିତ କଥା ହୁଅନ୍ତି।" ଭାରତ ବିପକ୍ଷରେ ଅନେକ ମ୍ୟାଚ୍ ଖେଳିଥିବା ମୋଇନ୍ କହିଛନ୍ତି ଯେ, "ମୁଁ ପ୍ରତିପକ୍ଷ ଖେଳାଳିଙ୍କ ପ୍ରତି ସମ୍ମାନ ରଖିବାକୁ ବିରୋଧ କରୁନାହିଁ, କିନ୍ତୁ ସେମାନଙ୍କ ସହିତ ଅତ୍ୟଧିକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବା ଠିକ୍ ନୁହେଁ। ଆମର ବରିଷ୍ଠ ଖେଳାଳିମାନେ ଆମକୁ କହୁଥିଲେ ଯେ ଭାରତ ବିପକ୍ଷରେ ଖେଳିବା ସମୟରେ ଅଭିଯୋଗ କର ନାହିଁ ଏବଂ ପଡ଼ିଆରେ ସେମାନଙ୍କ ସହ କଥା ହେବାର କୌଣସି ଆବଶ୍ୟକତା ନାହିଁ। ଯେତେବେଳେ ତୁମେ ସେମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କର, ସେମାନେ ଏହାକୁ ତୁମର ଦୁର୍ବଳତା ବୋଲି ଭାବନ୍ତି।" ଉଲ୍ଲେଖଯୋଗ୍ୟ, ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଚଳିତ ସଂସ୍କରଣ ଫେବୃଆରି ୧୯ରୁ ମାର୍ଚ୍ଚ ୯ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟକ୍ରମ ରହିଛି, ଯାହା ପାକିସ୍ତାନର ତିନୋଟି ସ୍ଥାନରେ ଏବଂ ଦୁବାଇର ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମଧ୍ୟବିତ୍ତଙ୍କୁ...

ପତ୍ର, ଇ-ଶ୍ରମ ପୋର୍ଟାଲରେ ସେମାନଙ୍କ ପଞ୍ଜୀକରଣ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବେ। ଅର୍ଥବ୍ୟବସ୍ଥାରେ ପୁଞ୍ଜିନିବେଶ ଅଧୀନରେ ଭିତ୍ତିଭୂମି ସମ୍ବନ୍ଧୀୟ ମନ୍ତ୍ରଣାଳୟଗୁଡ଼ିକ ପିପିପି ମୋଡ୍‌ରେ ୩ ବର୍ଷର ପ୍ରକଳ୍ପ ପାଇପଲାଇନ୍ ଆଣିବେ ବୋଲି ନିର୍ମଳା କହିଛନ୍ତି।

ତାଙ୍କ କହିବାନୁସାରେ, ପୁଞ୍ଜି ଖର୍ଚ୍ଚ ଓ ସଂସ୍କାର ପାଇଁ ପ୍ରୋତ୍ସାହନ ସକାଶେ ରାଜ୍ୟମାନଙ୍କୁ ୫୦ ବର୍ଷର ସୁଧମୁକ୍ତ ଋଣ ପାଇଁ ୧.୫ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ନୂତନ ପ୍ରକଳ୍ପରେ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ପାଇଁ ଦ୍ୱିତୀୟ ସମ୍ପତ୍ତି ମୁଦ୍ରୀକରଣ ଯୋଜନା ୨୦୨୫-୩୦ ଘୋଷଣା କରାଯାଇଛି। ଜଳ ଜୀବନ ମିଶନକୁ ୨୦୨୮ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। 'ସିଟିଜ୍ ଏଜ ଗ୍ରୋଥ୍ ହବ୍ସ', 'କ୍ରିଏଟିଭ୍ ରି-ଡେଭଲପମେଣ୍ଟ ଅଫ୍ ସିଟିଜ୍' ଏବଂ 'ୱାଟର ଆଣ୍ଡ ସାନିଟେସନ' କାର୍ଯ୍ୟକାରୀ କରିବା ଲାଗି ସରକାର ଲକ୍ଷେ କୋଟି ଟଙ୍କା ବ୍ୟୟରେ' ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ' ପ୍ରତିଷ୍ଠା କରିବେ। ଆହୁରି ନବସୃଜନ କ୍ଷେତ୍ରରେ ପୁଞ୍ଜି ନିବେଶ ଅଧୀନରେ ଘରୋଇ କ୍ଷେତ୍ର ଦ୍ୱାରା ପରିଚାଳିତ ଗବେଷଣା, ବିକାଶ ଓ ନବସୃଜନ ପଦକ୍ଷେପ କାର୍ଯ୍ୟକାରୀ ପାଇଁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ଏକାଡେମିକ୍ ଅନୁଷ୍ଠାନ, ସଂଗ୍ରହାଳୟ, ଲାଇବ୍ରେରୀ ଓ ଘରୋଇ ସଂଗ୍ରାହକଙ୍କ ସହ କୋଟିଏରୁ ଅଧିକ ପାଣ୍ଡୁଲିପିର ସର୍ଭେ, ଡକ୍ୟୁମେଣ୍ଟେସନ୍ ଓ ସଂରକ୍ଷଣ ପାଇଁ ବଜେଟ୍‌ରେ 'ଜ୍ଞାନ ଭାରତମ୍ ମିଶନ' ପ୍ରସ୍ତାବ ରହିଛି। ଜ୍ଞାନ ଆଦାନପ୍ରଦାନ ପାଇଁ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଏକ ଜାତୀୟ ଡିଜିଟାଲ ଭଣ୍ଡାର ମଧ୍ୟ ରହିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ତାଙ୍କ ଅଭିଭାଷଣ ଅବସରରେ କହିଛନ୍ତି।

ରପ୍ତାନୀକୁ ଅଭିବୃଦ୍ଧିର ଚତୁର୍ଥ ଇଞ୍ଜିନ କହି ଅର୍ଥମନ୍ତ୍ରୀ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଏକ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, 'ଭାରତ ଟ୍ରେଡନେଟ୍' (ବିଟିଏନ୍) ବାଣିଜ୍ୟ ଡକ୍ୟୁମେଣ୍ଟେସନ୍ ଏବଂ ଆର୍ଥିକ ସମାଧାନ ପାଇଁ ଏକ ଏକୀକୃତ ପ୍ଲାଟଫର୍ମ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଶିଳ୍ପ ଫର୍ ପଏଣ୍ଟ ଜିରୋ ସହ ଜଡ଼ିତ ସୁଯୋଗର ଲାଭ ଉଠାଇବା ପାଇଁ ସରକାର ଘରୋଇ ଇଲେକ୍ଟ୍ରୋନିକ୍ ଉପକରଣ ଉଦ୍ୟୋଗକୁ ସହାୟତା ଦେବେ।

ସଂସ୍କାରକୁ ବିକାଶ ଇଞ୍ଜିନର ଇନ୍ଧନ ବୋଲି କହିବାକୁ ଯାଇ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ସରକାର ଟିକସଦାତାମାନଙ୍କ ସୁବିଧା ପାଇଁ ଅନେକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି। ଏହି ପ୍ରୟାସକୁ ଜାରି ରଖି ସରକାର ଏଥର 'ପ୍ରଥମେ ବିଶ୍ୱାସ କରନ୍ତୁ, ପରେ ଯାଞ୍ଚ କରନ୍ତୁ' ପାଇଁ ଟିକସ ବିଭାଗର ପ୍ରତିବଦ୍ଧତାକୁ ଅର୍ଥମନ୍ତ୍ରୀ ଦୋହରାଇଥିଲେ।

ଏହାଛଡ଼ା ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫଡିଆଇ) ସୀମାକୁ ୭୪ ପ୍ରତିଶତରୁ ୧୦୦ ପ୍ରତିଶତକୁ ବୃଦ୍ଧି କରାଯାଇଛି, ଯାହା ଭାରତରେ ସମ୍ପୂର୍ଣ୍ଣ ପ୍ରିମିୟମ ନିବେଶ କରୁଥିବା କମ୍ପାନୀ ପାଇଁ ଉପଲବ୍ଧ ହେବ। ବିଭିନ୍ନ ରାଜ୍ୟରେ ନିବେଶ ଅନୁକୂଳତା ସୂଚକାଙ୍କ ଆସନ୍ତା ବର୍ଷରୁ ଆରମ୍ଭ ହେବ। ବିଭିନ୍ନ ଆଇନ ଅଧୀନରେ ୧୦୦ରୁ ଅଧିକ ବ୍ୟବସ୍ଥାର ନିରପରାଧୀକରଣ ପାଇଁ ଜନ ବିଶ୍ୱାସ ବିଲ୍ ୨.୦ ଆଗତ ହେବ। ଆର୍ଥିକ ନିଅଣ୍ଟର ସଂଶୋଧିତ ଆକଳନ ୨୦୨୪-୨୫ ଜିଡିପିର ୪.୮ ପ୍ରତିଶତ ହୋଇଥିବା ବେଳେ ବଜେଟ୍ ଆକଳନ ୨୦୨୫-୨୬ ଜିଡିପିର ୪.୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଋଣ ଓ ମୋଟ ବ୍ୟୟ ବ୍ୟତୀତ ମୋଟ ପ୍ରାପ୍ତି ଯଥାକ୍ରମେ ୩୪.୯୬ ଲକ୍ଷ କୋଟି ଓ ୫୦.୬୫ ଲକ୍ଷ କୋଟି ହେବ। ଏହାଛଡ଼ା ନିଟ୍ ଟିକସ ପ୍ରାପ୍ତି ପ୍ରାୟ ୨୮.୩୭ ଲକ୍ଷ କୋଟି ଟଙ୍କା ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଆୟକର ବାବଦରେ କହିବାକୁ ଯାଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣରେ ମଧ୍ୟବିତ୍ତ ବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ବଜେଟରେ ନୂତନ ଆୟକର ବ୍ୟବସ୍ଥା କରାଯାଇଛି। ଏହା ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ ଆୟ ଅର୍ଥାତ୍ ମାସିକ ହାରାହାରି ୧ ଲକ୍ଷ ଟଙ୍କା ଆୟ, ପୁଞ୍ଜି ଲାଭ ଭଳି ସ୍ୱତନ୍ତ୍ର ହାର ଆୟ ବ୍ୟତୀତ, କୌଣସି ଆୟକର ପଇଠ କରିବାକୁ ପଡ଼ିବ ନାହିଁ। ଏହାଛଡ଼ା ବାର୍ଷିକ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବେତନଭୋଗୀ ବ୍ୟକ୍ତିମାନେ ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ୍ କାରଣରୁ କୌଣସି ଟିକସ ଦେବେନାହିଁ। ଏହା ରାଜକୋଷ ଉପରେ ଅତିରିକ୍ତ ୧ ଲକ୍ଷ କୋଟି ଟଙ୍କାର ବୋଝ ବଢ଼ାଇବ।

ସେହିପରି ବରିଷ୍ଠ ନାଗରିକଙ୍କ ଉପାର୍ଜିତ ସୁଧ ଉପରେ ଟିକସ ଛାଡ଼ର ସୀମା ୫୦ ହଜାରରୁ ଲକ୍ଷେ ଟଙ୍କାକୁ ବୃଦ୍ଧି କରାଯାଇଛି। ଭଡ଼ା ଉପରେ ଟିଡିଏସ୍ ସୀମାକୁ ବାର୍ଷିକ ୨.୪୦ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବଢ଼ାଯାଇଛି। ଟିସିଏସ୍ ସଂଗ୍ରହ ସୀମା ୧୦ ଲକ୍ଷକୁ ବୃଦ୍ଧି କରାଯାଇଥିବା ବେଳେ ଟିଡିଏସ୍ ପରି ଟିସିଏସ୍ ପଇଠ ବିଳମ୍ବକୁ ଅପରାଧମୁକ୍ତ କରାଯାଇଛି।

ଔଷଧ ଆମଦାନୀ ଉପରେ ରିହାତି ସ୍ୱରୂପ କର୍କଟ, ବିରଳ ରୋଗ ଏବଂ ଦୀର୍ଘସ୍ଥାୟୀ ରୋଗର ଚିକିତ୍ସା ପାଇଁ ୩୬ଟି ଜୀବନ ରକ୍ଷାକାରୀ ଔଷଧ ଓ ଔଷଧକୁ ମୌଳିକ ସୀମା ଶୁଳ୍କ (ବିସିଡି)ରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ରୋଗୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୧୩ଟି ନୂତନ ଔଷଧ ଏବଂ ଔଷଧ ସହ ୩୭ଟି ଔଷଧକୁ ମୌଳିକ ସୀମା ଶୁଳ୍କ (ବିସିଡି)ରୁ ମୁକ୍ତ କରାଯାଇଛି। ବଜେଟରେ କୋବାଲ୍ଟ ପାଉଡର ଏବଂ ବର୍ଜ୍ୟବସ୍ତୁ, ଲିଥିୟମ-ଆୟନ ବ୍ୟାଟେରୀ, ସୀସା, ଜିଙ୍କ ଏବଂ ଆହୁରି ୧୨ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ବିସିଡିରୁ ବାଦ୍ ଦିଆଯାଇଛି। ଦେଶରେ ଲିଥିୟମ୍-ଆୟନ୍ ବ୍ୟାଟେରୀ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଇ.ଭି. ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ଅତିରିକ୍ତ ପୁଞ୍ଜିଗତ ସାମଗ୍ରୀ ଓ ମୋବାଇଲ୍ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ଅତିରିକ୍ତ ପୁଞ୍ଜିଗତ ସାମଗ୍ରୀକୁ ରିହାତି ପୁଞ୍ଜିଗତ ସାମଗ୍ରୀ ତାଲିକାରେ ସାମିଲ କରାଯାଇଛି। ଆଗାମୀ ଦଶ ବର୍ଷ ପାଇଁ ଜାହାଜ ନିର୍ମାଣ ପାଇଁ କଞ୍ଚାମାଲ, ଉପାଦାନ, ଉପଭୋକ୍ତା ସାମଗ୍ରୀ କିମ୍ବା ଯନ୍ତ୍ରାଂଶ ଉପରେ ବିସିଡି ଉପରେ ରିହାତି ଦିଆଯାଇଛି। ସେହିପରି ରପ୍ତାନୀକୁ ପ୍ରୋତ୍ସାହନ ଦେବାକୁ ଫ୍ରୋଜନ୍ ମାଛ ପେଷ୍ଟ ଉପରେ ବିସିଡିକୁ ୩୦ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ମାଛ ଓ ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ ପାଇଁ ମାଛ ହାଇଡ୍ରୋଲାଇସେଟ୍ ଉପରେ ବିସିଡିକୁ ୧୫ରୁ ୫ ପ୍ରତିଶତକୁ କମାଇ ଦିଆଯାଇଛି।

## ଗଣମାଧ୍ୟମ...

ରଚିଲେ ତାହା ରାଜଧାନୀର ଅନେକ ବରିଷ୍ଠ ସାମ୍ବାଦିକଙ୍କୁ ଆଶ୍ଚର୍ଯ୍ୟ କରିଛି।ନିକଟରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ସମୟରେ ଅନେକ ବରିଷ୍ଠ ସାମ୍ବାଦିକଙ୍କୁ ପାସ୍ ଦେବା ବଦଳରେ ଅଫିସ ଆସି ପାସ୍ ପାଇଁ ଦରଖାସ୍ତ ଦେବାକୁ କୁହାଗଲା। ସମ୍ମାନ ଦୃଷ୍ଟିରେ ଅନେକ ପାସ୍ ପାଇଁ ଆବେଦନ କଲେ ନାହିଁ। ଯାହାର ସୁବିଧା ନେଇ ସାମ୍ବାଦିକଙ୍କ ପାସ୍ କର୍ମୀଙ୍କ ବେକରେ ପଡ଼ିଲା ଓ ସେମାନେ ବହୁ ସଂଖ୍ୟାରେ ଯାଇ ସମ୍ମିଳନୀରେ ଆସନ ଦଖଲ କରିନେଲେ। ବିଭାଗରେ ଦୀର୍ଘଦିନ ହେଲା ଗାଦି ମାଡ଼ି ବସିଥିବା କିଛି ଅଧିକାରୀ ବି ଏହି ପାସ୍ ଏପଟସେପଟ କାରବାରରେ ଲିପ୍ତ ରହିଲେ। ସାମ୍ବାଦିକଙ୍କ ପାଇଁ ଆସିଥିବା ୩୭୮ଟି ପାସ୍ କିଏ କିଏ ନେଲେ ବୋଲି ଏବେ ଅନେକ ସାମ୍ବାଦିକ ପରସ୍ପରକୁ ପଚାରୁଛନ୍ତି।

ମୋଟାମୋଟି ଭାବେ ଅବସର ଗ୍ରହଣ ଦିନ ପାଖେଇ ଆସୁଥିବାରୁ ନିର୍ଦ୍ଦେଶକ ଏବେ ନିଜର ପୁରୁଣା ୫-ଟି ଷ୍ଟାଇଲରେ ଶାସନ ଚଳାଇବା ସହିତ ଶାସକ ଦଳର କିଛି ନେତାଙ୍କୁ ହାତକରି ସୂଚନା କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥଇଥାନ ହେବାକୁ ଲାଗିପଡ଼ିଛନ୍ତି। ତେବେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଅନ୍ଧାରରେ ଥିବା ନେଇ ଆଲୋଚନା ହେଉଥିବାବେଳେ ବିଜେଡିର ଏହି ଗେହ୍ଲାପୁଅ ଅଫିସରଙ୍କ ଥଇଥାନ ଫାଇଲରେ ମୁଖ୍ୟମନ୍ତ୍ରୀ ଦସ୍ତଖତ କରୁଛନ୍ତି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଏନକାଉଣ୍ଟରରେ...

ହୋଇଥିଲା। ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଥିବାରୁ ଆହୁରି ଅଧିକ ନକ୍ସଲଙ୍କ ମୃତ୍ୟୁ ନେଇ ଖବର ଆସିବାର ସମ୍ଭାବନା ରହିଛି ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

ପୂର୍ବରୁ ଗତ ୨୧ ତାରିଖରେ ଛତିଶଗଡ଼ ଗରିଆବନ୍ଧରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଥିଲା। ଅପରେସନ୍ ସମୟରେ ଯବାନଙ୍କ ଗୁଳିରେ ୧୬ ଜଣ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ମାଓବାଦୀ ଜୟରାମ ଓରଫ୍ ଚଲପତି ମଧ୍ୟ ସାମିଲ୍ ଥିଲା, ଯାହା ମୁଣ୍ଡରେ ୧ କୋଟି ଟଙ୍କାର ପୁରସ୍କାର ରହିଥିଲା। ସେ ନକ୍ସଲଙ୍କ ସେଣ୍ଟ୍ରାଲ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲା। ଅପରେସନ୍ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଆଇଡି ଜବତ କରାଯାଇଥିଲା। ସୂଚନାଯୋଗ୍ୟ ଯେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଦେଶକୁ ନକ୍ସଲବାଦରୁ ମୁକ୍ତ କରାଯିବ ବୋଲି ଆହ୍ୱାନ ଦେଇ ଗଣତାନ୍ତ୍ରିକ ଦେଶରେ ନକ୍ସଲବାଦ ଏକ ବଡ଼ ଚ୍ୟାଲେଞ୍ଜ ବୋଲି କହିଥିଲେ। ଏବେ ଅନ୍ତିମ ଆକ୍ରମଣର ସମୟ ଆସିଯାଇଛି ବୋଲି ରାୟପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶାହ କହିବା ସହ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶ ନକ୍ସଲମୁକ୍ତ ହୋଇଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ୧୪୦ କୋଟି...

କିପରି ଭରିବ ତାହା ଉପରେ ରହିଥାଏ। କିନ୍ତୁ ଚଳିତ ବଜେଟ ଏହାର ସମ୍ପୂର୍ଣ୍ଣ ବିପରୀତ। ଏହି ବଜେଟ ଦେଶର ନାଗରିକଙ୍କ ଆୟକୁ କିଭଳି ବୃଦ୍ଧି କରାଯାଇପାରିବ, ସଞ୍ଚୟ କିଭଳି ବଢ଼ିବ ତା' ସୁନିଶ୍ଚିତ କରିବା ସହ ଦେଶର ନାଗରିକମାନେ କିଭଳି ବିକାଶରେ ଭାଗୀଦାର ହେବେ, ତା' ଉପରେ ଗୁରୁତ୍ୱ ଦେଇଛି। ଏହି ବଜେଟରେ ସଂସ୍କାର ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ରୋଜଗାରକୁ ପ୍ରାଥମିକତା ଦିଆଯାଇଛି।

## ଅର୍ଥନୀତିକୁ...

ରିହାତି ଯୋଗୁଁ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଲୋକଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ଫଳରେ ପ୍ରତି ବ୍ୟକ୍ତି ଏ ବାବଦରେ ବାର୍ଷିକ ପ୍ରାୟ ୮୦ ହଜାର ଟଙ୍କା ସଞ୍ଚୟ କରିପାରିବେ, ଯାହା ଦେଶ ଅର୍ଥନୀତିକୁ ସୁଦୃଢ଼ କରିବ। ସେହିପରି ବଜେଟରେ ୧୦୦ଟି ଜିଲ୍ଲାରେ ଉତ୍ପାଦକତା ବୃଦ୍ଧି ଉଦ୍ଦେଶ୍ୟରେ ଚାଷୀଙ୍କ ପାଇଁ ପ୍ରସ୍ତାବିତ 'ଧନଧାନ୍ୟ କୃଷି ଯୋଜନା' ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସହାୟକ ହେବ।

ଏହି ନୂତନ ଯୋଜନାରେ ଦେଶର ୧.୭୦ କୋଟି ଚାଷୀ ଉପକୃତ ହେବେ।

କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଋଣ ସୀମା ୩ରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଏହା ଚାଷୀମାନଙ୍କୁ ଆବଶ୍ୟକୀୟ ନଗଦ ରାଶି ଯୋଗାଇବାରେ ସହାୟକ ହେବ। ନୂତନ ରୋଜଗାର ସୃଷ୍ଟି ପାଇଁ ବଜେଟ୍‌ରେ ୧୫.୫୦ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚରୁ ଓଡ଼ିଶା ଫାଇଦା ପାଇବ। ତେଣୁ ୨୦୨୫-୨୬ ବଜେଟ ଲୋକାଭିମୁଖୀ, ଲୋକକଲ୍ୟାଣକାରୀ, ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯୁବପିଢ଼ିଙ୍କ...

ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବେ ଲାଭବାନ ହେବ। ପ୍ରତ୍ୟେକ ବର୍ଗଙ୍କୁ ସଶକ୍ତ କରୁଥିବା ଏହି ସର୍ବସ୍ପର୍ଶୀ ଓ ସମାବେଶୀ ବଜେଟ୍ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ ଭାବରେ କେନ୍ଦ୍ର ସରକାରଙ୍କ ବଜେଟରେ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ କରଛାଡ଼ ଘୋଷଣାକୁ କେନ୍ଦ୍ର ମନ୍ତ୍ରୀ ସ୍ୱାଗତ କରିଛନ୍ତି।

# ସଡକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ବୈଶିଙ୍ଗା,୧।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ମହୁରୀ ସ୍ଥିତ ସେଣ୍ଟ ଜାଭିୟାର୍ସ ପବ୍ଲିକ ସ୍କୁଲ ଓ ବୈଶିଙ୍ଗା ପୁଲିସ ପକ୍ଷରୁ ମିଳିତ ଭାବେ ସଡକ ସୁରକ୍ଷା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ଓ ଜାଭିୟାର୍ସ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ରଶ୍ମିରେଖା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପୁଲିସ ବିଭାଗର ସମସ୍ତ କର୍ମଚାରୀ, ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ। ସେହିପରି ବନବିଭାଗ ପକ୍ଷରୁ ମଧ୍ୟ ବେତନଟୀ ରେଞ୍ଜର ମନ୍ନୱାର ଖାନ, ଫରେଷ୍ଟର ପ୍ରଶାନ୍ତ ସିଂସାମନ୍ତ ଓ ଜାଇକା ସଂଯୋଜକ ନିହାରରଞ୍ଜନ ସାମଲଙ୍କ ସହିତ ଏକାଧିକ ବନବିଭାଗ କର୍ମଚାରୀ ମଧ୍ୟ ମହୁରୀ ଛକ ନିକଟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସ୍କୁଲର କୁନିକୁନି ଛାତ୍ରଛାତ୍ରୀ ଓ ପ୍ରଶାସନିକ କର୍ମଚାରୀ ମିଳିତଭାବେ ଆୟୋଜନ କରିଥିବା ଏକ ସଚେତନତା ପଦଯାତ୍ରା ବୈଶିଙ୍ଗା ବଜାର ପରିକ୍ରମା କରିଥିଲା। ଏହି ଅବସରରେ ମହୁରୀ ଛକ ନିକଟରେ ବାଇକ ଆରୋହୀ ମାନଙ୍କୁ ଛାତ୍ରଛାତ୍ରୀ ମାନେ ଗୋଲାପଫୁଲ ଏବଂ ଚକୋଲେଟ ସମେତ ଲିଫଲେଟ ଦେଇ ଟ୍ରାଫିକ ନିୟମର କଡାକଡି ଅନୁପାଳନ ଉପରେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥିଲେ । ପଦଯାତ୍ରା ବଜାର ପରିକ୍ରମା କରିବା ସମୟରେ ପ୍ଲାକାର୍ଡ ଏବଂ ସ୍ଲୋଗାନ ଦ୍ୱାରା ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଥିଲା ।.ତେବେ ଟ୍ରାଫିକ ନିୟମର କଡାକଡି ଅନୁପାଳନ ଦ୍ୱାରା ଜଣେ କିଭଳି ନିଜର ତଥା ନିଜ ପରିବାରକୁ ସୁରକ୍ଷିତ ରଖିବା ସହିତ ଅନ୍ୟମାନଙ୍କ ଧନଜୀବନର ସୁରକ୍ଷାରେ ସହାୟକ ହୋଇପାରିବ ସେନେଇ ଅଧିକାରୀଗଣ ଗାଡିଚାଳକ ମାନଙ୍କୁ ସଚେତନ କରାଇଥିଲେ।

# ନବୀନଙ୍କୁ ଖାତିର୍ କରୁନାହାନ୍ତି ବ୍ରହ୍ମପୁର ବିଜେଡି ନେତା !



**ବ୍ରହ୍ମପୁର, ୧।୨ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ବିଜେଡିରେ ନେତାଙ୍କ ଇଣ୍ଟରନାଲ୍ ଫାଇଟ୍ ଏବେ ଧୀରେ ଧୀରେ ସ୍ପଷ୍ଟ ହେଉଛି। ଏହାର ପ୍ରତିଫଳନ ନିକଟରେ ହୋଇଥିବା ବିଏମସି ସାଧାରଣ ପରିଷଦ ବୈଠକରେ ଦେଖିବାକୁ ମିଳିଥିଲା। ସହରର ଦୁଇ ହେବିୱେଟ୍ ବିଜେଡି ନେତାଙ୍କ ଗୋଷ୍ଠୀ ମଧ୍ୟରେ ଗତ ସାଧାରଣ ନିର୍ବାଚନ ପରେ ବଡ ଧରଣର ଅନ୍ତଃ କନ୍ଦଳ ଲାଗି ରହିଥିବା ଆଲୋଚନା ହେଉଛି। ଏ କଥା ସ୍ଥାନୀୟ ଦଳୀୟ ନେତା କି କର୍ମୀ ଗ୍ରହଣ କରୁନଥିଲେ ମଧ୍ୟ ଆଉ କାହାକୁ ଅଛପା ନାହିଁ ବୋଲି କୁହାଯାଇପାରେ। ଏପରିକି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଉଭୟ ଗୋଷ୍ଠୀ ପରସ୍ପର ଉପରେ ବିଷ ଓଗାଳୁଛନ୍ତି। ନାଁ ନ ନେଇ ଟାର୍ଗେଟ୍ ବି କରୁଛନ୍ତି। ମହାନଗର ନିଗମ କାଉନସିଲ୍ ବୈଠକରେ ଦୁଇ ବିଜେଡି କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ଯେଉଁ ବିବାଦ ସାମ୍ନାକୁ ଆସିଥିଲା,ଏହା ପଛରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଦୁଇ ନେତାଙ୍କ ଅସନ୍ତୋଷ ହିଁ ମୁଖ୍ୟ କାରଣ ବୋଲି କୁହାଯାଏ।

ସମ୍ପ୍ରତି ପରିସ୍ଥିତି ଶାନ୍ତ ପଡ଼ିଥିଲେ ବି ଭିତିରିଆ କଳିରେ କିନ୍ତୁ ପୂର୍ଣ୍ଣଚ୍ଛେଦ ପଡିନଥିବା ଜଣାପଡିଛି। ଧୀରେ ଧୀରେ ସ୍ଥାନୀୟ ଶଙ୍ଖ ଶିବିର ଅଶାନ୍ତ ହେବାରେ ଲାଗିଥିବା ବେଳେ ଦଳର କର୍ମୀଙ୍କ ପାଇଁ ଏବେ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଗୋଟିଏ ଦଳରେ ଥାଇ ବି କାହା ନେତୃତ୍ୱରେ କର୍ମୀ କାର୍ଯ୍ୟ କରିବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ବାସ୍ତବରେ, ଗତ ପୌର ନିର୍ବାଚନ ସମୟରୁ ହିଁ ସହରର ଦୁଇ ନେତାଙ୍କ ମଧ୍ୟରେ କଡା ଟକ୍କର ଲାଗିଥିଲା। ୨୦୨୪ ସାଧାରଣ ନିର୍ବାଚନରେ କନ୍ଦଳ ଆହୁରି ତୀବ୍ର ହୋଇଥିଲା। ଦଳ ଉଭୟ ନେତାଙ୍କୁ ଦୁଇଟି ଆଖପାଖ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିଥିଲେ ବି ଉଭୟ ଉଭୟଙ୍କ ପତ୍ତା କାଟିବାକୁ ଉଦ୍ୟମ କରି ପରାଜିତ ହୋଇଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ସେବେଠାରୁ ଦଳରେ ନିଜର ଦମ୍ ଦେଖାଇବାକୁ ନେଇ ଉଭୟ ନେତାଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

ନିକଟରେ ବ୍ରହ୍ମପୁର ବିଜେଡିରେ ସବୁ କିଛି ଠିକ୍ ଠାକ ନଥିବା ଆଲୋଚନା ହେବା ସହ କନ୍ଦଳ ସାମ୍ନାକୁ ଆସିବା ପରେ ଦଳର ରାଜ୍ୟ ସ୍ତରୀୟ ତୁଙ୍ଗ ନେତା ମାନେ ଏଥିରେ ହସ୍ତକ୍ଷେପ କରି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଉଦ୍ୟମ କରି ଫେଲ୍ ମାରିଥିଲେ। ପରବର୍ତ୍ତୀ ସମୟରେ ଖୋଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ସ୍ଥାନୀୟ ଦଳୀୟ ହେବିୱେଟ୍ ଏବଂ କର୍ପୋରେଟର ମାନଙ୍କୁ ନବୀନ ନିବାସ ଡାକି ମିଳିମିଶି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦଳ ମୁଖିଆଙ୍କ ହସ୍ତକ୍ଷେପ ପରେ ବି ବିବାଦ ତୁଟିନଥିଲା। ପରେ ବିଜେଡିର ସମନ୍ୱୟ କମିଟି ଅଧକ୍ଷ ଦେବୀ ମିଶ୍ର ବି ବ୍ରହ୍ମପୁର ଗସ୍ତରେ ଆସି ଦୁଇ କର୍ପୋରେଟର ଗୋଷ୍ଠୀଙ୍କୁ ଡାକି ପୃଥକ ଆଲୋଚନା କରିଥିବା ଶୁଣିବାକୁ ମିଳୁଥିଲା।

ଚର୍ଚ୍ଚା ହେଉଛି, ଦଳ କ୍ଷମତାରେ ଥିବା ବେଳେ ଦଳର କ୍ରାଇସିସ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଆଇଏଏସରୁ ନେତା ବନିଥିବା ଭି.କେ ପାଣ୍ଡିଆନ୍ ସବୁ ବୁଝୁଥିଲେ। ସେହି ସମୟରେ ବିଜେଡି ନେତାଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଥିଲେ ବି ବିବାଦ ପ୍ରତି ଭୟ ଥିଲା। ଦଳର ବଡ ପରାଜୟ ପରେ ଏବେ କେହି କାହା କଥା ଶୁଣିବା ମୁଡ୍ ରେ ନାହାନ୍ତି। ପାଣ୍ଡିଆନ୍ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ବେଳେ ନବୀନ ଏବେ ସିଧାସଳଖ ସବୁ ବୁଝୁଥିବା ବେଳେ ଖୋଦ ଦଳ ମୁଖିଆଙ୍କ ନିର୍ଦ୍ଦେଶକୁ ବି ବ୍ରହ୍ମପୁରର ବିଜେଡି ହେବିୱେଟ୍ ମାନେ କୁଆଡେ ଖାତିର୍ କରୁନାହାନ୍ତି। ଆଗକୁ ପଂଚାୟତ ଓ ପୌର ନିର୍ବାଚନ ରହିଛି। ଏପରି ସ୍ଥଳେ ବିଜେଡି ହାଇକମାଣ୍ଡଙ୍କ କଥାକୁ ଏଡାଇ ଦେଇ ଦୁଇ ନେତାଙ୍କ କଳି ଯଦି ଜାରି ରୁହେ, ଏହା ଦଳ ପାଇଁ କାଳ ବି ସାଜିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସୋନିଆ ଓ ରାହୁଲଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଉମରକୋଟ ବିଜେପିର ବିରୋଧ



**ଉମରକୋଟ, ୧।୨ (ସଂଚାର ବ୍ୟୁରୋ) :** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଉମରକୋଟ ବିଜେପି ପକ୍ଷରୁ ବିରୋଧ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ବିଜେପି କାର୍ଯ୍ୟାଳୟରୁ ରାଲି ମାଧ୍ୟମରେ ଶୋଭାଯାତ୍ରା କରି ନୂତନ ବସ ଷ୍ଟାଣ୍ଡ ନିକଟରେ ଏକ ପଥ ପ୍ରାନ୍ତ ସଭା ପରେ ରାହୁଲ ଓ ସୋନିଆ ଗାନ୍ଧୀଙ୍କ ଛବିକୁ ନିଆଁ ଲଗାଇ ପ୍ରତିବାଦ କରିଛନ୍ତି। ଏଥିସହିତ ସୋନିଆ ଓ ରାହୁଲଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିବା ସହ ସର୍ବ ସମ୍ମୁଖରେ କ୍ଷମା ପ୍ରାଥନା କରନ୍ତୁ ବୋଲି ଦାବି କରିଛନ୍ତି।

## ଚାଲି ଚାଲି ୧୦ ଜ୍ୟୋତିର୍ଲିଙ୍ଗ ସମେତ ୩ ଧାମ ଭ୍ରମଣ କରୁଛନ୍ତି ୨ ଯୁବକ



**ନୀଳଗିରି, ୧।୨ (ସଂଚାର ବ୍ୟୁରୋ) :** କାନ୍ଧରେ ବ୍ୟାଗ ଓ ତ୍ରିରଙ୍ଗା ପତାକା। ୨ଯୁବକ ପାଦରେ ଚାଲି ଚାଲି କରୁଛନ୍ତି ଭାରତ ଭ୍ରମଣ। ସେ ହେଉଛନ୍ତି କଲିକତା ମେଦିନୀପୁରର ବିଶ୍ୱଜିତ ଦାସ ଓ କୈଳାସ ସରକାର। ଗତ ଜାନୁଆରି ୫ ତାରିଖ ଠାରୁ ପାଦରେ ଚାଲି ଚାଲି ଭାରତ ଭ୍ରମଣରେ ବାହାରିଛନ୍ତି ସେମାନେ। ପ୍ରଥମେ ପଶ୍ଚିମବଙ୍ଗ ନଦିଆରୁ ତାଙ୍କର ଯାତ୍ରା ଆରମ୍ଭ କରି କାନ୍ଧରେ ବ୍ୟାଗ ଓ ତ୍ରିରଙ୍ଗା ପତାକା ଧରି ୨ ଯୁବକ ପାଦରେ ଚାଲି ଚାଲି ଭାରତର ୧୦ ଜ୍ୟୋର୍ତିଲିଙ୍ଗ ସମେତ ତିନି ଧାମର ଭ୍ରମଣ ବାହାରିଛନ୍ତି। ପଦଯାତ୍ରାର ଉଦ୍ଦେଶ୍ୟ ସନାତନ ଧର୍ମକୁ ଏକଜୁଟ ରଖିବା ଏବଂ ଜଙ୍ଗଲ ପରିବେଶକୁ ବଞ୍ଚାଇ ରଖିବା ଲକ୍ଷ୍ୟରେ ଯୁବକଙ୍କ ଭାରତ ଭ୍ରମଣ। ଏହିକ୍ରମରେ ପଶ୍ଚିମବଙ୍ଗ ପରେ ଓଡ଼ିଶାରେ ପହଞ୍ଚି ଜଳେଶ୍ୱର ହୋଇ ଶନିବାର ସନ୍ଧ୍ୟା ସମୟରେ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଦର୍ଶନ ପାଇଁ ଆସି ପହଞ୍ଚିଥିଲେ। ପରେ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବ ପୀଠ ପଞ୍ଚଲିଙ୍ଗେଶ୍ୱରର ରମଣୀୟ ପ୍ରାକୃତିକ ପରିବେଶରେ, ଚିରସ୍ରୋତା ଝରଣାରେ, ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ପୂଜାର୍ଚ୍ଚନା ସାରି ପୁରୀ ହୋଇ ରାମେଶ୍ୱରମ୍, ଦାରୋକା, କନ୍ୟାକୁମାରୀ ବାଗେଶ୍ୱର ଧାମରେ ପହଞ୍ଚିବେ।

### ମାଘ ସପ୍ତମୀ ନିମନ୍ତେ ସମନ୍ୱୟ ବୈଠକ

## ଶ୍ରଦ୍ଧାଳୁଙ୍କ ସେବାରେ ନିୟୋଜିତ ହେବେ ୩୫୦ ସ୍ୱେଚ୍ଛାସେବୀ




**କୋଣାର୍କ, ୧।୨ (ସଂଚାର ବ୍ୟୁରୋ) :** ଶନିବାର ପୂର୍ବାହ୍ନରେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ମାଘ ସପ୍ତମୀ ନିମନ୍ତେ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଥାନା ଆଇଆଇସି ସୁରେଶ ଚନ୍ଦ୍ର ପୃଷ୍ଟି, ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଭାଗା ମାଘ ସପ୍ତମୀ ପୂର୍ବ ରାତି ଷଷ୍ଠୀ ସଂଧ୍ୟା ୬ଟା ସମୟରୁ ସପ୍ତମୀ ସକାଳ ୭ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ନିୟୋଜିତ ରହିବେ। ପୁରୀ ଶିକ୍ଷା ବିଭାଗ ଅଧୀନ ସ୍କାଉଟ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ନେହରୁ ଯୁବକେନ୍ଦ୍ର, ସବୁଜ ସଙ୍କଳ୍ପ, ଉତ୍ସର୍ଗ,ଜବାହାର ନବୋଦୟ ବିଦ୍ୟାଳୟର ଏନ୍ଏସଏସ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୫୦ ସ୍ୱେଚ୍ଛାସେବୀ ଯୋଗଦେଇ ଚନ୍ଦ୍ରଭାଗା ମେଳାପଡିଆ, ଚନ୍ଦ୍ରଭାଗା ଟ୍ରାଫିକ, ସମୁଦ୍ର ବେଳାଭୂମି, ହଜିଲା ଖୋଜିଲା ମଞ୍ଚ, ରାମଚଣ୍ଡୀ ପୀଠ,ନବଗ୍ରହ ମନ୍ଦିର ନିକଟରେ ସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଥିଲା।

## ବୋରିଗୁମ୍ମାରେ ଜବରଦଖଲ ଉଚ୍ଛେଦ



**ବୋରିଗୁମ୍ମା, ୧।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରରେ ବଢୁଥିବା ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବୋରିଗୁମ୍ମା ହାଟପଦାଠାରୁ ଏନଏଚ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଶନିବାର ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଇବା କାର୍ଯ୍ୟ କରାଯାଇଥିଲା। ଉଭୟ ପାର୍ଶ୍ୱରେ ବ୍ୟବସାୟୀମାନେ ରାସ୍ତା ଦଖଲ କରିଥିବାରୁ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିଲା । ଯାହାଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟିବା ସହ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଅଟକି ରହୁଥିବା ଅଭିଯୋଗ ହୋଇଆସୁଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନର ଆଦେଶ କ୍ରମେ ପୂର୍ବରୁ ବୋରିଗୁମ୍ମା ପ୍ରଶାସନ ପକ୍ଷରୁ ଜାନୁଆରୀ ୩୧ ଶୁକ୍ରବାର ସୁଦ୍ଧା ଜବରଦଖଲକାରୀ ଜାଗା ଛାଡ଼ିବାକୁ କୁହାଯାଇଥିଲା। ନଚେତ୍ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବ୍ୟବସାୟୀମାନଙ୍କୁ ଚେତାବନୀ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ପରେ ମଧ୍ୟ ବ୍ୟବସାୟୀମାନେ ଜବରଦଖଲ ହଟାଇ ନଥିବାରୁ ଶନିବାର ସକାଳେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା, ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ ଯୁଗଳ କିଶୋର ସା, ବୋରିଗୁମ୍ମା ପୁଲିସ, ରାଜସ୍ୱ ଅଧିକାରୀ ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିଲେ ।

ହାଟପଦାରୁ ଟ୍ରାଫିକ ଛକ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୃହ ସହ ବଡ ବଡ଼ ଅଟାଳିକା ଏବଂ ଚାଦର କେବିନ ଗୁଡ଼ିକୁ ହଟାଯାଇଥିଲା। ସେହିପରି ଜବରଦଖଲରେ ପଡିରହିଥିବା ହାଟପଦା ଠାରୁ ନବରଙ୍ଗପୁର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତର ମଧ୍ୟ ଜବରଦଖଲ ହଟାଯାଇଥିଲା। ଉକ୍ତ ହାଟପଦା ରାସ୍ତା ନିର୍ମାଣ କରାଯାଇ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ସହରର ଜନସାଧାରଣ ପକ୍ଷରୁ ମଧ୍ୟ ଜିଲ୍ଲାପାଳ ଓ ଏସପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗ୍ରଣୀ ଦୈନିକ ଓଡ଼ିଆ ଖବର କାଗଜ 'ସଂଚାର'ରେ ଏନେଇ ବହୁବାର ଖବର ପ୍ରକାଶ ପାଇଥିଲା। ଏହାପରେ ଶନିବାର ଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି ।

## ପତ୍ନୀହନ୍ତାକୁ ୮ ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର, ୧।୨ (ସଂଚାର ବ୍ୟୁରୋ) :** ପତ୍ନୀ ହତ୍ୟା ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ସୁବ୍ରତ କୁମାର ମହାନ୍ତି ଦୋଷୀ ସ୍ୱାମୀକୁ ୮ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଆସାମୀ ଜଣକ ହେଲା ମାଲକାନଗିରି ଜିଲ୍ଲା ନୂଆଗୁଡା ଗାଁର ରବି ଖିଲ। ସେ ସ୍ତ୍ରୀ ଓ ପରିବାର ସହିତ ଶ୍ୱଶୁର ଘର ଗାଁ ନବରଙ୍ଗପୁର ଜିଲ୍ଲା ଡାଇଭଟ୍ଟାରେ ରହୁଥିଲା। ମାମଲାରେ ୧୬ ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତିକରି ମାନ୍ୟବର ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ଦୋଷୀକୁ ଜେଲ୍ ଦଣ୍ଡାଦେଶ ପରେ ମା'ଛେଉଣ୍ଡ ୨ କୁନି ପିଲାଙ୍କୁ କ୍ଷତିପୂରଣ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ପଚାରର୍ଶ ଦେଇଛନ୍ତି ।

ସରକାରୀ ଓକିଲ ମନୋଜ କୁମାର ଏକ୍କାଙ୍କ ସୂଚନାନୁଯାୟୀ, ୨୦୨୩ ଅଗଷ୍ଟ ୫ ତାରିଖ ରାତିରେ ଆସାମୀ ରବି ମଦପିଇ ଘରକୁ ଫେରିଥିଲା। ସେହି ସମୟରେ ୨ ପୁଅ ପଡୋଶୀଙ୍କ ଘରକୁ ଶୋଇବାକୁ ଚାଲିଯାଇଥିଲେ। କୌଣସି କଥାକୁ ନେଇ ବିଳମ୍ବିତ ରାତିରେ ରବି ଓ ତାଙ୍କ ସ୍ତ୍ରୀ ସସ୍ମିତାଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସ୍ତ୍ରୀର ମୁଣ୍ଡକୁ କାନ୍ଥରେ ପିଟିଥିଲା ରବି। ଏଥିରେ ମଧ୍ୟ ରାଗ ଶାନ୍ତ ନହେବାରୁ ଘରେ ଥିବା ଏକ ଛତାରେ ସସ୍ମିତାଙ୍କୁ ବାରମ୍ବାର ଭୁସି ନିର୍ମମ ଭାବେ ହତ୍ୟା କରିଥିଲା। ରକ୍ତ ଜୁଡବୁଡୁ ଅବସ୍ଥାରେ ଛଟପଟ ହୋଇ ପ୍ରାଣ ହରାଇଥିଲେ ସସ୍ମିତା। ସାରାରାତି ମୃତଦେହ ନିକଟରେ ବସି ରହିଥିଲା ରବି। ସକାଳେ ସସ୍ମିତା ଘରୁ ପଦାକୁ ନବାହାରିବାରୁ ପଡୋଶୀମାନେ ସନ୍ଦେହ କରିଥିଲେ । ପରେ ଘଟଣା ପଦାକୁ ଆସିବା ପରେ ସସ୍ମିତାଙ୍କ ମା'କାମିନୀ ନାଗ ଏ ସଂପର୍କରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତ ରବିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦଯାପିତ



**ବାଲିଅନ୍ତା, ୧।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ଗ୍ରାମ ପଞ୍ଚାୟତ ବିଶ୍ୱନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଆଞ୍ଚଳିକ ସାଧନ କେନ୍ଦ୍ର (ସତ୍ୟଭାମାପୁର କ୍ଲଷ୍ଟର) ସ୍ତରୀୟ ନିପୁଣ ଓଡିଶା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଭୀମ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ବେହେରା, ବାବୁଲି ପରିଡା, ୱାର୍ଡ ସଭ୍ୟ ମିଟୁ ଭୂୟାଁ, ପୂର୍ବତନ ସିଆରସିସି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାଦାନ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ । ସଭାରେ କ୍ଲଷ୍ଟରର ୮ଟି ସ୍କୁଲର ଛାତ୍ରଛାତ୍ରୀ, ୬୦ ଅଭିଭାବକ ଏବଂ ୮ ଜଣ ମାର୍ଗଦର୍ଶକଙ୍କ ସମେତ ଶିକ୍ଷକ ଯୋଗ ଦେଇଥିଲେ ।

## ଗୋଚର ଜାଗାରୁ ଜବରଦଖଲ ଉଚ୍ଛେଦ ଦାବି



**ବାଲିଆପାଳ, ୧।୨ (ସଂଚାର ବ୍ୟୁରୋ) :** ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଗ୍ରାମର ଥିବା ୪ ଡିସିମିଲରୁ ଅଧିକ ଗୋଚର ଜାଗାକୁ ଜନୈକ ବ୍ୟକ୍ତି ଜବର ଦଖଲ କରିବା ସହିତ ଉକ୍ତ ଜମିକୁ କଂକ୍ରିଟ ପାଚେରୀ କରି ଘେରି ନେଇଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି।

ସୂଚନାରୁ ପ୍ରକାଶ ଜାମକୁଣ୍ଡା ଗ୍ରାମର ମୁଖ୍ୟ ରାସ୍ତା ପାଖରେ ଥିବା ବାଲିଆପାଳ ତହସିଲ ଖାତା ନମ୍ବର ୨୭୫୩ର ପ୍ଲଟ ନମ୍ବର ୬୨୫୦ ଜାଗାଟି ଅକ୍ଷୟ ଜେନାଙ୍କ ପୁଅ ରାଧାନାଥ ଜେନା ପାଚେରୀ ଉଠାଇ ଘେରିନେବା ଦ୍ୱାରା ଯାତାୟାତରେ ଘୋର ଅସୁବିଧା ଦେଖାଯାଇଛି। ଚାରି ଚକିଆ ଯାନ ଗ୍ରାମ ଭିତରକୁ ଭିତରକୁ ଯିବାରେ ବାଧାପ୍ରାପ୍ତ ହେବା ସହିତ ପିଲାମାନେ ବିଦ୍ୟାଳୟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ଆସିବା ପାଇଁ ମଧ୍ୟ ରାସ୍ତା ଅବରୋଧ ହେଉଛି। ଏକ ସର୍ବସାଧାରଣ ଗୋଚର ପାଇଁ ଉଦିଷ୍ଟ ଜାଗାକୁ ଜନୈକ ବ୍ୟକ୍ତି ଅବରୋଧ କରିବାକୁ ବିରୋଧ କରି ଗ୍ରାମବାସୀମାନେ ସ୍ଥାନୀୟ ଜାମକୁଣ୍ଡା ରାଜସ୍ୱ ନିରୀକ୍ଷକ ଓ ବାଲିଆପାଳ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ସନ୍ଦେହ ଦେଖାଯାଇଛି। ଆରଆଇ କେବଳ ଗୋଟିଏ ଏଲି କେଶ କରିଦେଇ ଚୁପ ହୋଇ ବସିଛନ୍ତି। ତେବେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନେଲେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସାଇ ଲୋକନାଥ ପ୍ରସାଦ ସେଠିଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଏହି ଜାଗାକୁ ଚିହ୍ନଟ କରି ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

## ସରକଣା ଭଗବତୀ ଉଚ୍ଚ ବିଦ୍ୟାଳୟ ୧୯୯୨ ବ୍ୟାଚର ବନ୍ଧୁ ମିଳନ



**ବାଲିଅନ୍ତା, ୧।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ସରକଣା ଭଗବତୀ ଉଚ୍ଚ ବିଦ୍ୟାଳୟ ୧୯୯୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଆଜି ଶାନ୍ତିସ୍ତୁପ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୨ ବର୍ଷ ପରେ ସାଙ୍ଗମାନେ ଏକାଠି ହୋଇ ସ୍କୁଲ ବେଳର ଅଭୁଲା ସ୍ମୃତିକୁ ମନେ ପକେଇବାସହ ବର୍ତ୍ତମାନ ଜୀବନର ସୁଖ ଦୁଃଖକୁ ପରସ୍ପର ମଧ୍ୟରେ ବାଣ୍ଟିଥିଲେ । ଏହି ଅବସରରେ ଦିବଂଗତ ଗୁରୁମାନଙ୍କ ଶିକ୍ଷାଦାନ ଏବଂ ଭଲ ପାଇବାକୁ ମନେ ପକାଇ ଦୁଃଖ ପ୍ରକାଶ କରିଥିଲେ । ସ୍ୱର୍ଗତ ସହପାଠୀମାନଙ୍କର ମଧ୍ୟ ସ୍ମୃତି ଚାରଣ କରିଥିଲେ । ଏହି ବନ୍ଧୁ ମିଳନରେ ୫୦ରୁ ଅଧିକ ବନ୍ଧୁ ସେମାନଙ୍କ ପରିବାର ଲୋକଙ୍କ ସହିତ ଏକତ୍ରିତ ହୋଇ ଖୁସି ମନାଇଥିଲେ । ଆଗାମୀ ବର୍ଷ ବନ୍ଧୁ ମିଳନ ଉତ୍ସବକୁ ଆହୁରି ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବାକୁ ସ୍ଥିର ହୋଇଥିଲା ।

## କଣାସରେ ମାଡିଚାଲିଛି ଝାଡ଼ାବାନ୍ତି : ପୁଣି୧୫ ଆକ୍ରାନ୍ତ

**କଣାସ, ୧।୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଜଳ ପ୍ରଦୁଷିତ ଯୋଗୁଁ ଦୀର୍ଘ ୨୪ ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଦିନକୁ ଦିନ ଝାଡାବାନ୍ତି ଦୟାନଦୀକୂଳର ଗ୍ରାମମାନଙ୍କରେ ମାଡି ଚାଲିଛି। ପାଇକମରା, ବଡଓରା, କଉଡିଖିଣି, ଯାମଳଗୋଦା, ଜଳିଆପଡ଼ା, ନୂଆଦୋକନ୍ଦା, ସିରେଇ ପ୍ରଭୃତି ଗ୍ରାମରେ ୧୫ ଜଣ ଝାଡାବାନ୍ତି ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଆଜି ଉପଜିଲ୍ଲାପାଳ, ତହସିଲିଦାର, ବିଡିଓ, କଣାସ ଥାନା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଜାଗୁଳାଇପଦର ଗ୍ରାମ ପରିଦର୍ଶନ କରି ଫେରି ଯାଇଛନ୍ତି।

## ଚିନ୍ତାରେ ମୂର୍ତ୍ତି କାରିଗରଙ୍କ ପରିବାର

**କାକଟପୁର/ଅସ୍ତରଙ୍ଗ, ୧।୨ (ସଂଚାର ବ୍ୟୁରୋ):** ଅନେକ ସମସ୍ୟା ରହିଥିଲେ ମଧ୍ୟ ପାରମ୍ପରିକ କୌଳିକ ବୃତ୍ତିକୁ ଜୀବିତ ରଖିଛନ୍ତି ମୂର୍ତ୍ତି କାରିଗର। ପିଢ଼ି ପିଢ଼ି ଧରି ମାଟି ମୂର୍ତ୍ତି କାରିଗରମାନେ ସେମାନଙ୍କର ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। କଞ୍ଚା ମାଲ୍ ଓ ଦରଦାମ ବୃଦ୍ଧିକୁ ଆଳ କରି କେତେକ ମାଟି ମୂର୍ତ୍ତି କାରିଗର ନିଜର ବୃତ୍ତିକୁ ଛାଡିଛନ୍ତି।



ତଥାପି ବହୁ ଘାତ ପ୍ରତିଘାତ ସତ୍ତ୍ୱେ ମାଟିରେ ନିର୍ମିତ ଏହି କଳାକୃତିକୁ କାରିଗରମାନେ ବଞ୍ଚାଇ ରଖିଛନ୍ତି।

ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ୍‌ର ଓସ୍ତପୁର, ଗୋସିଙ୍ଗା, ହରିଣହୁଳା ଗାଁରେ ମାଟିରୁ ନିର୍ମିତ କଳାକୃତି ଏବେ ଉତ୍କର୍ଷତାର ସୀମାକୁ ସ୍ପର୍ଶ କରିଛି। ସମୟ ସହ ତାଳ ଦେଇ ପୁରୁଷାନୁକ୍ରମେ ଶିଖି ଆସିଥିବା କଳାକୃତିକୁ ନୂଆ ରୂପ ଦେଉଛନ୍ତି ମୂର୍ତ୍ତି କାରିଗର। ମାଟିପାତ୍ର ନିର୍ମାଣ ସହିତ ଚଳିତ ଶ୍ରୀପଞ୍ଚମୀ ପାଇଁ ଶତାଧିକ ବିଦ୍ୟାଦାୟିନୀ ସରସ୍ୱତୀଙ୍କ ମୂର୍ତ୍ତି ତିଆରି କରି ବକ୍ରି କରୁଛନ୍ତି। ବର୍ଷସାରା ମାଟି ପାତ୍ର ଓ ମାଟିରେ ତିଆରି ସାମଗ୍ରୀ ବିକି ଚଳୁଥିବା ମାଟି କାରିଗରଙ୍କ ଜୀବିକା ଦୟନୀୟ ସ୍ଥିତିରେ ରହିଥିଲା। ମାଟି କାରିଗରଙ୍କ ଦ୍ୱାରା ତିଆରି କରାଯାଇଥିବା ପୋଡ଼ା ମାଟିର ସାମଗ୍ରୀ ବିକ୍ରି ନହୋଇ ମାସ ମାସ ଧରି ପଡି ରହୁଥିଲା। ମାଟି ନିର୍ମିତ ମୂର୍ତ୍ତି

**ମିଳୁନି ସରକାରୀ ପ୍ରୋତ୍ସାହନ**

**ମୂର୍ତ୍ତି ପାଇଁ ବହୁଦୂରରୁ ଆସୁଛି ମାଟି**

କଳାକୁ ଆପଣେଇବା ପରେ ସେମାନଙ୍କ ଜୀବନଜୀବିକାରେ କିଛି ମାତ୍ରାରେ ସୁଧାର ଆସିଥିବା ଦେଖିବାକୁ ମିଳୁଛି। ବର୍ଷର ବିଭିନ୍ନ ସମୟରେ ବିଦ୍ୟାଦାୟିନୀ ସରସ୍ୱତୀଙ୍କ ମୂର୍ତ୍ତିଠାରୁ ଆରମ୍ଭ କରି ଶ୍ରୀ ଗଣେଶ, ଖୁଦୁରୁକୁଣୀ, ଗଜଲକ୍ଷ୍ମୀ ମୂର୍ତ୍ତି ବିକ୍ରି କରି ଚଳିଯିବାକୁ ଆଶା ବାନ୍ଧିଛନ୍ତି ମୂର୍ତ୍ତି କାରିଗର।

ହରିଣହୁଳା ଗ୍ରାମର ମୂର୍ତ୍ତି କାରିଗର ପୁରନ୍ଦର ମୁଦୁଲି କୁହନ୍ତି ଆମେ ପିଢ଼ି ପିଢ଼ି ଧରି ଏହି କୌଳିକ ବୃତ୍ତିକୁ ଆପଣେଇଛୁ। ଆଗରୁ ଆମ ବାପା କରୁଥିଲେ। ଏବେ ମୁଁ ମୂର୍ତ୍ତି ତିଆରି କରୁଛି। ମା' ଓ ପୁଅମାନେ ମଧ୍ୟ ମୋତେ ସାହାଯ୍ୟ କରୁଥିବା ପୁରନ୍ଦର କହିଛନ୍ତି । ଚଳିତ ସରସ୍ୱତୀ ପୂଜାକୁ ଲକ୍ଷ୍ୟ କରି ଅଧିକାଂଶ ମୂର୍ତ୍ତି ରଙ୍ଗ କାମ ସରିଗଲାଣି। ଏବେ ବିକ୍ରି ପାଇଁ ରଖାଯାଇଛି ଏହା ସହ ଶନିବାର ଅସ୍ତରଙ୍ଗ ମାର୍କେଟକୁ ମଧ୍ୟ ନେଇଛୁ। ନିକଟସ୍ଥ ଅସ୍ତରଙ୍ଗ ବଜାର ଅବା ଆଖ ପାଖ ବଜାରରେ ମାଟିରେ ନିର୍ମିତ ସରସ୍ୱତୀ ମୂର୍ତ୍ତି ଏଠାକୁ ବିକ୍ରି ପାଇଁ ଆସୁଥିବା ଜଣାପଡ଼ିଛି।

ଓସ୍ତପୁରରେ ୫୦ ଘର କୁମ୍ଭକାର ପରିବାର ରହୁଛନ୍ତି। ସେଥିରୁ ୧୦ ଘର ମୂର୍ତ୍ତିକାରିଗର ଭାବେ ବିଭିନ୍ନ ମୂର୍ତ୍ତି ତିଆରି କରୁଛନ୍ତି। ମୂର୍ତ୍ତିକାରିଗର କିଛି ବ୍ୟକ୍ତି କହିଛନ୍ତି ଜମିବାଡ଼ି କିଛି ନାହିଁ। ଆମର କୌଳିକ ବୃତ୍ତିକୁ ଧରି ପରିବାର ପ୍ରତିପୋଷଣ କରିବା କଷ୍ଟକର। ମୂର୍ତ୍ତି ତିଆରି ପାଇଁ ଏଠାରେ ଉପଯୁକ୍ତ ମାଟି ମିଳୁ ନାହିଁ। ମାଟି ଆଣିବାକୁ ଦେବୀ ନଦୀ ନିକଟସ୍ଥ ସ୍ଥାନ ଉପରେ ନିର୍ଭର କରିବାକୁ ପଡୁଛି। ଉଚ୍ଚା ଦରରେ ମାଟି କିଣିବା ସହ ଆବଶ୍ୟକ ସରଞ୍ଜାମର ଦରଦାମ୍ ବୃଦ୍ଧି ପାଉଛି। ମାଟି, ବାଲି, ନଡ଼ା, ଚକ୍ଷୁ, ସୁତୁଲି, ରଙ୍ଗ ଓ ମଜୁରୀକୁ ହିସାବ କଲେ ଲାଭ କମ୍ ମିଳୁଛି। ସରକାରଙ୍କ ପକ୍ଷରୁ ଏହି ମୂର୍ତ୍ତି କାରିଗରଙ୍କୁ କିଛି ପ୍ରୋତ୍ସାହନ ମିଳିଲେ ଭଲ ହୁଅନ୍ତା ବୋଲି ଶ୍ରୀ ମୁଦୁଲି କହିଛନ୍ତି।

## ଶୈକ୍ଷିକ ବିକାଶରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

- କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**କୋଣାର୍କ, ୧।୨ (ସଂଚାର ବ୍ୟୁରୋ) :** ଶନିବାର ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ପକ୍ଷରୁ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ନିପୁଣ ଓଡ଼ିଶା ମେଳାରେ ଅତିଥିରୂପେ ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପରମିତା ନାୟକ, ଗୋପ ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ବିନୋଦିନୀ ମହାପାତ୍ର, ଏବିଇଓ ପୁଷ୍ପମିତ୍ରା ମିଶ୍ର, ଏବିଇଓ ଅଶୋକ କୁମାର ବେହେରା, ଦେଓ୍ୱଳି ସିଆରସିସି ଲିଙ୍ଗରାଜ ସ୍ୱାଇଁ, ପ୍ରଧାନଶିକ୍ଷକ ସମ୍ରାଟଭଞ୍ଜ ଭୋଇ, ଏ.କେ. ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଓ ପ୍ରଧାନଶିକ୍ଷୟିତ୍ରୀ



କାଜଲବାଳା ପରିଡ଼ା ଯୋଗଦେଇ ନିପୁଣ ଓଡ଼ିଶା ମେଳାର ଗୁରୁତ୍ୱ ଓ କାର୍ଯ୍ୟଧାରା ସଂପର୍କରେ ଆଲୋଚନା କରିଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁନିଶ୍ଚିତ କରିବା ଦିଗରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମେଳାରେ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନାତ୍ମକ କାର୍ଯ୍ୟକଳାପ ଓ ମତାମତ ଷ୍ଟଲଗୁଡିକୁ ଅଭିଭାବକ, ପଞ୍ଚାୟତରାଜ ପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ଅଭିଭାବକ ଓ କ୍ଲଷ୍ଟରର ୧୨ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ବୁଲି ଦେଖିଥିଲେ। ନିପୁଣ ଭାରତ ତଥା ନିପୁଣ ଓଡ଼ିଶା ମିଶନକୁ ସାକାର କରିବା ନିମନ୍ତେ ସିଆରସିସି ଶ୍ରୀ ବାହିନୀପତି ସମସ୍ତଙ୍କୁ ଶପଥପାଠ କରାଇଥିଲେ।

### ବୈଶିଙ୍ଗା ପୁଲିସର ବାଇକ୍ ଯାଞ୍ଚ

## ୨୮ ହଜାର ଟଙ୍କା ଜରିମାନା ଆଦାୟ

**ବୈଶିଙ୍ଗା, ୧।୨ (ସଂଚାର ବ୍ୟୁରୋ) :** ବିନା ଲାଇସେନ୍ସ, ବିନା ହେଲମେଟରେ ବାଇକ ଚଳାଇବା ଦଣ୍ଡନୀୟ ଅପରାଧ ଜାଣି ମଧ୍ୟ ଚାଳକମାନେ ବେପରୁଆ ଭାବେ ଗାଡି ଚଳାଇବା ଯୋଗୁଁ ଦୁର୍ଘଟଣାର ପରବର୍ତ୍ତୀ ସମୟ ଦୁର୍ବିସହ ହୋଇ ପଡୁଛି । ଏଥିପାଇଁ ରାଜ୍ୟ ପୋଲିସକୁ ସମସ୍ତ ଯାନ ଯାଞ୍ଚ କରିବା ପାଇଁ ଯେଉଁ କ୍ଷମତା ଦିଆଯାଇଛି ତାହାରି ବଳରେ ପୋଲିସ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ଦୈନନ୍ଦିନ ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରେ ଯାଞ୍ଚ ଚାଲୁଥିଲେ ମଧ୍ୟ ଆଜି ଶନିବାର ପୂର୍ବାହ୍ନରେ ବୈଶିଙ୍ଗା-ରୁପସା ରାସ୍ତାର କଦଳିଆ ଛକ ନିକଟରେ ଏହି ଯାଞ୍ଚ ଚାଲିଥିବାର ଦେଖିବାକୁ ମିଳିଥିଲା। ୨୮ ଜଣ ଅମାନିଆ ବାଇକ୍ ଚାଳକଙ୍କ ଠାରୁ ଅଠେଇଶ ହଜାର ଟଙ୍କା ଆଦାୟ କରାଯାଇଥିବାର ସୂଚନା ମିଳିଛି। ଏହି ଯାଞ୍ଚରେ ବୈଶିଙ୍ଗା ପୋଲିସର ସହଯୋଗ ରହିଥିଲା ।

ସଂଚାର THE SANCHAR

▶ହିରୋ ହକି ଇଣ୍ଡିଆ ଲିଗ୍ ଉଦ୍‌ଯାପିତ

# ଶ୍ରାଚି ରର ବେଙ୍ଗଲ ଟାଇଗର୍ସ ଚାମ୍ପିଅନ୍



**ରାଉରକେଲା, ୧।୨ (ସଂଚାର ବ୍ୟୁରୋ):** ହକି ଇଣ୍ଡିଆ ପକ୍ଷରୁ ଚାଲିଥିବା ହିରୋ ହକି ଇଣ୍ଡିଆ ଲିଗ୍ ଆଜି ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ଶ୍ରାଚି ରଡ ବେଙ୍ଗଲ ଟାଇଗର୍ସ ଚାମ୍ପିଅନ୍ ହୋଇଛି। ଆଜି ଏଠାକାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଦଳ ହାଇଦ୍ରାବାଦ ତୁଫାନ୍ସକୁ ୪-୩ରେ ପରାସ୍ତ କରି ଏହି ସଫଳତା ଅର୍ଜନ କରିଛି। ଏଥିସହ ଦଳ ୩ କୋଟି ଟଙ୍କାର ପୁରସ୍କାର ରାଶି ହାତେଇଛି। ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ କ୍ୟାବିନେଟ୍‌ର କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଉପସ୍ଥିତ ଥିଲେ। ଫାଇନାଲ୍ ମ୍ୟାଚ୍ ଦେଖିବା ସକାଶେ ଭରପୂର ଦର୍ଶକ ମହଜୁଦ ଥିବା ବେଳେ ମୁଖ୍ୟମନ୍ତ୍ରୀ ମଧ ମ୍ୟାଚ୍ ଉପଭୋଗ କରିଥିଲେ। ଫାଇନାଲରେ ରନର୍ସଅପ୍ ହାଇଦ୍ରାବାଦ ତୁଫାନ୍ସ ପକ୍ଷରୁ ଗଞ୍ଜାଲୋ ପିଲେଟ୍ ୨ଟି ଗୋଲ୍ ଦେଇଥିଲେ। ସେ ନବମ ଓ ୩୯ତମ ମିନିଟ୍‌ରେ ଏହି ଗୋଲ୍ କରିଥିଲେ। ଏହାଛଡ଼ା ଦଳ ପକ୍ଷରୁ ଅନ୍ୟତମ ଗୋଲ୍‌ଟି ଓଡ଼ିଶାର ଅମନ୍‌ଦୀପ ଲାକ୍ରା ୨୬ତମ ମିନିଟ୍‌ରେ ଗୋଲ୍ ସ୍କୋର୍ କରିଥିଲେ। ଅନ୍ୟତମ ବେଙ୍ଗଲ ଟାଇଗର୍ସ ପକ୍ଷରୁ ଯୁଗରାଜ ସିଂହଙ୍କ ହ୍ୟାଟ୍ରିକ୍ ଦଳକୁ ଚାମ୍ପିଅନ୍ କରାଇବାରେ ମୁଖ୍ୟ ଭୂମିକା ନେଇଥିଲା। ସେ ୨୫ତମ, ୩୨ତମ ଓ ୩୫ତମ ମିନିଟ୍‌ରେ ଗୋଲ୍ ଦେଇଥିବା ବେଳେ ଅନ୍ୟ ଗୋଲ୍‌ଟି ସାମ୍ ଲେନ୍ ଦେଇଥିଲେ। ଏଥିସହ ରନର୍ସଅପ୍ ଦଳ ୨ କୋଟି ଟଙ୍କାର ପୁରସ୍କାର ହାସଲ କରିଛି। ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ସାରା ଅଲୀ ଖାନ୍‌ଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଅନ୍ୟପକ୍ଷରେ ତାମିଲନାଡୁ ଡ୍ରାଗନ୍ସକୁ ୩-୨ରେ ପରାସ୍ତ କରି ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ୍ ରନର୍ସଅପ୍ ହୋଇ ୧ କୋଟି ଟଙ୍କାର ପୁରସ୍କାର ପାଇଛି।

# ବଜେଟ୍ ଓ ନିର୍ମଳାଙ୍କ ଶାଢ଼ି



**ନୂଆଦିଲ୍ଲୀ:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ପୂର୍ବାହ୍ନ ୧୧ଟାରେ ସଂସଦରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି। ତେବେ ଏହି ବଜେଟ୍ ଉପସ୍ଥାପନ ସମୟରେ ପୂର୍ବପରି ନିର୍ମଳାଙ୍କ ଶାଢ଼ିକୁ ନେଇ ବେଶ ଚର୍ଚ୍ଚା ହୋଇଛି। ନିୟମିତ ଭାବେ ନିର୍ମଳା ବଜେଟ୍ ଉପସ୍ଥାପନ ସମୟରେ ପାରମ୍ପରିକ ଶାଢ଼ିରେ ନଜର ଆସିଥାନ୍ତି। ଅର୍ଥମନ୍ତ୍ରୀଙ୍କ ଶାଢ଼ି ଭାରତର ବିବିଧତାପୂର୍ଣ୍ଣ ସଂସ୍କୃତି ଓ ପରମ୍ପରାକୁ ପ୍ରତିପାଦିତ କରିଥାଏ। ନିର୍ମଳାଙ୍କ ଶାଢ଼ିର ଧଡ଼ିରେ ଗୋଲ୍ଡେନ ୱାର୍କ ହୋଇଥିବା ଦେଖିବାକୁ ମିଳିଛି। ଅର୍ଥମନ୍ତ୍ରୀଙ୍କୁ ଏହି ଶାଢ଼ି ପଦ୍ମଶ୍ରୀ ଦୁଲାରି ଦେବୀ ଉପହାର ଆକାରରେ ପ୍ରଦାନ କରିଥିଲେ। ଶାଢ଼ିରେ ବିହାରର ପ୍ରସିଦ୍ଧ ମଧୁବାଣୀ ପେଣ୍ଟିଂ କରାଯାଇଥିବା ବେଳେ ଦୁଲାରି ଦେବୀ ନିଜେ ଏହି ଶାଢ଼ିକୁ ପ୍ରସ୍ତୁତ କରିଛନ୍ତି। ଦୁଲାରୀ ଦେବୀ ତାଙ୍କ ଜୀବନରେ କଠିନ ଆହ୍ୱାନର ସମ୍ମୁଖୀନ ହୋଇ ନିଜ ଚିତ୍ର ମାଧମରେ ବାଲ୍ୟ ବିବାହ, ଏଡ୍ସ ଓ ଗର୍ଭଧାରଣ ଭଳି ପ୍ରସଙ୍ଗରେ ସଚେତନତା ବାର୍ତ୍ତା ଦେଇଆସିଛନ୍ତି। ସେ ଅଦ୍ୟାବଧି ପାଖାପାଖି ୧୦ ହଜାର ପେଣ୍ଟିଂ କରିଛନ୍ତି ଯାହାକି ୫୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି। ବଜେଟ୍ ଉପସ୍ଥାପନ ସମୟରେ ପାରମ୍ପରିକ ଶାଢ଼ି ପିନ୍ଧି ନିର୍ମଳା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦେଶର ବିଭିନ୍ନ ହସ୍ତତନ୍ତ ପରମ୍ପରା ଓ କଳାକୁ ପ୍ରଦର୍ଶିତ କରି ଦେଶର ସାଂସ୍କୃତିକ ଉତ୍ତରାଧିକାରୀଙ୍କୁ ପ୍ରୋତ୍ସାହିତ କରିଆସିଛନ୍ତି।

## ଝାରସୁଗୁଡ଼ାରୁ ଲକ୍ଷ୍ନୌ ବିମାନସେବା ଆରମ୍ଭ

**ଝାରସୁଗୁଡ଼ା, ୧।୨ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଆଜି ଷ୍ଟାର ଏୟାର ବିମାନ ସେବା ଆରମ୍ଭ ହୋଇଛି। ୭୬ ଜଣ ଯାତ୍ରୀଙ୍କୁ ଧରି ଷ୍ଟାର ଏୟାର୍‌ର ଏକ ବିମାନ ଝାରସୁଗୁଡ଼ାରୁ ଲକ୍ଷ୍ନୌ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ସେବା ଆସନ୍ତା ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ସେବାକୁ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ଘାଟନ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଏହି ଷ୍ଟାର ଏୟାର ବିମାନ ପ୍ରତି ସପ୍ତାହରେ ଲକ୍ଷ୍ନୌରୁ ଝାରସୁଗୁଡାକୁ ୨ ଥର ଉଡାଣ ଭରିବ। ଏହି ବିମାନ ଚଳାଚଳ ଦ୍ୱାରା ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ସହ ପଶ୍ଚିମ ଓଡ଼ିଶାବାସୀ ଉପକୃତ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସହ ଏୟାରପୋର୍ଟ ଅଧିକାରୀ ଓ ସାମାଜିକ କର୍ମୀ ବିମଳେନ୍ଦୁ ଭୋଳ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ ଏହାଦ୍ୱାରା ପଶ୍ଚିମ ଓଡ଼ିଶା ତଥା ଝାରସୁଗୁଡ଼ା ଜିଲାରୁ ହାଇଦ୍ରାବାଦ ଓ ଲକ୍ଷ୍ନୌ ଯାତାୟାତ ସହଜ ହୋଇପାରିବ।

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ଏସଆଇ




**ଯାଜପୁର, ୧।୨ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପୋଲିସ ବାବୁ। ମାମଲା ସମାଧାନ ପାଇଁ ଲାଞ୍ଚ ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳରେ। ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁକିନ୍ଦା ଥାନାର ଏସ ଆଇ ଅଭୟ ନାୟକ। ଏକ ପାରିବାରିକ ବିବାଦ ମାମଲାର ସମାଧାନ ପାଇଁ ୪ ହଜାର ଟଙ୍କା ଏସଆଇ ଅଭୟ ନାୟକ ଦାବି କରିଥିଲେ। ଅଭୟ ଶନିବାର କଳିଙ୍ଗନଗର ସ୍ଥିତ ଏକ ଘରୋଇ କାରଖାନା ସମ୍ମୁଖରେ ଡ୍ୟୁଟି କରୁଥିବା ସମୟରେ ପୂର୍ବରୁ ମାଗିଥିବା ଏହି ଲାଞ୍ଚ ଟଙ୍କା ନେଉଥିଲେ। ତେବେ ଟଙ୍କା ନେଇଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ କାବୁ କରିଥିଲା। ଧରିବା ପରେ ଅଭୟଙ୍କୁ ଯାଜପୁର ଟାଉନ ସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

● ରାଜଧାନୀରେ ହିଟ୍ ଆଣ୍ଡ ରନ୍

## ଅଜଣା ଗାଡ଼ି ଧକ୍କାରେ ଅବସରପ୍ରାପ୍ତ କର୍ଣ୍ଣେଲଙ୍କ ମୃତ୍ୟୁ



**ଭୁବନେଶ୍ୱର, ୧।୨ (ସଂଚାର ବ୍ୟୁରୋ):** ରାଜଧାନୀରେ ଆଜି ସକାଳେ ଏକ ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି। ମର୍ଣ୍ଣିଂ ୱାକ କରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅବସରପ୍ରାପ୍ତ କର୍ଣ୍ଣେଲଙ୍କ ଜୀବନ ଚାଲିଯାଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ଏଟିଏମ୍ ଛକ ନିକଟସ୍ଥ ଶନି ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି। ପ୍ରାଣ ହରାଇଥିବା ଅବସରପ୍ରାପ୍ତ କର୍ଣ୍ଣେଲ ଜଣଙ୍କ ୧୨୦ ବାଟାଲିୟନ୍‌ରେ କାର୍ଯ୍ୟ କରିଥିବା ୬୪ ବର୍ଷୀୟ ଡାକ୍ତର ରବୀନ୍ଦ୍ର କୁମାର ବେହେରା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସବୁଦିନ ପରି ଆଜି ମଧ୍ୟ ଡାକ୍ତର ବେହେରା ମର୍ଣ୍ଣିଂ ୱାକରେ ବାହାରିଥିଲେ। ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଫୁଲ ତୋଳିସାରିବା ପରେ ସେ ମର୍ଣ୍ଣିଂ ୱାର୍କରେ ଯାଉଥିଲେ। ତେବେ ନିଳାଦ୍ରୀ ବିହାରସ୍ଥିତ ଶନି ମନ୍ଦିର ନିକଟରେ ଅଚାନକ ତାଙ୍କୁ ଏକ ଅଜଣା ଗାଡ଼ି ପଛପଟୁ ଧକ୍କା ଦେଇ ସେଠାରୁ ଦ୍ରୁତ ଗତିରେ ପଳାଇଯାଇଥିଲା। ଫଳରେ ଡାକ୍ତର ବେହେରାଙ୍କ ପଛପଟ ମୁଣ୍ଡ ମାଡ଼ହୋଇ ଯଥେଷ୍ଟ ରକ୍ତସ୍ରାବ ହୋଇଥିଲା। ତେଣୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବା ବେଳେ ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଏନେଇ ଖବର ପାଇବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଏନେଇ ୫୨/୨୫ରେ ମାମଲା ରୁଜୁ କରିବା ସହ ବିଏନ୍‌ଏସ୍‌ର ୨୮୧ (ଦାୟିତ୍ୱହୀନ ଗାଡ଼ି ଚାଳନା), ୧୦୬ (ଅବହେଳାରୁ ମୃତ୍ୟୁ) ଦଫା ଲାଗିଛି। ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ୍ ତଦନ୍ତ କରୁଛି। ତେବେ ରିପୋର୍ଟ ମିଳିବା ପର୍ଯ୍ୟନ୍ତ ଫେରାର୍ ହୋଇଯାଇଥିବା ଗାଡ଼ି ସମ୍ପର୍କରେ ପୁଲିସ୍‌କୁ କୌଣସି ପ୍ରକାର ସୂଚନା ମିଳିପାରିନାହିଁ। ଏପରି ଏକ ଅଘଟଣ ନେଇ ନିଳାଦ୍ରୀ ବିହାର ବରିଷ୍ଠ ନାଗରିକ ଓ ସୋସାଇଟି ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ ପାଇଛି। ଏନେଇ ବ୍ରିଗେଡିୟର ଏଲସିଂ ପଟ୍ଟନାୟକ କହିଛନ୍ତି ଯେ ମୃତ ରବୀନ୍ଦ୍ର କୁମାର ବେହେରା ସବୁଦିନ ମର୍ଣ୍ଣିଂ ୱାକରେ ଯାଆନ୍ତି। ପ୍ରତିଦିନ ଭୋର ପ୍ରାୟ ସାଢ଼େ ୪ଟାରୁ ୫ଟା ମଧ୍ୟରେ ସେ ମର୍ଣ୍ଣିଂ ୱାକରେ ଯାଇଥାନ୍ତି। ସବୁଦିନ ଭଳି ଆଜି ବି ସେ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ସକାଳୁ ଘନ କୁହୁଡ଼ି ଥିଲା। ଏହା ସ୍ପଷ୍ଟ ଭାବେ ଏକ ହିଟ୍ ଆଣ୍ଡ ରନ୍ ମାମଲା। ସକାଳୁ ଏପରି ୩ଟି ଘଟଣା ଘଟିଥିବା ସାମ୍ନାକୁ ଆସିଛି। ଏଥିପାଇଁ ସରକାରଙ୍କୁ ଆମେ ପରାମର୍ଶ ଦେଉଛୁ। ସରକାର ଲୋକଙ୍କ ପାଇଁ ପାଦଚଲା ରାସ୍ତା ତିଆରି କରନ୍ତୁ। ସବୁ ସ୍ଥାନରେ ସିସିଟିଭି ଲଗାଇ ସରକାର ସେମାନଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ନେବା ଦରକାର। ନଚେତ ଆଗକୁ ଏମିତି ଆହୁରି ଅନେକ ଘଟଣା ଘଟିବାର ଆଶଙ୍କା ରହିଛି।

● ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା

## ଅନ୍ତେବାସୀ ସ୍ଥାନାନ୍ତର, ଡିଏସ୍‌ଏସ୍‌ଓଙ୍କୁ କାରଣ ଦର୍ଶାଅ ନୋଟିସ୍




**ସମ୍ବଲପୁର, ୧।୨ (ସଂଚାର ବ୍ୟୁରୋ):** ସମ୍ବଲପୁର ସହରରେ ଥିବା 'ସମର୍ଥ' ନାମକ ଏକ ମାନସିକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା ଓ ମାଡ଼ ମରାଯିବା ଘଟଣାରେ ଅଦ୍ୟାବଧି ୨ ଜଣଙ୍କୁ ଗିରଫ କରାଯିବା ସହ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରହିଛି । ଏହି ଅନୁଷ୍ଠାନ ବିରୋଧରେ କ୍ରମାଗତ ଭାବେ ଗୋଟିଏ ପରେ ଗୋଟିଏ କାର୍ଯ୍ୟାନୁଷ୍ଠାନ ସାମ୍ନାକୁ ଆସୁଛି। ତେବେ ଉକ୍ତ କେନ୍ଦ୍ରକୁ କଳା ତାଲିକାଭୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ସେଠାରେ ଥିବା ଅନ୍ତେବାସୀଙ୍କୁ ବଇଜାମୁଣ୍ଡାସ୍ଥିତ ସମନ୍ୱିତ ଥଇଥାନ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯାଇ ସେଠାରେ ଥଇଥାନ କରାଯାଇଛି। ଗତକାଲି ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ଉପଜିଲ୍ଲାପାଳଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ (ଡିଏସ୍‌ଏସଓ) ଥବୀର ମହାନନ୍ଦଙ୍କୁ ଘଟଣା ସମ୍ପର୍କରେ କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି ଯେ ଆଜି ଅନ୍ତେବାସୀଙ୍କୁ ବୈଜମୁଣ୍ଡାସ୍ଥିତ ସମନ୍ୱିତ ଥଇଥାନ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯାଇଛି। ତାହା ଏକ ସରକାରୀ ବିଲ୍ଡିଂ ହୋଇଥିବା ବେଳେ ସେଠାରେ 'ପିପୁଲ୍ସ ଫୋରମ' ନାମକ ଏକ ସଂସ୍ଥା ତତ୍ତ୍ୱାବଧାନରେ ଅନ୍ତେବାସୀମାନେ ରହିବେ। ସଂସ୍ଥାର ସବୁ ଜିଲ୍ଲାରେ କାମ ଚାଲିଛି ଓ ସେଠାରେ ଡାକ୍ତର ସହ ସବୁପ୍ରକାର ମାନବ ସମ୍ବଳ ରହିଛି। ସେମାନେ ଏହି ଅନ୍ତେବାସୀମାନଙ୍କର ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଯତ୍ନ ନେବେ। ସେହିପରି 'ସମର୍ଥ'କୁ କଳା ତାଲିକାଭୁକ୍ତ କରିବା ପାଇଁ ବିଭାଗକୁ ଚିଠି କରାଯାଇଛି। ଏଥିସହ ଏହି ଅଭାବନୀୟ ଘଟଣା ପାଇଁ ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଧନୁପାଲି ଥାନା ଅଧୀନରେ ଥିବା 'ସମର୍ଥ'ରେ ଅନ୍ତେବାସୀଙ୍କୁ ନିର୍ଯାତନା ଓ ମାରପିଟ୍ ଘଟଣା ସାରା ରାଜ୍ୟରେ ଉଦବେଗ ସୃଷ୍ଟି କରିଥିଲା। ଏଠାରେ ରହୁଥିବା ମାନସିକ ଭିନ୍ନକ୍ଷମଙ୍କୁ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ନିର୍ଯାତନା ଦେଉଥିବା, ଏପରିକି ନିର୍ଦ୍ଧୂମ ମାଡ଼ ମାରିବା ସମୟର ଭିଡିଓ ଭାଇରାଲ ହେବା ପରେ କଠୋର କାର୍ଯ୍ୟାନୁଷ୍ଠାନ ସକାଶେ ଦାବି ହୋଇଥିଲା। ପୁଲିସ ଉକ୍ତ କେନ୍ଦ୍ରରେ ଚଢ଼ାଉ କରିବା ସହ ସମ୍ପାଦକ ଓ ମହିଳା ସହାୟିକାଙ୍କୁ ଗିରଫ କରିସାରିଛି। ଉକ୍ତ ଅନୁଷ୍ଠାନର ପଞ୍ଜୀକରଣ ବାତିଲ କରି ଏହାକୁ କଳା ତାଲିକାଭୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରକ୍ରିୟା ବି ଆରମ୍ଭ ହୋଇଛି।

## ମାଘରେ ସିଝିବ ଉପକୂଳଠୁ ଆଭ୍ୟନ୍ତରୀଣ!

### କୁହୁଡ଼ି ପାଇଁ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

**ଭୁବନେଶ୍ୱର, ୧।୨ (ସଂଚାର ବ୍ୟୁରୋ):** ମାଘ ମାସ ସରିବାକୁ ଆହୁରି ପାଖାପାଖି ସପ୍ତାହେ ସମୟ ଥିଲେ ମଧ ଏବେଠାରୁ ଶୀତ ଏକରକମ ଗାଏବ୍ ହୋଇଗଲାଣି। ବରଂ ମାଘ ନ ସରୁଣୁ ଖରା ମାଡ଼ିଆସିଲାଣି। ରାତିରେ ଲୋକେ ଜ୍ୟାକେଟ୍ ଖୋଜିବା ପରିବର୍ତ୍ତେ ଦିନରେ ଖରା ଖୋଜିବା ଆରମ୍ଭ କଲେଣି। କାରଣ ଏବେଠାରୁ ଯେପରି ଖରାର ପ୍ରକୋପ ବଢ଼ିଲାଣି, ତେଣୁ ମାଘରେ ବରଂ ବାଘ ପରି ଖରା ମାଡ଼ି ଆସିଲାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମଧ ନିୟମିତ ଭାବେ ତାତି ବଢ଼ିବା ନେଇ ପୂର୍ବାନୁମାନ କରାଯାଉଛି। ଏହି କ୍ରମରେ ଆଜି ମଧ ସମାନ ଧରଣର ପୂର୍ବାନୁମାନ ଜାରି କରାଯାଇଛି। ଏହି ଅନୁସାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି କୁହାଯାଇଛି। ଫଳରେ ଏବେ ରାଜ୍ୟରେ ତାତି ସହ ଅସ୍ୱାଭାବିକ ଗରମ ଅନୁଭୂତ ହେଉଥିବା ବେଳେ ଅତି କମ୍‌ରେ ଆଉ ସପ୍ତାହେ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ସ୍ତର ବଢ଼ିବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବୃଦ୍ଧି ପାଇବ। କେତେକ ସ୍ଥାନରେ ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକ ତୁଳନାରେ ଅଧିକ ବଢ଼ିବ। ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା ଆଦି ଜିଲ୍ଲାରେ ମେଘମୁକ୍ତ ଆକାଶ ରହିବା ସହ ୩୦ରୁ ୩୪ ଡିଗ୍ରୀ ମଧ୍ୟରେ ତାପମାତ୍ରା ଅନୁଭୂତ ହେବ। ଆହୁରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ରହିବ। ତା'ଛଡ଼ା ତାତି ବୃଦ୍ଧି ସହ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଘନ କୁହୁଡି ମଧ୍ୟ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସକାଶେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ୧୬ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି, ଯେଉଁଥିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର, ପୁରୀ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ଗଜପତି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲା ଆଦି ରହିଛି। ଏହାଛଡ଼ା ଆସନ୍ତାକାଲି ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, କଟକ ଓ ଜଗତସିଂହପୁରରେ ଘନ କୁହୁଡି ନେଇ ଆଶଙ୍କା ପ୍ରକାଶ କରାଯିବା ସହ ଜନସାଧାରଣ ସତର୍କ ରହିବାକୁ ୟେଲୋ ଆଲର୍ଟ ମାଧ୍ୟମରେ ସତର୍କ କରାଇଦିଆଯାଇଛି। ଏହିସବୁ ଜିଲ୍ଲାରେ ୫୦ ମିଟର ତଳକୁ ଖସିବ ଦୃଶ୍ୟମାନ ଦୂରତା। କେତେକ ସ୍ଥାନରେ ଜିରୋ ଭିଜିବିଲିଟି ନେଇ ମଧ୍ୟ ସତର୍କ ସୂଚନା ଦିଆଯାଇଛି। ଘାଟି ରାସ୍ତା ଓ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଚାଳକମାନେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବଙ୍ଗୋପସାଗରରେ ଗୁରୁଚାପ ବଳୟ ପାଇଁ ଏପରି ସ୍ଥିତି ରହୁଥିବା କୁହାଯାଇଛି। ଗତ ୨୦୧୯ ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ କ୍ରମାଗତ ୧୦ ଦିନ ଧରି କୁହୁଡି ଅନୁଭୂତ ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଚକମା ଦେଇ ଖସିଯାଉଥିଲା ୧୮ ଟନ୍ ଜିନିଷ, ଭୁବନେଶ୍ୱରରୁ ପିଛାକରି ଧରିଲା ସିଟି ଜିଏସ୍‌ଟି ସ୍କ୍ୱାଡ୍



**ଭୁବନେଶ୍ୱର, ୧।୨ (ସଂଚାର ବ୍ୟୁରୋ):** ଗୋଟିଏ ପଟେ ବଜେଟ ଉପରେ ସଭିଙ୍କ ଥିଲା ନଜର। ଅନ୍ୟପଟେ ଟ୍ୟାକ୍ସ ଫାଙ୍କି ସପ୍ଲାଏ ପାଇଁ ଚାଲିଥିଲା ଚକ୍ରାନ୍ତ। ବିନା ଇ ଓ୍ୱେ ବିଲ୍ ଓ ଟ୍ୟାକ୍ସ ନ ଭରି ୧୮ ଟନର ଜିନିଷ ନେଇ ରାଜ୍ୟ ପାର ପାଇଁ ଯୋଜନା କରିଥିଲେ ତସ୍କର। ୧୮ ଟନ ଜିନିଷର ପିଛା କରି ଶେଷରେ ଖଇନି ଚୋରା ଚାଲାଣ କାରବାରର ପର୍ଦ୍ଦାଫାଶ କରିଛି ଭୁବନେଶ୍ୱର ସିଟି ଜିଏସଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ। ଭୁବନେଶ୍ୱର ହାଇଟେକ୍ ଛକରୁ ହାଇଟେକ୍ନିକ ଉପାୟରେ ଏକ ଆନ୍ଧ୍ର ଟ୍ରକ ଧରିଛନ୍ତି ଭୁବନେଶ୍ୱର ସିଟି ଜିଏସଟି ଅଧିକାରୀ। AP 07 TE 8989 ଗାଡି ନମ୍ବର ଟ୍ରକରେ ୧୮ ଟନ ଖଇନି ଚାଲାଣ ହେଉଥିବା ବେଳେ ବିନା କାଗଜପତ୍ରରେ ଓଡ଼ିଶା ଦେଇ ଅତିକ୍ରମ କରିବାକୁ ଚେଷ୍ଟା ବେଳେ ପିଛା କରି ଧରିଛନ୍ତି ଅଧିକାରୀ । ଜବତ ଖଇନିର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ।ସିଟି ଜିଏସଟି ଡେପୁଟି କମିସନର ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇ କହିଛନ୍ତି "ଏନେଇ ତଦନ୍ତ ଚାଲିଛି। ଯାହା ଗୋଟିଏ ମାନୁଆଲ ଡକ୍ୟୁମେଣ୍ଟ ଅଛି ୧୮ ଟନର ଜିନିଷ ରହିଛି। ଡକ୍ୟୁମେଣ୍ଟ କିଛି ନାହିଁ ଜିଏସଟିର କିଛି ସୂଚନା ନାହିଁ । ଟ୍ୟାକ୍ସ ନ ଦେଇ ଏଭଳି ଫାଙ୍କି ଆନ୍ଧ୍ରରୁ ପାଟନା ଚାଲାଣ କରୁଥାବା ଜଣାପଡିଛି। ତାର ପୁରୁଣା ରେକର୍ଡ ଜଣାପଡୁଛି ଗୁଣ୍ଟୁର ଏକ ଇ ଓ୍ୱେ ବିଲ ଦେଖାଇ ଓଡ଼ିଶା ଭିତରେ ପ୍ରବେଶ କରିଛି। ତେଣୁ ବେଆଇନ ଚାଲାଣ ନେଇ ତଦନ୍ତ ଚାଲିଛି। ତେବେ କିଛି ଗୁରୁତ୍ୱପୂର୍ଣ୍ଣ ମାଲବାହୀ ଗାଡି ଯୋଗେ ଆସୁଥିବାର ଖବର ପାଇଥିଲା ସିଟି ଜିଏସଟି ସ୍କ୍ୱାର୍ଡ। ଏନେଇ ଖୋର୍ଦ୍ଧା ପିତାପଲ୍ଲୀରୁ ଟ୍ରକକୁ ଟ୍ରାକ କରି ପିଛା କରିଥିଲେ ସିଟି ଜିଏସଟିର ଅଫିସର। ଜିଏସଟି ଇ ଓ୍ୱେ ବିଲ ଅନଲାଇନରେ ମଧ ଯାଞ୍ଚ ବେଳେ ସେଭଳି କିଛି ତଥ୍ୟ ମିଳିନଥିଲା। ତେଣୁ ସେହି ଟ୍ରକ ନମ୍ବର ଆଧାରରେ କଣ ଚାଲାଣ ହେଉଛି ଜାଣିବା ପାଇଁ ପୋଲିସ ପିଛା କରିଥିଲା । ଆନ୍ଧ୍ରରୁ ଓଡ଼ିଶା ଦେଇ ବିହାରର ପାଟନା ଚାଲାଣ ପାଇଁ ଯିବା ବେଳେ ଟ୍ରକଟିକୁ ଅଟକାଇଥିଲା ପୋଲିସ।"କିଛି ଗୁରୁତ୍ୱପୂର୍ଣ୍ଣ ମାଲ୍ ପରିବହନ ହେଉଥିବା ସଂଦେହ କରି ତସ୍କର ମାନଙ୍କ ପିଛା କରିଥିଲା ପୋଲିସ । ପିତାପଲ୍ଲୀ ଗେଟରେ ଗାଡି ଅତିକ୍ରମ କରିବା ପରେ ଗାଡିଟି ଭୁବନେଶ୍ୱର ଦେଇ ସହର ଭିତରକୁ ପ୍ରବେଶ କରିଥିଲା। ସତସଙ୍ଗ ବିହାର ଦେଇ ଗାଡିକୁ ଧରିବା ପାଇଁ ଜିଏସଟି ଅଧିକାରୀ ଚେଷ୍ଟା କରିଥିଲେ। ହେଲେ ଫେଲ୍ ମାରିଥିଲା । ଟ୍ରକଟି ରସୁଲଗଡ଼ ଓଭରବ୍ରିଜ ତଳେ ଦେଇ ଖସିଯିବା ପାଇଁ ଚେଷ୍ଟା କରିଥିବାବେଳେ ଆଗରୁ ଛକି ରହିଥିବା ହାଇଟେକ୍ ଛକ ପାଖରେ ଏକ ଟିମ୍ ମଧ ଗାଡ଼ିର ସାମ୍ନାପଟୁ ପିଛା କରିଥିଲେ । ଶେଷରେ ଟ୍ରକକୁ କାବୁ ପରେ ଗାଡ଼ିର କାଗଜପତ୍ର ଯାଞ୍ଚ ବେଳେ କୌଣସି କାଗଜପତ୍ର ସେ ଦେଇ ପାରିନଥିଲେ।

## ଆଜିଠୁ ଅନ୍‌ଲାଇନ୍ ଟିକେଟ୍ ବିକ୍ରି

**କଟକ, ୧।୨ (ସଂଚାର ବ୍ୟୁରୋ):** ଆସନ୍ତା ୯ରେ ବାରବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ପାଇଁ ଆସନ୍ତାକାଲିଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହେବ। ଅପରାହ୍ନ ୪ରୁ ଉପଲବ୍ଧ ହେବ ଅନଲାଇନ୍ ଟିକେଟ। ଅନଲାଇନ୍ ମୋଡରେ ବିକ୍ରି ହେବ ମୋଟ ୪ ହଜାର ଟିକେଟ।

## ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ନେଇ ସ୍ପଷ୍ଟୀକରଣ

- ରେରା ପୂର୍ବରୁ ନିର୍ମିତ ଘରକୁ କିଣା ବିକା ଅନୁମତି
- ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଆପିଲେଟ କର୍ତ୍ତୃପକ୍ଷ ଘୋଷଣା



**ଭୁବନେଶ୍ୱର, ୧।୨ (ସଂଚାର ବ୍ୟୁରୋ):** ଓଡ଼ିଶା ଆପାର୍ଟମେଂଟ ମାଲିକାନା ଓ ପରିଚାଳନା ଅଧିନିୟମ ସଂପର୍କରେ ସ୍ପଷ୍ଟିକରଣ । ଏଣିକି ରେରା ପୂର୍ବରୁ ଆପାର୍ଟମେଂଟ ଘରକୁ କିଣା ବିକା ଅନୁମତି । ଏ ନେଇ ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଆଜି ଗଣମାଧମକୁ ସୂଚନା ଦେଇ ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି ଯେ ୨୦୧୭ ମସିହା ଫେବୃୟାରୀ ମାସ ୨୫ ତାରିଖ ପୂର୍ବରୁ ଯେଉଁ ସବୁ ଆପାର୍ଟମେଂଟ ନିର୍ମାଣ ହୋଇଛି ସେହି ସବୁ ଆପାର୍ଟମେଂଟ ଗୁଡିକ ବର୍ତ୍ତମାନ କ୍ରୟ ବିକ୍ରୟ ପାଇଁ କୌଣସି ପ୍ରତି ବନ୍ଧକ ନାହିଁ। ଗତ ୨୦୨୩ ମସିହା ଜୁନ ମାସରୁ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ଆପାର୍ଟମେଂଟ ମାଲିକାନା ଓ ପରିଚାଳନା ଅଧିନିୟମ ସଂପର୍କରେ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ଏ ନେଇ ବିଭାଗ ତରଫରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଯାଇ ସମସ୍ତ ପଞ୍ଜିକରଣ ଅଧିକରୀ (ରେଜିଷ୍ଟ୍ରାର) ମାନଙ୍କୁ ଜଣାଇଦେବାକୁ କୁହାଯାଇଛି । ଏ ନେଇ ଗୃହ ଓ ନଗରଉନ୍ନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ଦ୍ୱାରା ଦାଖଲ ଅପିଲ ଗୁଡିକୁ ଯଥାଶୀଘ୍ର ଫଏସଲା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି । ସେ କହିଛନ୍ତି ଯେ ବିଡିଏ ଏବଂ ବିଏମ୍‌ସି ଓଡ଼ିଶା ଡେଭଲେପମେଂଟ ଅଥରିଟି ୧୯୮୨ ଲାଗୁ ଓ କାର୍ଯ୍ୟକାରିତା ନିମନ୍ତେ ବିଭିନ୍ନ ସମୟରେ ଜାରି କରିଥିବା ଆଦେଶନାମା ବିରୁଦ୍ଧରେ ଜନସାଧାରଣ ଦାଏର କରିଥିବା ଅପିଲ ଗୁଡିକ ଦୀର୍ଘଦିନ ଧରି ପଡିରହି ଥିବାରୁ ଅସନ୍ତୋଷ ଦେଖା ଦେଇଛି । ସେହି ସବୁ ଅପିଲ ଗୁଡିକୁ ଯୁଦ୍ଧକାଳୀନଭିତିରେ ଯଥାଶୀଘ୍ର ଫଏସଲା କରିବାକୁ ନିଷ୍ପତି ଗ୍ରହଣ କରାଯାଇ ବିଭାଗର ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଅପିଲେଟ କର୍ତ୍ତୃପକ୍ଷ ଭାବେ ଘୋଷଣା କରାଯାଇଛି । ପ୍ରାୟ ୭୦୦ ରୁ ଅଧିକ ଅପିଲ ପଡି ରହିଛି । ସେ ଗୁଡିକୁ ଯଥାଶୀଘ୍ର ଫଏସଲା କରିବା ନିମନ୍ତେ ସେମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ଡାଃ ମହାପାତ୍ର ସୂଚନା ଦେଇଛନ୍ତି ।

## ୨ ମାସରେ ଗଲାଣି ୯ କୃଷ୍ଣସାର ମୃଗଙ୍କ ଜୀବନ



**ପୁରୀ, ୧।୨ (ସଂଚାର ବ୍ୟୁରୋ):** ପୁରୀଠୁ କୋଣାର୍କ ପର୍ଯ୍ୟନ୍ତ ଲମ୍ବିଛି ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ। ବଙ୍ଗୋପସାଗର କୂଳରେ ପ୍ରାୟ ୮୭ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ରହିଛି ଏହି ଅଭୟାରଣ୍ୟ । ଜଙ୍ଗଲରେ ଶୋଭାବର୍ଦ୍ଧନ କରୁଛି ଝାଉଁ ବଣ, କାଜୁ ଏବଂ ଆକାଶିଆ ଗଛ । ପ୍ରାକୃତିକ ପରିବେଶରେ ଶୋଭାବର୍ଦ୍ଧନ କରୁଥିବା ଅଭୟାରଣ୍ୟଟି ବଣ୍ୟପ୍ରାଣୀଙ୍କ ପାଇଁ ଅନ୍ୟତମ ସୁରକ୍ଷିତ ଆଶ୍ରୟସ୍ଥଳୀ। ଅଭୟାରଣ୍ୟରେ ମୁଖ୍ୟତଃ ଦେଖାଯାଆନ୍ତି ଚିତ୍ରା ହରିଣ। ଏହାସହ ବଣ ଭୁଆ, ଗଧିଆ, ବିଲୁଆ, ନେଉଳ ଏବଂ ଓଧ ମଧ ରୁହନ୍ତି। ବର୍ତ୍ତମାନ ଏଠାରେ ବିରଳ 'କୃଷ୍ଣସାର ମୃଗ' ରଖାଯାଇଛି । ବନ ବିଭାଗ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଯୋଜନା କରୁଥିବା ବେଳେ, କୃଷ୍ଣସାର ମୃଗଙ୍କ ମୃତ୍ୟୁ ଚିନ୍ତା ବଢ଼ାଇ ଦେଇଛି। ବିରଳ କୃଷ୍ଣସାର ମୃଗ ବଂଶବୃଦ୍ଧି ପାଇଁ ପୁରୀ ବନ ବିଭାଗ ପକ୍ଷରୁ କୋଣାର୍କ ବନଖଣ୍ଡ ଅଭୟାରଣ୍ୟରେ ୨ଟି ଏନକ୍ଲୋଜର ନିର୍ମାଣ କରାଯାଇଛି । ବିଭିନ୍ନ ସ୍ଥାନରୁ ଆସିଥିବା ୨୮ଟି କୃଷ୍ଣସାର ମୃଗଙ୍କୁ ଏହି ଏନକ୍ଲୋଜରରେ କିଛିଦିନ ରଖାଯିବା ପରେ ବଂଶବୃଦ୍ଧି ପାଇଁ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ଛଡା ଯାଇଥିଲା। ସେମାନଙ୍କ ମଧ୍ୟରେ ୪ଟି ଛୁଆ ଜନ୍ମ ନେଇଥିଲେ । ଗତ ନଭେମ୍ବର ଓ ଡ଼ିସେମ୍ବର ମାସରେ ପର୍ଯ୍ୟାୟକ୍ରମରେ ୭ଟି ବଡ଼ ଓ ୨ଟି ଶାବକଙ୍କ ମୃତ୍ୟୁ ହୋଇଛି । କୋଣାର୍କ ପଶୁ ଡାକ୍ତର ଶୁଭସ୍ମିତା ଗଡ଼ନାୟକ ମୃତ କୃଷ୍ଣସାର ମୃଗଙ୍କ ବ୍ୟବଚ୍ଛେଦ କରିଛନ୍ତି । ପରେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ, ଭୁବନେଶ୍ୱର ଓୟୁଏଟିକୁ ( Odisha University of Agriculture & Technology, Bhubaneswar) ବ୍ୟବଚ୍ଛେଦ ରିପୋର୍ଟ ପଠାଯାଇଛି । ଏହାସହ ମୃତଦେହର ବିଭିନ୍ନ ଅଂଶର ନମୁନା ମଧ ପଠାଯାଇଛି। ଓୟୁଏଟିରୁ ବୃତ୍ତାନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ।ବନ ବିଭାଗ ପକ୍ଷରୁ ଗତ ୨୦୨୪ ଜୁନ ୧୮ତାରିଖରେ କୃଷ୍ଣସାର ମୃଗଙ୍କ ବଂଶବୃଦ୍ଧି ପାଇଁ ପରୀକ୍ଷା ମୂଳକ ଭାବେ ପ୍ରଥମ ପର୍ଯ୍ୟାୟରେ କୋଣାର୍କ ବାଲୁଖଣ୍ଡ ବନାଞ୍ଚଳକୁ ନନ୍ଦନକାନନରୁ ୬ଟି ମାଈ ଓ ୪ଟି ଅଣ୍ଡିରା ସମେତ ୧୦ଟି ବିରଳ କୃଷ୍ଣସାର ମୃଗ ଅଣାଯାଇଥିଲା। କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜଙ୍ଗଲରେ ୩ କିଲୋମିଟର ଊର୍ଦ୍ଧ୍ୱ କୁରୁଜଙ୍ଗ ପଞ୍ଚାୟତ ଅଧୀନ ଖଣ୍ଡିଆ ନଈ ନିକଟ ଅଭୟାରଣ୍ୟରେ ଥିବା ୧୦ ଏକର ପରିମିତ ଜାଗାରେ ନିର୍ମିତ ପ୍ରଥମ ସ୍ୱତନ୍ତ୍ର ଏନକ୍ଲୋଜରରେ ରଖାଯାଇଥିଲା । କିଛି ଦିନ ସେଠାରେ ରଖାଯାଇ କୋଣାର୍କ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ବିଚରଣ ପାଇଁ ଛଡ଼ା ଯାଇଥିଲା ।

## ନଡ଼ିଆ ଗଛରୁ ପଡ଼ି ଛାତ୍ର ମୃତ, ବିଡିଇଓଙ୍କ ତଦନ୍ତ

**ପଟ୍ଟାଙ୍ଗି, ୧।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ତଳଗୋଲୁର ପଞ୍ଚାୟତ ସଦର ମହକୁମାସ୍ଥିତ ୟୁଜିଏଚ୍‌ଏସ୍ ବିଦ୍ୟାଳୟର ଜଣେ ଛାତ୍ର ନଡ଼ିଆ ଗଛରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ବିଦ୍ୟାଳୟର ହଷ୍ଟେଲରେ ରହି ସିଙ୍ଗାରଗୁଡି ଗ୍ରାମର ପେଟେଲି ସୁବାରାଓଙ୍କ ପୁଅ ପେଟେଲି କିରଣ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଶନିବାର ସକାଳେ ସାଙ୍ଗମାନଙ୍କ ସହ ମିଶି ବିଦ୍ୟାଳୟଠାରୁ କିଛି ଦୂରରେ ଥିବା ଏକ ନଡ଼ିଆ ଗଛରେ ଚଢି ଡାଳ କାଟୁଥିବା ବେଳେ କିରଣ ତଳେ ପଡ଼ି ଗୁରୁତର ହୋଇଥିଲେ। ଏନେଇ ସାଙ୍ଗମାନେ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକମାନଙ୍କୁ ଜଣାଇଥିଲେ। ପରେ ତାଙ୍କୁ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେବ ମାରୁତି ସୁଜୁକିର ପ୍ରଥମ ଇଲେକ୍ଟ୍ରିକ୍ କାର୍




**ନୂଆଦିଲ୍ଲୀ, ୧।୨:** ଜାପାନ୍ ଅଟୋମେକର୍ସ ମାରୁତି ସୁଜୁକି ର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଭାରତୀୟ ବଜାରରେ ଏଣ୍ଟ୍ରି କରିବାକୁ ପ୍ରସ୍ତୁତ ହେଉଛି। ଏହି ଇଲେକ୍ଟ୍ରିକ୍ କାର୍ ଚଳିତ ବର୍ଷ ଅର୍ଥାତ୍ ୨୦୨୫ର ମେ ମାସ ଶେଷ ସୁଦ୍ଧା ଲଞ୍ଚ କରାଯାଇପାରିବ। ମାରୁତି ର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଇ-ଭିଟରା ମଧ ଭାରତରେ ଅଟୋ ଏକ୍ସପୋ ୨୦୨୫ ରେ ଉପସ୍ଥାପନ କରାଯାଇଛି। ଏହି ଇଭେଣ୍ଟ ଜାନୁଆରୀ ୧୭ରୁ ୨୧ ମଧ୍ୟରେ ନୂଆ ଦିଲ୍ଲୀରେ ହୋଇଥିଲା। ମାରୁତି ଇ-ଭିଟରା, ହାର୍ଟେକ୍ଟ-ଇ ପ୍ଲାଟଫର୍ମରେ ବେସ୍ଡ କାର୍ ହୋଇଛି। ଏହି କାରର ଫ୍ରଣ୍ଟରେ ଭିନ୍ନ ପ୍ରକାରର ଏଲଇଡି ଡିଆରଏଲର ବ୍ୟବହାର କରାଯାଇଛି। ଏହି କାରରେ ଲାଗିଥିବା ବ୍ଲକଡ୍ ଅଫ୍ ଗ୍ରୀଲ୍ ସହିତ ମାରୁତି ର ବଡ଼ ଲୋଗୋ ଲଗାଯାଇଛି। ମାରୁତି ଇ-ଭିଟରା ଦୁଇଟି ବ୍ୟାଟେରୀ ପ୍ୟାକ୍ ସହିତ ଆସିବାକୁ ଯାଉଛି। ଏହି କାରରେ ଏକ ୪ କେଡବ୍ଲ୍ୟୁଏଚ ଏବଂ ଅନ୍ୟଟି ୬୧ କେଡବ୍ଲ୍ୟୁଏଚର ବ୍ୟାଟେରୀ ପ୍ୟାକ୍ ମିଳିବ। ମାରୁତି ର ଏହି ଇଭି ବଡ଼ ବ୍ୟାଟେରୀ ପ୍ୟାକ୍ ସହିତ ୫୦୦ କିଲୋମିଟରର ରେଞ୍ଜ ଦେବାକୁ ଦାବି କରିଥାଏ।

ଇ-ଭିଟରା ର ୪୯ କେଡବ୍ଲ୍ୟୁଏଚର ବ୍ୟାଟେରୀ ପ୍ୟାକ୍ ୧୪୧ ବିଏଚପିର ପାୱାର ଦେଇଥାଏ। ଇଲେକ୍ଟ୍ରିକ୍ କାରରେ ଦୁଇଟି ଭ୍ୟାରିଆଣ୍ଟ ପ୍ୟାକ୍ ସହିତ ସିଙ୍ଗଲ ମୋଟରର ଅପ୍ସନ ମଧ ମିଳିଥାଏ। ମାରୁତି ଇ-ଭିଟରା କୁ ଏକ୍ସଟେରିୟରରେ ୧୦ କଲର ଅପ୍ସନ ମିଳିଥାଏ। ଏହା ସହିତ ଇଣ୍ଟେରିୟରରେ ଚାର୍ ଡୁଆଲ ଟୋନ୍ ଅପ୍ସନ ସହିତ ଆସିଥାଏ। ଏହି ଇଲେକ୍ଟ୍ରିକ୍ କାରରେ ଡେଲ୍ଟା, ଜେଟା ଏବଂ ଆଲଫା ପରି ତିନୋଟି ଟ୍ରିମ୍ ଦିଆଯାଇଛି। ଇ-ଭିଟରା ର ଫିଚର୍ସ ବିଷୟରେ କହିବାକୁ ଗଲେ କାର୍ ଦମଦାର୍ ଫିଚର୍ସ ସହିତ ଆସିବ। ଏହି ଗାଡିରେ ଏମ୍ବିଏଣ୍ଟ ଲାଇଟିଂ, ଏହାର ଷ୍ଟାଣ୍ଡାର୍ଡ ମଡେଲରେ ୭-ଏୟାରବକ୍ସ ପରି ଫିଚର୍ସ ଦିଆଯାଇଛି। ମାରୁତିର ଏହି ଇଭିରେ ଏଡିଏଏସ ଲେଭଲ ୨ର ଫିଚର ମଧ ଦିଆଯାଇଛି। ଏହାର ଅର୍ଥ ହେଉଛି ଏହି ଇଲେକ୍ଟ୍ରିକ୍ କାରରେ ଲୋକମାନେ ଆଡପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ଲୋନ ଆସିଷ୍ଟ, ଆଡପ୍ଟିଭ୍ ହାଇ ବିମ୍ ସିଷ୍ଟମ ଏବଂ ବ୍ଲାଇଣ୍ଡ ସ୍ପୋର୍ଟ ମନିଟରିଙ୍ଗର ଫିଚର ମଧ ସାମିଲ ଅଛି।



## ଆଜିର ସୁନା ଦର

ଆଜି ଉପସ୍ଥାପନ ହେଉଛି କେନ୍ଦ୍ର ବଜେଟ୍। ଏହାରି ଭିତରେ ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୭ ହଜାର ୪୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୪ ହଜାର ୪୯୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୭, ୪୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୪ ,୪୯୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୭,୪୫୦ ଟଙ୍କା ଓ ୮୪,୪୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୭, ୬୦୦ ଟଙ୍କା ଓ ୮୪, ୬୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୭,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୪, ୯୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୭,୪୫୦ ଟଙ୍କା ଓ ୮୪,୪୯୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର

# ଶେୟାର ବଜାର କାରବାରରେ ଉତ୍ସାହ




ମୁମ୍ବାଇ,୧।୨: କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୭୪୧(୭୪୦.୭୬) ପଏଣ୍ଟ ବଢି ୭୭,୫୦୧ (୭୭,୫୦୦.୫୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୯ (୨୫୮.୯୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୦୮(୨୩,୫୦୮.୪୦) ଅଙ୍କରେ କାରବାର ଶେଷ କରିଥିଲା।

# ବଜାରରେ ସିମ୍ଫୋନିର ନୂତନ ଉତ୍ପାଦ

**ଭୁବନେଶ୍ୱର,୧।୨:** ସିମ୍ଫୋନି ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ୱାଟର ହିଟର ରେଞ୍ଜ 'ସିମ୍ଫୋନି ସ୍ପା,ସଉନା ଏବଂ ସୋଲ୍'ର ଶୁଭାରମ୍ଭ କରାଯାଇଛି। ଏପରି କି ପାଣି ଗରମ କରିବା ବ୍ୟବସ୍ଥାକୁ କମ୍ପାନୀ ପ୍ରବେଶ କରିଛି। କମ୍ପାନୀ ୯-ଲେୟର ବିଶିଷ୍ଟ ପ୍ୟୁରୋପଡ୍ ପ୍ରଯୁକ୍ତି ସହିତ ୱାଟର ହିଟର ବର୍ଗ ପ୍ରଚଳନ କରିଛି, ଯାହା କେଶ ଝଡ଼ିବାର ଅନ୍ୟତମ କାରଣ ହୋଇଥିବା କ୍ଷାରୀୟ ଜଳକୁ ମୃଦୁ ଜଳରେ ରୂପାନ୍ତରିତ କରୁଛି, କ୍ଷତିକାରକ ରସାୟନ ଓ ଅନ୍ୟାନ୍ୟ ଦ୍ରବ୍ୟକୁ ମଧ୍ୟ ଛାଣିଦେଉଛି। ସେହିଭଳି ଏହି ୩ଟି ମଡେଲ ଯଥାକ୍ରମେ ୧୦ ଲିଟର, ୧୫ଲିଟର ଏବଂ ୨୫ଲିଟର କ୍ଷମତାରେ ଆସୁଛି। ଏଥିସହ କମ୍ପାନୀ ସ୍ପା ବର୍ଗରେ ମଧ୍ୟ ସ୍ମାର୍ଟବାଥ୍ ପ୍ରଯୁକ୍ତି ପ୍ରଚଳନ କରିଛି। ଏହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପରିଚାଳିତ ହେଉଛି। ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଚେୟାରମ୍ୟାନ ତଥା ଏମ୍‌ଡି ଅଚଲ ବକେରି କହିଥିଲେ, ଆମେ ଆମର 'ଆସନ୍ତାକାଲି ସମ୍ପର୍କରେ ଚିନ୍ତନ କରିବା' ଦର୍ଶନ ଦ୍ୱାରା ପରିଚାଳିତ ହେଉଛି। ଏପରିକି ଆମେ ଆସନ୍ତାକାଲି ଓ ଆଜି ସମ୍ପର୍କରେ ମଧ୍ୟ ବିଚାର କରିଥାଉ ଏବଂ କେଶ ଓ ତ୍ୱଚା ଉପରେ କ୍ଷାରୀୟ ଜଳର ପ୍ରଭାବ ଓ ତାହା ସହିତ ଉଚ୍ଚତାରେ ଖଞ୍ଜାଯାଇଥିବା ଗିଜର ପରିଚାଳନା କରିବାରେ ଅସୁବିଧା ସମ୍ପର୍କରେ ମଧ୍ୟ ଗ୍ରାହକଙ୍କ ଅନ୍ତର୍ଦୃଷ୍ଟିକୁ ଏକତ୍ରିତକରି ଏହି ଅନନ୍ୟ ଗିଜର ବିକଶିତ କରିଛୁ। ଜଳର କ୍ଷାରୀୟ ଅଂଶ ହ୍ରାସ କରିବା ପାଇଁ ଉନ୍ନତ ଫିଲଟ୍ରେସନ ଏବଂ ଏକ ଏଆଇ ସମର୍ଥିତ ସ୍ପ୍ଲାଶ୍-ପ୍ରୁଫ ଓ୍ୟାରଲେସ କଣ୍ଟ୍ରୋଲର ସହ ଆମ ଗିଜରଗୁଡ଼ିକ ସହଜ ପରିଚାଳନାକୁ ସୁନିଶ୍ଚିତ କରୁଛି। ସେହିଭଳି ସିମ୍ଫୋନି ଲିମିଟେଡର ଗ୍ରୁପ୍ ସିଇଓ ଅମିତ କୁମାର କହିଥିଲେ, ଭାରତର ବର୍ଦ୍ଧିତ ମଧ୍ୟମ ବର୍ଗ ଆଧୁନିକ ବିଳାସ ଚାହୁଁଛନ୍ତି ଏବଂ ଆମେ ସିମ୍ଫୋନି ସ୍ପା ଗିଜରକୁ ବଜାର ପ୍ରବେଶ କରାଇବା ନେଇ ବେଶ୍ ଉଲ୍ଲସିତ ଅଛୁ।






## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

### ବଜେଟ୍‌ରେ ୧୨୦ ସ୍ଥାନ ପାଇଁ ଉଡ଼ାନ ଯୋଜନାର ଘୋଷଣା

## ବିହାରରେ ନିର୍ମାଣ ହେବ ୩ଟି ନୂଆ ଗ୍ରୀନ ଫିଲ୍ଡ ଏୟାରପୋର୍ଟ



**ନୂଆଦିଲ୍ଲୀ, ୧।୨:** ସଂସଦରେ କେନ୍ଦ୍ରୀୟ ବଜେଟ୍ ୨୦୨୫-୨୬ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଲଗାତାର ଅଷ୍ଟମ ଥର ପାଇଁ ବଜେଟ୍ ଆଗତ କରିଛନ୍ତି ଅର୍ଥମନ୍ତ୍ରୀ। ତେବେ ଗତ ୪ ବଜେଟ୍ ଓ ଅନ୍ତରୀଣ ଭଳି ଏହି ବଜେଟ୍ ମଧ୍ୟ ପେପରଲେସ୍ ରହିଛି। ଚଳିତ ବଜେଟରେ ଉଡ଼ାନ ଯୋଜନାର ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏହି ସ୍କିମରେ ୪ କୋଟି ନୂଆ ଯାତ୍ରୀଙ୍କୁ ଯୋଡ଼ିବାରେ ଲକ୍ଷ୍ୟ ରଖିଛନ୍ତି ସରକାର। ଏହା ସହିତ ବିହାରର ୩ ନୂଆ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ଖୋଲାଯିବ। ଯାହା ପାଟଣା ବିମାନ ବନ୍ଦରର କ୍ଷମତାରୁ ବିସ୍ତାର କରିବ। ସେହିପରି ପାହାଡ଼ିଆ ଅଞ୍ଚଳରେ ଛୋଟ ଛୋଟ ଏୟାରପୋର୍ଟ ଓ ହେଲିପ୍ୟାଡ଼ ମଧ୍ୟ କରାଯିବ।

ଉଡ଼ାଣ ସ୍କିମ ପାଇଁ ଆସନ୍ତା ୧୦ ବର୍ଷ ରେ ୧୨୦ ଟି ଏୟାରପୋର୍ଟ ବନାଯିବା ନେଇ ଘୋଷଣା। ଏହି ଯୋଜନା ପାହାଡିଆ ଓ ଉତ୍ତର-ପୂର୍ବ ଅଞ୍ଚଳର ଜିଲ୍ଲାଗୁଡ଼ିକରେ ହେଲିପ୍ୟାଡ ଓ ଛୋଟ ଏୟାରପୋର୍ଟ ମଧ୍ୟ କରାଯିବ। ସାଧାରଣ ଜନତା ଓ ଛୋଟ ସହରଗୁଡିକୁ ବିମାନ ସେବା ଯୋଗାଇବା ପାଇଁ ମୋଦି ସରକାର ୨୦୧୬ରେ ଉଡ଼ାଣ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଉଦ୍ଦେଶ୍ୟ ଦେଶର କୋଣ ଅନୁକୋଣରୁ ଏୟାର କନେକ୍ଟିଭିଟିକୁ ପ୍ରୋତ୍ସାହିତ କରିବା। ବିଶେଷତଃ ସେହି ଅଞ୍ଚଳରେ ଯେଉଁଠାରେ ରେଳ, ସଡ଼କ ଏବଂ ଅନ୍ୟାନ୍ୟ ପରିବହନର ଅଭାବ ରହିଛି। ପିଏମ ମୋଦି ସାର୍ବଜନିକ ଭାବରେ କହି ସାରିଛନ୍ତି ଯେ, ସେ ଚପଲ ପିନ୍ଧିଥିବା ଲୋକଙ୍କୁ ବିମାନ ଚଳାଚଳ କରୁଥିବା ଦେଖିବାକୁ ଚାହୁଁଛନ୍ତି। ୧୫ ଜୁନ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦି ଏହି ଯୋଜନା ଘୋଷଣା କରିଥିଲେ। ୨୭ ଏପ୍ରିଲ ୨୦୧୭ ରେ, ସେ ଦିଲ୍ଲୀ ଏବଂ ଶିମଳା ମଧ୍ୟରେ ପ୍ରଥମ ସ୍ଥାନୀୟ ବିମାନ ଉଡ଼ାଣ କରିଥିଲେ। ସେହିପରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରଥମ ଥର ଉଦ୍ୟମ ଆରମ୍ଭ କରିଥିବା ପାଞ୍ଚ ଲକ୍ଷ ମହିଳା, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଉଦ୍ୟୋଗୀଙ୍କ ପାଇଁ ୨ କୋଟି ଟଙ୍କା ଋଣ ଆରମ୍ଭ କରିବେ। ସେହିପରି ୫୦ ଟି ପର୍ଯ୍ୟଟନ ସ୍ଥାନ ବିକାଶ କରାଯିବ।

## ହିରୋ ମୋଟୋକର୍ପ ସିଇଓଙ୍କ ଇସ୍ତଫା



**ନୂଆଦିଲ୍ଲୀ୧।୨:** ଦେଶର ସବୁଠୁ ବଡ଼ ଦୁଇ ଚକିଆ କମ୍ପାନି ହିରୋ ମୋଟୋକର୍ପ ସିଇଓ ନିରଞ୍ଜନ ଗୁପ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। କମ୍ପାନି ଶୁକ୍ରବାର ଇକ୍ୱିଟି ମାର୍କେଟ୍ କାରବାର ବନ୍ଦ ହେବା ପରେ ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନି ଏହି ସୂଚନା ଦେଇଛି। କମ୍ପାନି ସୂଚନା ଅନୁସାରେ ୨୦୨୫ ଏପ୍ରିଲ୍ ୩୦ ତାଙ୍କର ଶେଷ କାର୍ଯ୍ୟଦିବସ ହେବ। ୨୦୧୭ ମସିହାରୁ ନିରଞ୍ଜନ ଗୁପ୍ତା କମ୍ପାନି ସହ ରହିଆସିଥିଲେ। କମ୍ପାନିର ଏକ୍ସଜିକ୍ୟୁଟିଭ୍ ଡାଇରେକ୍ଟର (ଅପରେସନ) ବିକ୍ରମ କାସବେକର କାର୍ଯ୍ୟକାରୀ ସିଇଓ ହେବେ। ହିରୋ ମୋଟୋକର୍ପ ସିଇଓ ନିରଞ୍ଜନ ଗୁପ୍ତା ୨୦୨୫ ଏପ୍ରିଲ୍ ୩୦ ଯାଏ ନିଜ ଦାୟିତ୍ୱ ତୁଲାଇବେ। ଏହାପରେ ମେ ୧ରୁ କମ୍ପାନିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ପରିଚାଳନା) ବିକ୍ରମ କାସବେକର କାର୍ଯ୍ୟକାରୀ ସିଇଓ ହେବେ। ସେହିପରି କମ୍ପାନିର ଚିଫ୍ ପ୍ରୋକ୍ୟୁରମେଣ୍ଟ ଅଫିସର୍ ରାମ କୁପ୍ପୁସ୍ୱାମୀ ଏପ୍ରିଲ୍ ୧ରୁ ମୁଖ୍ୟ ଅପରେସନ ଅଫିସର (ମେନ୍ୟୁଫ୍ୟାକ୍ଚରିଂ) ଦାୟିତ୍ୱ ତୁଲାଇବେ। ସେହିପରି ନ୍ୟାସନାଲ୍ ସେଲ୍ସ ହେଡ୍ (ଇଣ୍ଡିଆ ବିଜନେସ୍ ୟୁନିଟ) ଆଶୁତୋଷ ବର୍ମା ମେ ୧ରୁ ଚିଫ୍ ବିଜନେସ୍ ଅଫିସର ହେବେ।

## ଏହି ବଜେଟ୍ ସଂଚୟ, ନିବେଶ ଏବଂ ବିକାଶକୁ ବଢାଇବ: ମୋଦୀ

**ନୂଆଦିଲ୍ଲୀ, ୧।୨:** କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି। ୧୨ ଲକ୍ଷ ଟଙ୍କା ଯାଏ ଆୟକୁ ଟିକସ ମୁକ୍ତ କରି ସରକାର ମଧ୍ୟବିତ୍ତଙ୍କ ହାତରେ ଅଧିକ ଟଙ୍କା ଦେବାକୁ ଚାହିଁଛନ୍ତି। ଏହାସହ ଦେଶର ଅର୍ଥନୀତି ଯେପରି ଅଧିକ ଗତିଶୀଳ ହୋଇପାରିବ ସେଥିପାଇଁ ମଧ ଉଦ୍ୟମ କରିଛନ୍ତି। ଏହାରି ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବଜେଟ୍‌କୁ ସାଧାରଣ ଲୋକଙ୍କ ବଜେଟ୍ ବୋଲି କହିଛନ୍ତି। ଅର୍ଥ ମନ୍ତ୍ରୀଙ୍କୁ ପ୍ରଶଂସା କରି ମୋଦୀ କହିଛନ୍ତି, ଏହି ବଜେଟ୍ ମଧ୍ୟବିତ୍ତଙ୍କ ପକେଟ୍‌କୁ ବଳ ଦେବ ଏବଂ ଆତ୍ମନିର୍ଭର ଭାରତକୁ ଅଧିକ ଗତି ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଭାରତର ବିକାଶ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ପାହାଚ ଅଟେ। ଏହା ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାର ବଜେଟ୍। ଏହା ସବୁ ଭାରତୀୟଙ୍କ ସ୍ୱପ୍ନକୁ ପୂରଣ କରିବାର ବଜେଟ୍। ଅନେକ ସେକ୍ଟରକୁ ଯୁବକଙ୍କ ପାଇଁ ଖୋଲାଯାଇଛି। ଏହା ବିକଶିତ ଭାରତ ମିଶନକୁ ଗତି ଦେବ। ଏହି ବଜେଟ୍ ଫୋର୍ସ ମିଲ୍ଟିପିଲର ଅଟେ। ବିକଶିତ ଭାରତ ମିଶନକୁ ସାଧାରଣ ଲୋକ ଆଗକୁ ନେବେ। ଏହି ବଜେଟ୍ ଶକ୍ତି ବଢାଇବ। ଏହା ସଂଚୟ, ନିବେଶ, ଖର୍ଚ୍ଚ ଏବଂ ବିକାଶକୁ ବଢାଇବ। ମୋଦୀ କହିଛନ୍ତି, 'ଜନକୈନ୍ଦ୍ରିକ ବଜେଟ୍ ଆଣିଥିବାରୁ ନିର୍ମଳା ସୀତାରମଣ ଏବଂ ତାଙ୍କ ପୂରା ଟିମକୁ ମୁଁ ଶୁଭେଚ୍ଛା ଜଣାଉଛି। ସାଧାରଣତଃ ବଜେଟର ଫୋକୋସ୍ ସରକାରଙ୍କ ରାଜକୋଷ କିପରି ବଢିବ ତାହା ଉପରେ ରହିଥାଏ, କିନ୍ତୁ ଦେଶର ବଜେଟ୍ ଏଥର ପୁରା ବିପରୀତ ରହିଛି। ଏହି ବଜେଟ୍ ଦେଶର ନାଗରିକଙ୍କ ପକେଟ୍ ଭରିବ, ଦେଶର ନାଗରିକଙ୍କ ସଂଚୟ କିପରି ବଢିବ ଏବଂ ଦେଶର ନାଗରିକ ବିକାଶର ଭାଗିଦାରୀ କିପରି ହେବ, ଏହି ବଜେଟ୍ ତାହା ଏକ ମଜଭୁତ ମୂଳଦୁଆ ପକାଇବ।' ପ୍ରଧାନମନ୍ତ୍ରୀ କହିଛନ୍ତି, 'ସଂସ୍କାର ଦୃଷ୍ଟିରୁ ଏହି ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପରମାଣୁ ଉର୍ଜାରେ ଘୋରଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଐତିହାସିକ ଅଟେ। ଏହାଦ୍ୱାରା ଦେଶର ବିକାଶରେ ସିଭିଲ୍ ନ୍ୟୁକ୍ଲିୟର ଏନର୍ଜିର ବଡ଼ ଯୋଗଦାନ ସୁନିଶ୍ଚିତ ହେବ।'

## ଚୀନ ଖେଳନାକୁ ଟକ୍କର ଦେବ ଭାରତ
## ଖେଳନା ଶିଳ୍ପରେ ହେବ ଗ୍ଲୋବାଲ୍ ହବ୍



**ନୂଆଦିଲ୍ଲୀ, ୧।୨:** ସଂସଦରେ ଉପସ୍ଥାପିତ ହେଲା ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଦସ୍ତାବିଜ୍ ଆଗତ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଲଗାତର ଅଷ୍ଟମ ଥର ପାଇଁ ସେ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍ ଭାଷଣରେ ଖେଳନା ଶିଳ୍ପ ଉପରେ ଗୁରୁତ୍ୱ ଦେଇଛନ୍ତି ଅର୍ଥମନ୍ତ୍ରୀ। ସେ କହିଛନ୍ତି ଯେ, ଖେଳନା ଶିଳ୍ପର ଗ୍ଲୋବାଲ୍ ହବ୍ ହେବ ଭାରତ। ମେଡ୍ ଇନ୍ ଇଣ୍ଡିଆ ବ୍ରାଣ୍ଡର ପ୍ରତିନିଧିତ୍ୱ କରାଯିବ। ଉଚ୍ଚମାନର ଏବଂ ଅଭିନବ ଖେଳନା ଉତ୍ପାଦନ ହେବ। ଏବେ ଚୀନ୍ ଖେଳନାରେ ଭାରତ ବଜାର ପରିପୂର୍ଣ୍ଣ। ଏପରି ସ୍ଥିତିରେ, ଚୀନ୍ ଖେଳଣା ବଜାର ସହିତ ପ୍ରତିଯୋଗିତା କରିବା ପାଇଁ ସରକାରଙ୍କର ଏହା ଏକ ବଡ଼ ପଦକ୍ଷେପ।

ଉଲ୍ଲେଖନୀୟ ଯେ, ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରିଟିଶ ଖେଳନା ବ୍ରାଣ୍ଡ ହାମଲିଜ୍ କିଣିସାରିଛି। ହାମଲିଜ୍ ସହିତ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମଧ ରୋୱାନ୍ ନାମକ ଏକ ଖେଳନା ବ୍ରାଣ୍ଡ ମାଧମରେ ଖେଳନା ଉତ୍ପାଦନ ବ୍ୟବସାୟରେ ନିୟୋଜିତ ଅଛି। ହାମଲିଜ୍ ବ୍ରାଣ୍ଡ ପ୍ରାୟ ୨୬୫ ବର୍ଷ ପୂର୍ବେ ୧୭୬୦ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା। ଏହା ବିଶ୍ୱର ସବୁଠାରୁ ବଡ଼ ଏବଂ ପୁରୁଣା ଖେଳନା ବ୍ରାଣ୍ଡ।

# ଜାପାନରେ 'ନୋମାଡେ' ନାମରେ ଲଞ୍ଚ ହେବ ଜିମ୍ନି

**ନୂଆଦିଲ୍ଲୀ, ୧।୨:** ମାରୁତି ସୁଜୁକି ଜିମ୍ନି ଭାରତରେ ସେତେଟା ସଫଳତା ପାଇପାରିନାହିଁ। ଏହା ଏକ ଭଲ ଏସୟୁଭି କିନ୍ତୁ ଏହାର କମ ବିକ୍ରୟ ପଛର କାରଣ ହେଉଛି ଏହାର କମ୍ପାକ୍ଟ ଆକାର ଏବଂ ଅତ୍ୟଧିକ ମୂଲ୍ୟ। ଯଦି କମ୍ପାନୀ ଏହାର 4X2 ମଡେଲ ଲଞ୍ଚ କରେ ଏବଂ ଏହାକୁ କମ୍ ମୂଲ୍ୟରେ ବିକ୍ରି କରେ, ତେବେ ଏହା ହିଟ୍ ହେବାର ସମ୍ଭାବନା ଅଛି। ହଁ, ୫ଟି ଦ୍ୱାର ଥିବା ଜିମ୍ନି ଏବେ ଜାପାନରେ ଲଞ୍ଚ ହେବାକୁ ଯାଉଛି। କିନ୍ତୁ ବଡ଼ କଥା ହେଉଛି ଯେ ମେଡ୍ ଇନ୍ ଇଣ୍ଡିଆ ମଡେଲ୍ ଜାପାନରେ ବିକ୍ରି ହେବ। ଜିମନିର ୫ ଦ୍ୱାର ଭାରିଆଣ୍ଟ ଭାରତରେ ମଧ୍ୟ ବିକ୍ରି ହୁଏ। ରିପୋର୍ଟ ଅନୁସାରେ, ୫ ଦ୍ୱାର ଜିମ୍ନି ଖୁବ୍‌ଶୀଘ୍ର ଜାପାନରେ ଲଞ୍ଚ ହେବ। ମାରୁତି ଜିମ୍ନିକୁ ଜାପାନରେ 'ନୋମାଡେ' ନାମରେ ଲଞ୍ଚ କରାଯିବ। ଜାପାନରେ ଲଞ୍ଚ ହେବାକୁ ଥିବା ଜିମ୍ନି ପୂର୍ବରୁ ମାରୁତି ଗତ ବର୍ଷ ଜାପାନରେ ଫ୍ରଙ୍କସ୍ ମଧ୍ୟ ଲଞ୍ଚ କରିଥିଲା। ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, ଜିମ୍ନିରେ ୧.୫ ଲିଟର, ୪-ସିଲିଣ୍ଡର ଇଞ୍ଜିନ୍ ଅଛି, ଯାହା ୫-ସ୍ପିଡ୍ ମାନୁଆଲ୍ ଏବଂ ୪-ସ୍ପିଡ୍ ଟର୍କ କନଭର୍ଟର ଅଟୋମେଟିକ୍ ଗିଅରବକ୍ସର ବିକଳ୍ପରେ ଆସିଥାଏ। ଏହାର ଇଞ୍ଜିନ ୧୦୫ ବିଏଚପି ପାୱାର ଏବଂ ୧୩୪ଏନଏମ ଟର୍କ ଜେନେରେଟ୍ କରେ। ଜିମ୍ନିର ମାଇଲେଜ୍ ବିଷୟରେ କହିବାକୁ ଗଲେ ଏହାର ମାନୁଆଲ୍ ସଂସ୍କରଣ ୧୬.୯୪ କିଲୋମିଟର ପ୍ରତି ଲିଟର ମାଇଲେଜ୍ ଦିଏ ଏବଂ ସ୍ୱୟଂଚାଳିତ ମଡେଲ୍ ୧୬.୩୯ କିଲୋମିଟର ପ୍ରତି ଲିଟର ମାଇଲେଜ୍ ଦିଏ। ବୈଶିଷ୍ଟ୍ୟ ବିଷୟରେ କହିବାକୁ ଗଲେ, ଜିମନିରେ ଏକ ୯.୦-ଇଞ୍ଚ ସ୍ମାର୍ଟ ପ୍ଲେ ପ୍ରୋ ପ୍ଲସ୍ ଇନଫୋଟେନମେଣ୍ଟ ସିଷ୍ଟମ ଅଛି ଯାହା ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେକୁ ସମର୍ଥନ କରେ। ଏହି କାରରେ ସ୍ୱୟଂଚାଳିତ କ୍ରୁଜ୍ ନିୟନ୍ତ୍ରଣ, ସ୍ୱୟଂଚାଳିତ ଏଲଇଡ଼ି ହେଡଲ୍ୟାମ୍ପ ଭଳି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି। ସୁରକ୍ଷା ପାଇଁ, ଏଥିରେ ୬ଟି ଏୟାରବ୍ୟାଗ, ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ଭଳି ବୈଶିଷ୍ଟ୍ୟ ମିଳିପାରିବ।



## ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ ତାର



**ସୋନପୁର,୧।୨(ସଂଚାର ବ୍ୟୁରୋ):** ସୋନପୁର ସହର ଉପକଣ୍ଠ ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ଠାରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ହନୁମାନ ମନ୍ଦିର ନିକଟରେ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଛି।୧୧ କେଭି ବିଦ୍ୟୁତ୍ ତାର ଥିବା ବିଦ୍ୟୁତ ଖୁଣ୍ଟ ରୁ ଗୋଟିଏ ତାର ଖୁଣ୍ଟ ରୁ ବାହାରି ମନ୍ଦିର ପାର୍ଶ୍ୱରେ ଝୁଲୁଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ ସାଜିଛି। ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁଥିବା ରୁ ରାଜମିସ୍ତ୍ରୀ କାର୍ଯ୍ୟ କରୁଥିବା ସମୟରେ ଅଘଟଣ ଆଶଙ୍କାରେ ରହୁଛନ୍ତି। ଠିକ ଭାବେ ମନ୍ଦିର ନିର୍ମାଣ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ବିଧାନସଭା ଘେରାଉ ଚେତାବନୀ

**କାକଟପୁର /ଅସ୍ତରଙ୍ଗ,୧।୨(ସଂଚାର ବ୍ୟୁରୋ):** ସରକାର ବଦଳିଲା, ନିୟମ ବି ବଦଳିଗଲା। ମାସକୁ ଭତ୍ତା ଆକାରରେ ୧୮ଶହ ଟଙ୍କା ଭତ୍ତା ପାଉଥିବା ଗ୍ରାମରକ୍ଷୀଙ୍କୁ ସରକାରୀ ଚାକିରୀ କହି ରାସନ କାର୍ଡ ରଦ୍ଦ କରିବାକୁ ଯୋଜନା କରିଥିବା ବେଳେ ସୁଭଦ୍ରା ଯୋଜନା ରୁ ବଂଚିତ କରିଛନ୍ତି ନୂତନ ରାଜ୍ୟ ସରକାର। ନୂଆ ନିୟମ ଲାଗୁ ହେଲେ ରାସନ କାର୍ଡ ପାଇବାରୁ ବଂଚିତ ହୋଇପାରନ୍ତି ୧୮ହଜାର ଗ୍ରାମରକ୍ଷୀ ପରିବାର। ଏଭଳି ହେଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରିବାକୁ ଧମକ ଦେଇଛନ୍ତି ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଙ୍ଘର ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ।

ସୂଚନା ମୁତାବକ ଗ୍ରାମରକ୍ଷୀ ଙ୍କୁ ମାସକୁ ମିଳୁଛି ୧୮ଶହ ଟଙ୍କା ଦିନକୁ ୬୦ଟଙ୍କା । ତାହା ପୁଣି ଦରମା ନୁହଁ ଭତ୍ତା। ଭତ୍ତା ସିନା ମିଳୁଛି କିନ୍ତୁ ସରକାର କହୁଛନ୍ତି ଏମାନେ ସରକାରୀ କର୍ମଚାରୀ। ନିୟମ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପରିବାର ଲୋକ ପାଇପାରିବେ



ନାହିଁ ରାସନକାର୍ଡ। ସେଥିପାଇଁ ଗ୍ରାମରକ୍ଷୀ ଙ୍କ ରାସନ କାର୍ଡ ରଦ୍ଦ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା। ଆଉ ଏହା ବିରୋଧରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଲେଣି ରାଜ୍ୟ ଗ୍ରାମରକ୍ଷୀ ସଙ୍ଘ। ଏ ନେଇ ଶନିବାର ମଧ୍ୟାହ୍ନ ସମୟରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଙ୍ଘ ସଭାପତି ଅମରେଶ୍ୱର ମଲ୍ଲିକ ଙ୍କ ନେତୃତ୍ୱ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ଗ୍ରାମରକ୍ଷୀ ମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ଯାଇ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ରେ ପହଂଚିଥିଲେ। ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଙ୍ଘ ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ କହିବା ଅନୁଯାୟୀ ମାତ୍ର ୧୮ଶହ ଟଙ୍କା ଭତ୍ତା ଦେଇ ସରକାରୀ ଚାକିରିଆ କିଭଳି କହୁଛନ୍ତି ସରକାର ବୋଲି ପ୍ରଶ୍ନ କରିଛନ୍ତି ?ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଆକାଶ ଛୁଆଁ ରହିଥିବା ବେଳେ ଗରିବ ଗୁରୁବା ତଥା ଭତ୍ତା ପାଉଥିବା ଗ୍ରାମରକ୍ଷୀ ଙ୍କ ପରିବାର ପେଟ କୁ ଲାତ ମାରିବାକୁ ଚିନ୍ତା କରିଛନ୍ତି ନୂତନ ସରକାର।ରାଜ୍ୟର ୧୮ହଜାର ୪୧୪ଜଣ ଗ୍ରାମରକ୍ଷୀ ବିଭିନ୍ନ ଗାଁରେ ନିୟୋଜିତ ଅଛନ୍ତି। ଏହି ପରିବାର ପୂର୍ବ ସରକାର ସମୟରେ ରାସନ ପାଉଥିଲେ। କିନ୍ତୁ ସରକାର ବଦଳିବା ପରେ ବଦଳିବାକୁ ବସିଛି ନିଷ୍ପତି।

## ମଣ୍ଡିରୁ ଧାନ ଉଠାଇବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ସମ୍ପାଦକ



**ବିଞ୍ଝାରପୁର,୧।୨(ସଂଚାର ବ୍ୟୁରୋ):** ନୂଆ ସରକାର ରେ ରହି ଯାଇଛି ଚାଷୀ ମାନଙ୍କ ପୁରୁଣା ସମସ୍ୟା। ଟୋକନ କରି ମଣ୍ଡି ରେ ଧାନ ରଖୁଛନ୍ତି ଚାଷୀ କିନ୍ତୁ ପୁରୁଣା ସମସ୍ୟା ପିଛା ଛାଡୁନି।ମଣ୍ଡି ରେ ପଡ଼ି ରହିଥିବା ଧାନ କୁ ନେବା ପାଇଁ ମିଲର ଗାଡ଼ି ଛାଡୁନି। ଯେଉଁଥିପାଇଁ ଏବେ ଆଶା ଆଶଙ୍କାରେ ଚାଷୀ। ଚାଷୀ ଙ୍କ ଏହି ସମସ୍ୟା କୁ ଦୂର କରିବାକୁ ଅନୁରୋଧ କରିଛନ୍ତି ସମବାୟ ସମିତି ସମ୍ପାଦକ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ନରହରି ପୁର ସମବାୟ ସମିତି ସମ୍ପାଦକ ନିହାର ରଂଜନ ପାତ୍ର ସମବାୟ ସମିତି ର ସହକାରୀ ରେଜିଷ୍ଟ୍ରାର,ଜିଲ୍ଲାପାଳ ଯାଜପୁର ଙ୍କୁ ମଣ୍ଡି ରୁ ଧାନ ନେବା ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି । ଏକ ଚିଠି ଲେଖି ସେ ମଣ୍ଡି ରୁ ଧାନ ନେବା ପାଇଁ ମିଲର ବିଳମ୍ବ କରୁଥିବା ପ୍ରଶାସନ କୁ ଅବଗତ କରାଇଛନ୍ତି।ମଣ୍ଡି ରେ ଧାନ ବିକ୍ରୟ ନିମନ୍ତେ ପ୍ରାୟ ୧୨୦ ଜଣ ଚାଷୀ ଙ୍କ ୧୪୫୫୬ କ୍ୱିଣ୍ଟାଲ ଧାନ ମଣ୍ଡି ରେ ଜମା ହୋଇଥିବା ବେଳେ ଧାନ ନେବାକୁ ମିଲର ଗାଡ଼ି ଛାଡୁନ ଥିବା ଅଭିଯୋଗ କରିଛନ୍ତି ସମ୍ପାଦକ।ଯଦି ଠିକ୍ ସମୟ ରେ ଗାଡି ନ ଆସେ ଟୋକନ୍ ଲାପ୍ସ ହେବାର ଆଶଙ୍କା ଦେଖା ଦେଇଛି। ତେବେ ଯଦି ଗାଡ଼ି ନ ଆସେ ଆଗାମୀ ଦିନ ରେ ରାଜ ରାସ୍ତା ରେ ବସିବେ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି।

## ୫ ଦିନ ହେଲା ରାସ୍ତା କଡ଼ରୁ ହଟୁନି କାଠ ବୋଝେଇ ଟ୍ରକ

● ତଦନ୍ତ ସରୁନି ନା ହିସାବ ଝିଡୁନି

**ଜୟପୁର ,୧।୨(ସଂଚାର ବ୍ୟୁରୋ):** ଉପଖଣ୍ଡ ଜଙ୍ଗଲ ରେ ମାତିଛନ୍ତି କାଠ ମାଫିଆ । ଆକାଶିଆ ଗଛ ଥିବା ଜଙ୍ଗଲ ଏବେ ଉଭାନ ହୋଇ ଗଲାଣି । ତଥାପି ବନ ବିଭାଗ କେବେଳ କାର୍ଯ୍ୟଳୟରେ ରହି ଜଙ୍ଗଲ ଜଗୁଛି । ବାସ୍ତବ ରେ କିନ୍ତୁ ଜଙ୍ଗଲ ସଫା ହୋଇଗଲିଣି । ଜୟପୁର ବୈପାରୀଗୁଡା ୩୨୬ ନମ୍ବର ଜାତୀୟ ରାଜପଥ କଡ଼ ବୈପାରୀଗୁଡା ପେଟ୍ରୋଲ ପମ୍ପ ସମ୍ମୁଖରେ ରହିଛି ପାଲ ଘଡା ଏକ ଆନ୍ଧ୍ର ନମ୍ବର ଥିବା ଟ୍ରକ ଓ ଟ୍ରକ ଭିତରେ ରହିଛି ଆକାଶିଆ କାଠ ଗଣ୍ଡି ଗତ ୨୮ ତାରିଖ ମଙ୍ଗଳବାର ଦିନ ଠାରୁ ଆଜି ପର୍ଯ୍ୟନ୍ତ ପଡିରହିଛି । ଗାଡି ର ପାଖରେ କେହି ନାହାନ୍ତି । କିନ୍ତୁ ଯାହା ଶୁଣିବାକୁ ମିଳୁଛି ଗାଡି ବନ ବିଭାଗ କର୍ମଚାରୀ ଗାଡି ର କାଗଜ ପତ୍ର ନେଇ ଛନ୍ତି । ଆଜି କୁ ପାଞ୍ଚଦିନ ହେବ ଗାଡି ଟି ପଡିରହିଛି । ବନାଞ୍ଚଳ ଅଧିକାରୀ ଙ୍କୁ ପଚାରିବାରୁ ତଦନ୍ତ ଚାଲିଛି । ତଦନ୍ତ ସାରିଲେ ସବିଶେଷ ବିବରଣୀ ଦେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି । ତେବେ ତଥ୍ୟ ନେବାରୁ ଜଣାପଡିଛି ବୈପାରୀଗୁଡା ବନାଞ୍ଚଳ ଅଧିନସ୍ତ ଦଶମନ୍ତପୁର ନିକଟସ୍ତ ଅଂଚଳ ରୁ ଗଛ କଟା ହୋଇଛି । ଗଛ କଟା ହୋଇଛି ଯିବା ସମୟରେ ବୈପାରୀଗୁଡା ପେଟ୍ରୋଲପପମ୍ପ ନିକଟରେ ଗାଡି ଅଟକାଇ ବନ ବିଭାଗ ଯାଞ୍ଚ କରିଥିଲେ । ଏବଂ ସମସ୍ତ ନଥିପତ୍ର ନେଇ ଛନ୍ତି । କିନ୍ତୁ ଗାଡିଟିକୁ ବନ ବିଭାଗ କାର୍ଯ୍ୟଳୟ କୁ ନ ଆଣି କାର୍ଯ୍ୟଳୟ ର ଏକ କିମି ଦୂର ରେ ଗାଡି ରହିଛି ।

## ୮ ଡକାୟତ ଗିରଫ ସାଢ଼େ, ୩ କୋଟି ଟଙ୍କା ଜବତ




**ଧର୍ମଗଡ଼,୧।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ପୁଲିସ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଧର୍ମଗଡ଼ ଥାନା ପୁଲିସ ଏକ ବଡ଼ ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ନଗଦ ୩ କୋଟି ୫୧ ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଅପରାଧରେ ବ୍ୟବହୃତ ଗାଡ଼ି ଏବଂ ମାରଣାସ୍ତ୍ର ଆଦି ଜବତ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲାର ତାହିର ଅନସାରୀ, ହୁସେନ୍ ଖାନ୍, ଜୈସମ ଖାନ୍, ସାମିମ୍ ଅନସାରୀ, ବାସୁଦେବ ଗୋପେ, ପିଣ୍ଟୁ ଆଲିମ୍ଅ ଏବଂ ନୁଜ କୁମାର। ଗତ ୩୦ ତାରିଖରେ ଧର୍ମଗଡ଼ ଠାରେ ଥିବା ଏକ ଦେଶୀ ମଦ ଭାଟିରେ ଏହି ଡକାୟତ ସଂଘଟିତ ହୋଇଥିଲା। ବିଳମ୍ବିତ ରାତିରେ ପ୍ରାୟ ୮ ଜଣ ଡକାୟତ ମାରଣାସ୍ତ୍ର ଧରି ଡକାୟତି କରିବା ଉଦ୍ଦେଶ୍ୟରେ ଏହି ଭାଟିରେ ପଶିଥିଲେ। ସେଠାରେ ବନ୍ଧୁକ ଏବଂ ମାରଣାସ୍ତ୍ର ଦେଖାଇ ଧମକ ଦେଇ ଟଙ୍କା ଲୁଟି ନେଇଥିଲେ। ଏନେଇ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଡକାୟତଙ୍କୁ ଧରିବାକୁ କଳାହାଣ୍ଡି ଏସପି ଅଭିଲାଷ ଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଥିଲା। ଡକାୟତି କରିବା ପରେ ଅଭିଯୁକ୍ତମାନେ ଜେଏଚ୍୧୦ଏପି୪୮୧୭ ନମ୍ବର ବିଶିଷ୍ଟ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନୁସନ୍ଧାନ ସମୟରେ ଅପରାଧରେ ବ୍ୟବହୃତ ଗାଡ଼ିକୁ ଝାଡ଼ଖଣ୍ଡରେ ଚିହ୍ନଟ କରାଯାଇ ଠାବ କରାଯାଇଥିଲା।

## ଅତିରିକ୍ତ ବିଇଓଙ୍କ ଅବସର ଗ୍ରହଣ

**ବେତନଟୀ,୧।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ର ଅତିରିକ୍ତ ବିଇଓ ରମାକାନ୍ତ ମହାନ୍ତ ଙ୍କ ଅବସର ଗ୍ରହଣ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ବିଇଓ ଙ୍କ ଅଫିସ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବିଦାୟୀ ସମ୍ବର୍ଦ୍ଧନା ସଭାରେ ବିଇଓ ବିପ୍ଳବ କୁମାର କର ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଏବିଇଓ ଅପର୍ଣ୍ଣା ସାହୁ ଏବଂ ସମଗ୍ର ଶିକ୍ଷା ଅଭିଯାନ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ବିଭାଗର ମୁଖ୍ୟ ସପନ କୁମାର ପୃଷ୍ଟି ଶୈଳବାଳା ବେହେରା ଅଶ୍ୱିନ କୁମାର ସିଂହ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ବେତନଟୀ ବ୍ଲକ ଶିକ୍ଷକ ସଂଘ ର ସଭାପତି ଜୟ ଚନ୍ଦ୍ର ଦାସ ଜିଲ୍ଲା ସଂଘର କର୍ମକର୍ତ୍ତା ଭବେଶ ପାଣି ଗ୍ରହଣ ଶରତ ଚନ୍ଦ୍ର ମହାନ୍ତ ସୁନୀଲ କୁମାର ବୋଡ ଲଳିତ କୁମାର କଟୁଆଳ ଏବଂ ସତରଟି କ୍ଲଷ୍ଟର ର ସମସ୍ତ ସାଧନ କର୍ମୀ ବିଇଓ ଅଫିସର ସମସ୍ତ ଷ୍ଟାଫ ବରିଷ୍ଠ ଶିକ୍ଷକ ତଥା ବିଆରଟି ବିଜୟ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ତାଙ୍କ କାର୍ଯ୍ୟକାଳ ଅବଧି ମଧ୍ୟରେ ସାରା ବ୍ଲକରେ ସଫଳତାର ସହିତ କାର୍ଯ୍ୟ କରି ଅଭିଭାବକ ଶିକ୍ଷକ ସାଧନ କର୍ମୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସ୍କୁଲ ପରିଚାଳନା କମିଟି ନିର୍ବାଚିତ ଲୋକ ପ୍ରତିନିଧି ଏବଂ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ବେଶ ସ୍ୱତନ୍ତ୍ର ପରିଚୟ ହାସଲ କରି ପାରିଥିଲେ ।

## ଗୁଣିଗାରେଡ଼ି ସନ୍ଦେହରେ ପିଉସୀ ଜୀବନ ନେଲା ମାରିଦେଲା ପୁତୁରା



**କାମାକ୍ଷାନଗର,୧।୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର-କଙ୍କଡାହାଡ଼ ଥାନା ପିତଳଧୁଆ ଗ୍ରାମ ଝରଣାସାହିରେ ଅନ୍ଧବିଶ୍ୱାସ ଜଣେ ମହିଳାଙ୍କର ଜୀବନ ନେଇଛି। ଏଠାରେ ଗୁଣିଗାରେଡି ଓ ଡାହାଣୀ ସନ୍ଦେହରେ ସମ୍ପର୍କୀୟ ପିଉସୀଙ୍କୁ ତୀର ମାରି ପୁତୁରା ହତ୍ୟା କରିଛି। ମୃତକ ବ୍ୟକ୍ତି ହେଲେ ସେହି ଗ୍ରାମର ସୁନ୍ଧୁ ସିଙ୍କୁ (୭୦)। ହତ୍ୟାକାରୀ ପୁତୁରା ଜଣକ ଦାମୋଦର ପୂର୍ତ୍ତି। ସୂଚନା ଅନୁସାରେ ଆଜି ସକାଳ ୧୦ଟା ସମୟରେ ସମ୍ପର୍କୀୟ ପିଉସୀ ସୁନ୍ଧୁ ନିଜ ଘରେ ଥିବାବେଳେ ପୁତୁରା ଦାମୋଦର ହଠାତ ଘରେ ପଶି ତୀର ମାରିଥିଲା। ତୀରଟି ସୁନ୍ଧୁଙ୍କ ଡାହାଣ ଛାତିରେ ବାଜିଥିବା ବେଳେ ସେ ସେଠାରେ ଟଳି ପଡ଼ିଥିଲେ। ଏହା ଦେଖି ଘରେ ଥିବା ତାଙ୍କ ସ୍ୱାମୀ ଓ ଝିଅ ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଖସି ଯିବାରେ ସକ୍ଷମ ହୋଇଥିଲା। ପରେ ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକଙ୍କ ଠାରୁ ସୂଚନା ପାଇ କାମାକ୍ଷାନଗର ଏସଡିପିଓ ଜ୍ଞାନରଞ୍ଜନ ମିଶ୍ର ଓ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ହତ୍ୟା ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ହତ୍ୟାରେ ବ୍ୟବହୃତ ଧନୁ ଓ ତୀରକୁ ଜବତ କରିଥିଲେ।

# ଏଟିଏମ୍ ଟଙ୍କା ଜମାକାରୀ ସାଜିଥିଲେ ଲୁଟେରା

## ୫ ଅଭିଯୁକ୍ତ ଗିରଫ, ୭ ଲକ୍ଷ ୮୦ ହଜାର ଟଙ୍କା ଜବତ

**କଳାହାଣ୍ଡି,୧।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଜମା କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ସିକ୍ୟୁର ଭେଲ୍ୟୁ ଇଣ୍ଡିଆ ଏଲ୍‌ଟିଡି ନାମକ ସଂସ୍ଥା ସହ ଚୁକ୍ତିନାମା କରିଛି। ଜିଲା ମୁଖ୍ୟାଳୟ ଷ୍ଟେଟବ୍ୟାଙ୍କରୁ ଏହି ସଂସ୍ଥାର କର୍ମଚାରୀ ଟଙ୍କା ନେଇ ବିଭିନ୍ନ ଏଟିଏମ୍‌ରେ ଜମା କରୁଥିଲେ। ହେଲେ ଟଙ୍କା ଲୋଭ ସମ୍ଭାଳି ନ ପାରି ଶେଷରେ ସେମାନେ ଲୁଟେରା ସାଜିଥିଲେ। ପରିଣତି ସ୍ୱରୂପ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଘଟଣାରେ ସମ୍ପୃକ୍ତ ଥିବା ଉକ୍ତ ସଂସ୍ଥାର ୩ ଜଣଙ୍କ ସମେତ ଅନ୍ୟ ୨ ସହଯୋଗୀଙ୍କୁ ମିଶାଇ ୫ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ ରାଣା (୩୨), ଗାଡି ଚାଳକ ପକ୍ଷୀରାଜ ଗଉଡ (୪୨), ସିକ୍ୟୁରିଟି ଗାର୍ଡ ଚଞ୍ଚଳା ରାଉତ (୩୮) ଏବଂ ସହଯୋଗୀ ଅମିର ଗୌଡ଼(୩୦) ଓ ଜିତୁ ଲହଜଲ (୩୩)। ଏମାନଙ୍କଠାରୁ ନଗଦ ୭ ଲକ୍ଷ ୮୦ ହଜାର ଟଙ୍କା, ବିଭିନ୍ନ କମ୍ପାନୀର ୫ ମୋବାଇଲ ଫୋନ ଓ ଏଟିଏମ୍ ଟଙ୍କା ଭରି ଯାନ ଜବତ କରାଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ ଓ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ।



ପ୍ରକାଶ ଯେ, ଗତ ଜାନୁଆରୀ ୧୮ ତାରିଖ ରାତି ୧୨ଟା ୩୦ରେ ଉପରୋକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ, ପକ୍ଷୀରାଜ ଓ ଚଞ୍ଚଳା ଭବାନୀପାଟଣା ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାର ଡେପୁଟି ମ୍ୟାନେଜରଙ୍କଠାରୁ ୪.୮୦ କୋଟି ଟଙ୍କା ଜମା କରିବାକୁ ନେଇ ବାକ୍ସରେ ରଖିଥିଲେ। ବାକ୍ସ ଚାବି ଲକ୍ଷ୍ମୀକାନ୍ତଙ୍କ ପାଖରେ ରହିଥିଲା। ସେମାନେ ଭବାନୀପାଟଣାର କିଛି ଏଟିଏମ୍‌କୁ ଯାଇ ଟଙ୍କା ଜମା କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଉପରୋକ୍ତ ୩ ଅଭିଯୁକ୍ତ ସେଠାରୁ ୧୦ ଲକ୍ଷ ଟଙ୍କା ଚୋରି କରି ଭବାନୀପାଟଣା ସହରର ସହଯୋଗୀ ଜିତୁ ଲହଜଲଙ୍କ ପାଖରେ ରଖିଥିଲେ। କିଛି ଏଟିଏମ୍‌ରେ ଟଙ୍କା ଜମା କରିବା ପରେ ୧୦ଲକ୍ଷ ଟଙ୍କା ଅଭାବ ଦେଖା ଯାଇଥିଲା।ବ୍ୟାଙ୍କ ମ୍ୟାନେଜର ସମସ୍ତ କର୍ମଚାରୀଙ୍କୁ ଏହାର ଅନୁସନ୍ଧାନ କରିବାକୁ କହିଥିଲେ। ପରେ ସଂସ୍ଥାର ସହ ଡିଷ୍ଟ୍ରିବ୍ୟୁଟର ଦାୟିତ୍ୱ ନେଇଥିବା ଗୋବିନ୍ଦ ସାହୁ ଅଭାବ ଟଙ୍କାକୁ ନେଇ ବିଶ୍ୱାସ କରି ନ ଥିଲେ। ଶେଷରେ ବହୁ ଖୋଳତାଡ଼ ପରେ ଗତ ୨୮ ତାରିଖରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ଏହି ଘଟଣାର ଉକ୍ତ ସଂସ୍ଥାର ୩ ଜଣ ସମେତ ଅନ୍ୟ ୨ ସହଯୋଗୀଙ୍କ ହାତ ରହିଥିବା ଜଣାପଡିଥିଲା।

## ହିତାଧିକାରୀଙ୍କୁ ପରିଚୟପତ୍ର ଓ ବିଭିନ୍ନ ସହାୟତା ବିତରଣ କାର୍ଯ୍ୟକ୍ରମ



**ବରଗଡ଼,୧।୨(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ , ବରଗଡର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା) ଅଧୀନରେ ହିତାଧିକାରୀ ଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ସହାୟତା ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ, ବରଗଡର ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ , ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ , ଶ୍ରୀମତୀ ମଧୁଛନ୍ଦା ସାହୁ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀମତୀ ସସ୍ମିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ,( ପ୍ରବର୍ତ୍ତନ) ପରିଚାଳନା କରିଥିବା ବେଳେ ଶ୍ରୀ ମାନଭଞ୍ଜନ ପଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ବରଗଡ଼, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକରଣ, ନବୀକରଣ ଓ ବିଭିନ୍ନ ସହାୟତା ପାଇଁ ଅନଲାଇନ ଆବେଦନ ସମ୍ପର୍କରେ ବୁଝାଇ ଥିଲେ । ଶ୍ରୀ ଯୋଶବନ୍ତ ଅମାତ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟକି, ଉକ୍ତ କାର୍ଯ୍ୟକ୍ରମରେ ୩୮୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ଟ.୪,୫୨,୩୮,୪୦୦/- ଙ୍କା ଏବଂ ନୂତନ ଭାବରେ ପଞ୍ଜିକୃତ ହୋଇଥିବା ୧୦୦ ଜଣ ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା । ତତ୍ ସହିତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଯୁଗ୍ମ ଶ୍ରମ କାର୍ଯ୍ୟାଳୟର ସମସ୍ତ ସହକାରୀ ଶ୍ରମ ଅଧିକାରୀ , ମିସ୍ ତାନିଆ ଠାକୁର , ଶ୍ରୀ ଗୋବିନ୍ଦ ମେହେର , ଶ୍ରୀ କେଦାର ସିଂହ ବରିହା, ଶ୍ରୀ ଘନଶ୍ୟାମ ମହନ୍ତ, ଶ୍ରୀ ଅରବିନ୍ଦ ହାତୀ ବୃନ୍ଦ , ଶ୍ରୀ ଚିନ୍ମୟ ରଞ୍ଜନ ବିଶ୍ୱାଳ (ମଙ୍ଗଳ ସଂଯୋଜକ), ଶ୍ରୀ ଜଗନ୍ନାଥ ଷଡ଼ଙ୍ଗୀ , ଶ୍ରୀ ନିତ୍ୟାନନ୍ଦ ସାହୁ ,ପ୍ରମୁଖ ସହଯୋଗ କରିଥିଲେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ



**ସୁନ୍ଦରଗଡ଼,୧।୨(ସଂଚାର ବ୍ୟୁରୋ)** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଲେଇକେରକ୍ଷରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ସମାଜସେବୀ ଭବାନୀ ପଟେଲ ଓ ପରକ୍ଷିତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରକ୍ଷଜେଶ୍ୱରି ବୁଡ଼କ୍ଷ, ଜିଲ୍ଲା ସମ୍ପାଦକ ଶେଷଦେବ ନନ୍ଦ, ପ୍ରଧାନ ଶିକ୍ଷକ ଶଶି ବାଦି, କଲାଚକ୍ଷନ୍ଦ ପଟେଲ, ଚିନ୍ତାମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ ସଭାପତିତ୍ୱ କରି ବକ୍ତବ୍ୟରେ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥି ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ। ଛାତ୍ରୀମାନଙ୍କ ସ୍ୱାଗତ ସଙ୍ଗୀତ ବହୁତ ସୁନ୍ଦର ଗାନ କରିଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ତାଜନ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ବକ୍ତବ୍ୟରେ କହିଥିଲେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ, କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରୀୟ ସଫଳତାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟରେ ସମସ୍ତ ପ୍ରକାର ସୁବିଧା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମାଜସେବୀ ଶ୍ରୀ ସାହୁ ବିଦ୍ୟାଳୟର ବିଭିନ୍ନ ଅସୁବିଧା ବିଷୟରେ ମୁଖ୍ୟ ଅତିଥିଙ୍କୁ ଜଣାଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ ଓ ସଭା କାର୍ଯ୍ୟ ସରିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରଯାଇଥିଲା ।

## ଉତ୍ତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ





**ଦଶରଥପୁର,୧।୨(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ମେଲଣ ପଡିଆରେ ପାରେଶ୍ୱରନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଉତ୍ତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି । ଟୁର୍ନାମେଣ୍ଟଟିକୁ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ ଓ ଯୁବ ସମାଜସେବୀ ପ୍ରତାପ କୁମାର ନାୟକ ଯୋଗଦେଇ ଫିତାକାଟି ଉଦଘାଟନ କରିଥିବା ବେଳେ ଉଦଘାଟନ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୁବନେତା ବିଶ୍ୱଜିତ ଦାସ, ପାରେଶ୍ୱର କ୍ରିକେଟ କ୍ଲବର ସଭାପତି ଅଜିତ ମଲ୍ଲିକ, ସମ୍ପାଦକ ସୁଦାମ ମଲ୍ଲିକ, ନରୋତ୍ତମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପଦନପଡା ଓ ଧୂଷୁରୀ କ୍ରିକେଟ ଟିମ ମଧ୍ୟରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ଟସ ଜିଣି ଧୂଷୁରୀ କ୍ରିକେଟ ଟିମ ନିର୍ଦ୍ଧାରିତ ୫ ଓଭରରେ ୪ ଉଇକେଟ ହରାଇ ୨୫ ରନ ସଂଗ୍ରହ କରିଥିବା ବେଳେ ଜବାବରେ ପଦନପଡା କ୍ରିକେଟ ଟିମ ୩ ଓଭରରେ ୨ ଉଇକେଟ ହରେଇ ୨୬ ରନ ସଂଗ୍ରହ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ । ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଗହିରାପାଳ ଓ ଇସମାଇଲପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଇସମାଇଲପୁର କ୍ରିକେଟ ଟିମ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା । ଟୁର୍ନାମେଣ୍ଟରେ ସୁନିଲ କୁମାର ନାୟକ ଓ ଅସିତ ମଲ୍ଲିକ ଅମ୍ପେୟାର ଦାୟିତ୍ୱ ତୁଲାଇ ଥିବା ବେଳେ ସୁଶାନ୍ତ କୁମାର ପଣ୍ଡା ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ ।

## ନିୟମିତ ଶିକ୍ଷକଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ବାଲିଆପାଳ,୧।୨(ସଂଚାର ବ୍ୟୁରୋ):** ଶଚିନ୍ଦ୍ର କୁମାର ଏବଂ ଯଶୋଦା ମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଲଙ୍ଗଳେଶ୍ୱର ପ୍ରାଙ୍ଗଣରେ କନିଷ୍ଠ ଶିକ୍ଷକରୁ ନିୟମିତ ହୋଇଥିବା ବାଲିଆପାଳ ବ୍ଲକର ୨୪ଜଣ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ନିୟମିତ ପତ୍ର ପ୍ରଦାନ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ଶ୍ରୀମତୀ ନମିତା ପ୍ରଭା ସାମଲ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମୀନାରାଣୀ ସାହୁ ଯୋଗ ଦେଇ ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ। ଶିକ୍ଷକମାନେ କିପରି ଗୁଣାତ୍ମକ ଶିକ୍ଷଣରେ ନିଜକୁ ଅଧିକରୁ ଅଧିକ ନିୟୋଜିତ କରି ପାରିବେ ଏବଂ ବାଲିଆପାଳ ବ୍ଲକର ସ୍ୱତନ୍ତ୍ରତାକୁ ଅତୁଟ ରଖିବେ ଏ ନେଇ ଅତିଥିମାନେ ଉଦବୋଧନ ଦେଇଥିଲେ। କନିଷ୍ଠ ଶିକ୍ଷକମାନଙ୍କ ମଧ୍ୟରୁ ମହାସଚିବ ରଞ୍ଜନ ମହାନ୍ତି, ସମ୍ପାଦକ ସୌରଭ ପାତ୍ର, ସଙ୍ଗୀତା ପ୍ରୀତି, ରାଜୀବ ଲୋଚନ ଦେ, ରଶ୍ମିତା ପ୍ରଧାନ ପ୍ରମୁଖ ନିଜର ମନୋଜ୍ଞତା ଓ ପୂର୍ବ ଅନୁଭୂତିକୁ ଉପସ୍ଥାପନ କରିଥିବା ବେଳେ ସଭାପତି ଅନୁରାଗ ଭୂୟାଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାପାର ମୃତଦେହ ନେଇ ଫେରିବା ବେଳେ ଦୁର୍ଘଟଣା: ପୁଅ, ଜ୍ୱାଇଁ ସମେତ ୩ ମୃତ

**ଭଦ୍ରକ,୧।୨ (ସଂଚାର ବ୍ୟୁରୋ):** ଡମ୍ଫରକୁ ଧକ୍କା ଦେଲା ଆମ୍ବୁଲାନ୍ସ, ଚାଲିଗଲା ୩ ଜୀବନ। ଜଣେ ଗୁରୁତର। ୧୬ ନମ୍ବର ଜାତୀୟ ରାଜପଥ ଚରମ୍ପା ନିକଟରେ ଡମ୍ଫରକୁ ପଛରୁ ଆମ୍ବୁଲାନ୍ସ ଧକ୍କା ଦେବା ପରେ ଏହି ଦୁର୍ଘଟଣା ଘଟିଛି। । ବାପାଙ୍କ ମୃତଦେହ ନେଇ ଫେରୁଥିବାବେଳେ ଅଘଟଣ । ପୁଅ, ଭିଣୋଇ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ବୋହୂ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି । ସମସ୍ତ ମୃତାହତ ବାଲେଶ୍ୱର ଭୋଗରାଇ ଅଞ୍ଚଳର ବୋଲି ଜଣାପଡିଛି। ଭୁବନେଶ୍ୱରର ଏକ ମେଡିକାଲରୁ ବାପାଙ୍କ ମୃତଦେହ ଧରି ଘରକୁ ଫେରୁଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।




## ସ୍ୱତନ୍ତ୍ର ଯତ୍ନ ଲୋଡୁଥିବା ଶିଶୁ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯିବ




**ରାୟଗଡ଼ା,୧।୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାବରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତ୍ରୟମାସିକ ବୈଠକରେ ଜିଲ୍ଲାରେ ଅବସ୍ଥିତ ସ୍ୱତନ୍ତ୍ର ଯତ୍ନ ସୁବିଧା ଚାହୁଁଥିବା ଶିଶୁମାନଙ୍କ ଅଧିକାର ସୁରକ୍ଷା କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟି ମାଧ୍ୟମରେ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଶିଶୁମାନଙ୍କ ସମସ୍ତ ପ୍ରକାର ସୁରକ୍ଷା ସୁନିଶ୍ଚିତ କରିବା, ବାଲ୍ୟ ବିବାହ ନିରାକରଣ, ଶିଶୁ ଶ୍ରମିକ ନିଷେଧ, ମାନସିକ ସ୍ୱାସ୍ଥ୍ୟ ଓ ଶିଶୁ ଅଧିକାର ସମ୍ବନ୍ଧୀୟ ବିଷୟରେ ଅଲୋଚନା କରାଯାଇଥିଲା। ଜିଲ୍ଲାପାଳ ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଶିଶୁ ସୁରକ୍ଷା କମିଟି ସଦସ୍ୟମାନଙ୍କୁ ଏହି ବିଷୟରେ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଏବଂ ସମାଜସେବୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ଗ୍ରାମ ପଂଚାୟତରେ ଶିଶୁ ଅଧିକାର, ଶିଶୁ ଚାଲାଣ, ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ନିଷେଧ ବିଷୟରେ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।